ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON
facebook.com/paryabekhyak
FOLLOW US
ON TWITTER
twitter.com/paryabekhyak

Vol.24 . No.269 Bhubaneswar Thursday, December 16, 2021 | ୨୪ତମ ବର୍ଷ ସଂଖ୍ୟା-୨୬୮ ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୧୬, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ୟୁନେସ୍କ ଐତିହ୍ୟରେ ସାମିଲ ହେଲା କୋଲକାତା ଦୁର୍ଗାପୂଜା

କୋଲକାତା: କୋକାତା ପ୍ରସିଦ୍ଧ ଦୁର୍ଗାପୂଜାକୁ ମିଳିଛି ଅନ୍ତର୍ଜାତିକ ସ୍ୱୀକୃତୀ। ଏହି ମହୋତ୍ସବକୁ ୟୁନେସ୍କ ଐତିହ୍ୟରେ ସାମିଲ କରାଯାଇଛି। ବିଷେଶ କରି ଏହାକୁ 'ଇନଟାଞ୍ଜିବୁଲ୍ ହେରିଟେଜ୍'ରେ ସ୍ଥାନ ମିଳିଛି। ଅର୍ଥାତ ଏହାକୁ 'ଭାବାବେଗ ଐତିହ୍ୟ'ରେ ଅନ୍ତର୍ଭୁକ୍ତ କରାଯାଇଛି। ଏନେଇ ବୁଧବାର ୟୁନେସ୍କ ପକ୍ଷରୁ ଘୋଷଣା କରାଯାଇଛି। ଗତ ଡିସେମ୍ବର ୧୩ରୁ ୧୮ ମଧ୍ୟରେ ୟୁନେସ୍କ ପକ୍ଷରୁ ଆୟୋଜିତ ବାର୍ଷିକ ସମ୍ମିଳନୀରେ ଏହି ନିଷ୍ପତ୍ତି ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ନିଷ୍ପତ୍ତି ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗର୍ବର ବିଷୟ ବୋଲି ଟ୍ୱିଟ୍ କରି କହିଛନ୍ତି।କୋଲକାତା ଦୁର୍ଗା ପୂଜା ଅନନ୍ୟ ପରମ୍ପରାର ନିଦର୍ଶନ ବହନ କରେ ବୋଲି ମୋଦି କହିଛନ୍ତି। ଏଠିକାର ଦୁର୍ଗା ପୂଜାକୁ ପ୍ରଶଂସା କରି ୟୁନେସ୍କ କହିଛି ଯେ, ଏହି ମହୋତ୍ସବ ପରିବାରକୁ ଏକାଠି କରେ। ଯିଏ ଯେଉଁଠି ଥାଆନ୍ତି ସେମାନେ ଘର ମୁହାଁ ହୁଅନ୍ତି। ଏହି ପୂଜାରେ ଧର୍ମ ଏବଂ କଳାର ଅପୂର୍ବ ମିଳନ ଦେଖିବାକୁ ମିଳେ। କଳାକାର ଏବଂ ଡିଜାଇନରମାନେ ସେମାନଙ୍କ କଳା ନିପୁଣତାକୁ ପ୍ରଦର୍ଶନ କରିଥାନ୍ତି।ଦୁର୍ଗାପୂଜା ଦେଶବ୍ୟାପି ପାଳିତ ହେଉଥିଲେ ମଧ୍ୟ କୋଲକତାର ସ୍ୱତନ୍ତ୍ରତା ବେଶ ପ୍ରଶଂସନୀୟ। ବିଶେଷକରି କୋଲକତା ଦୁର୍ଗାପୂଜାକୁ ଦେଖିବା ପାଇଁ ଦେଶ ଏବଂ ଦେଶ ବାହାରୁ ପର୍ଯ୍ୟଟକମାନେ ଆସିଥାନ୍ତି।ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଟ୍ୱିଟ କରି କହିଛନ୍ତି ଯେ, ବେଙ୍ଗଲ ପାଇଁ ଗର୍ବିତ ମୁହୂର୍ତ୍ତ। ଏହା କେବଳ ଏକ ପର୍ବ ନୁହେଁ ବରଂ ଏହାଠାରୁ ଢେର ଅଧିକ। ଦୁର୍ଗାପୂଜା ଏକ ଭାବାବେଗ। ପ୍ରେମ, ଶ୍ରଦ୍ଧା ଭଲପାଇବାର ଏହି ପର୍ବ ସଭିଙ୍କୁ ଏକାଠି ଯୋଡ଼େ। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଟ୍ୱିଟ୍ କରି କହିଛନ୍ତି ଯେ, ଏହା ସବୁ ଭାରତୀୟଙ୍କ ପାଇଁ ଗର୍ବର ବିଷୟ। ଏକତାର ସୂତ୍ରରେ ବାନ୍ଧି ରଖୁଥିବା ଏହି ଦୁର୍ଗାପୂଜା ସାଂସ୍କୃତିକ ଐତିହ୍ୟର ବାର୍ତ୍ତା ବହନ କରେ ବୋଲି ଶାହ କହିଛନ୍ତି।



## ଗୋଟିଏ ଦିନରେ ୨୧୮ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୫।୧୨(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୨୧୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୫୨୧୪୫ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୨୮ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୪୧ ହଜାର ୭୨୮ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୯୨୫ ରହିଛି । ଆଜି ଚିହ୍ନଟ ହୋଇଥିବା ୨୧୮ ଜଣଙ୍କ ମଧ୍ୟରୁ ୧୨୭ ଜଣ ସଂଗରୋଧରୁ ହୋଇଥିବା ବେଳେ ୯୧ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୧୧୭ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୨, ବାଲେଶ୍ୱର ଜିଲ୍ଲାରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ଭଦ୍ରକ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଥିବ ବେଳେ ବଲାଙ୍ଗୀର ଏବଂ ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୧୫ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଓ ଗଜପତି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଂଜାମ ଜିଲ୍ଲାରେ ୫, ଜଗତସିଂହପୁର ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।ଯାଜପୁରରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୧ ତଥା କଳାହାଣ୍ଡି ଜିଲ୍ଲାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ାରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।ଖୋର୍ଦ୍ଧାରୁ ୧୧୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ନୟାଗଡ ଜିଲ୍ଲାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ପୁରୀ ଜିଲ୍ଲାରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସୁନ୍ଦରଗଡ଼ରୁ ୧୯ ଜଣ ଓ ଷ୍ଟେଟ୍ ପୁଲରୁ ୨୮ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ପ୍ରଧାନମନ୍ତ୍ରୀ କୃଷି ସିଂଚାଇ ଯୋଜନାର ସମ୍ପ୍ରସାରଣକୁ କେନ୍ଦ୍ର କ୍ୟାବିନେଟର ଅନୁମୋଦନ

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୫।୧୨ (ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ପ୍ରଧାନମନ୍ତ୍ରୀ କୃଷି ସିଂଚାଇ ଯୋଜନାକୁ ଆର୍ଥିକ ବର୍ଷ ୨୦୨୫-୨୬ ପର୍ଯ୍ୟନ୍ତ ଜାରୀ ରଖିବା ନିଷ୍ପତିକୁ ଅନୁମୋଦନ ଦେବା ଦ୍ୱାରା ଓଡ଼ିଶା ସମେତ ଦେଶର ୨୨ ଲକ୍ଷ ଚାଷୀ ଲାଭ ପାଇବେ ବୋଲି ଟ୍ୱିଟ୍ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।ଚାଷୀଙ୍କ କଲ୍ୟାଣ ଦୃଷ୍ଟିରେ ପ୍ରଧାନମନ୍ତ୍ରୀ କୃଷି ସିଂଚାଇ ଯୋଜନାକୁ ଆର୍ଥିକ ବର୍ଷ ୨୦୨୧-୨୨ରୁ ୨୦୨୫-୨୬ ପର୍ଯ୍ୟନ୍ତ ଜାରୀ ରଖିବା ପାଇଁ ନିଷ୍ପତି ନେଇଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ। ଏହି ଐତିହାସିକ ନିଷ୍ପତି ଦ୍ୱାରା ଦେଶର ୨.୫ ଲକ୍ଷ ଅନୁସୂଚିତ ଜାତି ଏବଂ ୨ ଲକ୍ଷ ଅନୁସୂଚିତ ଜନଜାତି ବର୍ଗର ଚାଷୀଙ୍କ ସମେତ ୨୨ ଲକ୍ଷ ଚାଷୀ ଲାଭ ପାଇବେ ବୋଲି ସେ କହିଛନ୍ତି। ଶ୍ରୀ ପ୍ରଧାନ କ୍ୟାବିନେଟର ଅନ୍ୟ ଏକ ନିଷ୍ପତି ନେଇ ଟ୍ୱିଟ୍ କରିଛନ୍ତି କେନ୍ଦ୍ର କ୍ୟାବିନେଟ ଦେଶରେ ସେମିକଣ୍ଡକ୍ଟର୍ସ ଏବଂ ଡ଼ିସପ୍ଲେ ମ୍ୟାନୁଫ୍ୟାକ୍ଚରିଂର ଏକ ଇକୋସିଷ୍ଟମ ତିଆରି କରିବା ପାଇଁ ଏକ ମହତ୍ୱକାଂକ୍ଷୀ ଯୋଜନାକୁ ମଞ୍ଜୁର ଦେଇଛନ୍ତି। ଏହି ଯୋଜନା ଅନ୍ତର୍ଗତ ଆଗାମୀ ୬ ବର୍ଷ ମଧ୍ୟରେ ୭୬ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ କରାଯିବାର ଯୋଜନା କରାଯାଇଛି। ଭାରତକୁ ଏକ ବିଶ୍ୱସ୍ତରୀୟ ଇଲୋକ୍ଟ୍ରୋନିକ ହବରେ ଭାବରେ ବିକଶିତ କରିବା, ମେକ୍ ଇନ୍ ଇଣ୍ଡିଆକୁ ଗତି ଦେବା, ସେମିକଣ୍ଡକ୍ଟର ଚିପ୍ସର ଡ଼ିଜାଇନ, ଫେବ୍ରିକେସନ, ପ୍ୟାକେଜିଂ ଏବଂ ଟେଷ୍ଟିଂ କ୍ଷେତ୍ରରେ ରୋଜଗାର ଏବଂ ସ୍ୱରୋଜଗାରର ସୁଯୋଗ ତିଆରି କରିବା ଦିଗରେ ଏହା ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ।ଏହାବ୍ୟତିତ ରୂପେ ଡେବିଟ୍ କାର୍ଡ ତଥା କମ୍ ମୂଲ୍ୟର ଭିମ୍ ୟୁପିଆଇ ଟ୍ରାନଜାକ୍ସନକୁ ପ୍ରୋତ୍ସାହନ ଦେବା ପାଇଁ ୧୩୦୦ କୋଟିର ସହାୟତା ରାଶିକୁ କ୍ୟାବିନେଟ୍ ମଞ୍ଜୁର ଦେଇଛି। ଏହି ନିଷ୍ପତି ଡ଼ିଜିଟାଲ ପେମେଂଟ ବ୍ୟବସ୍ଥାକୁ ଅଧିକ ବଢ଼ାଇବାରେ ସହାୟକ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

## ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସ ପାଇଁ ସ୍ୱତନ୍ତ୍ର ଅପରାଧ ନିୟନ୍ତ୍ରଣ ଶାଖା ଖୋଲାଯିବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୫।୧୨(ପି.ଏନ): ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସ ଅଂଚଳରେ ଅପରାଧ ନିୟନ୍ତ୍ରଣ ନିମନ୍ତେ ଏହି ଦୁଇ ସହରାଂଚଳ ପାଇଁ ସ୍ୱତନ୍ତ୍ର ଅପରାଧ ଅନୁସନ୍ଧାନ ଶାଖା ଖୋଲାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି । ଏଥିନିମନ୍ତେ ଆସିଥିବା ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମଞ୍ଜୁରୀ ଦେଇଛନ୍ତି। ଏହି ଶାଖା ସଂଗଠିତ ଅପରାଧ, ଅର୍ଥନୈତିକ ଅପରାଧ ତଥା ନିଶାଦ୍ରବ୍ୟ ସଂପର୍କିତ ବିଭିନ୍ନ ଅପରାଧ ସଂପର୍କରେ ଅନୁସଂଧାନ କରି ପଦକ୍ଷେପ ନେବେ। ଜଣେ ଡିସିପିଙ୍କ ଅଧୀନରେ ଏହି ସ୍ୱତନ୍ତ୍ର ଶାଖା କାର୍ଯ୍ୟ କରିବ । ଏଥିରେ ଜଣେ ଅତିରିକ୍ତ ଡିସିପି, ୩ ଜଣ ଏସିପି, ୯ଜଣ ଇନ୍ସପେକ୍ଟର, ୧୨ଜଣ ସବ୍ଇନିସ୍ପେକ୍ଟର, ୩ ଜଣ ଏଏସ୍ଆଇ (ଯୋଗାଯୋଗ), ୩ ଜଣ କନେଷ୍ଟବଳ (ଯୋଗାଯୋଗ) ଓ ୨୭ ଜଣ କନେଷ୍ଟବଳ, ଏହିପରି ୫୯ ଜଣ କର୍ମଚାରୀଙ୍କୁ ନେଇ ଏହି ଶାଖା କାର୍ଯ୍ୟ କରିବ ।ସେହିପରି କମିଶନରେଟ୍ ପୋଲିସ ଅଂଚଳରେ ବର୍ଦ୍ଧିତ ଜନସଂଖ୍ୟା ଦୃଷ୍ଟିରୁ ଲୋକଙ୍କୁ ଉତମ ପୋଲିସ ସେବା ଯୋଗାଇ ଦେବା ପାଇଁ ଏହି ଅଂଚଳରେ ୩ ଗୋଟି ନୂତନ ଥାନାକୁ ମୁଖ୍ୟମନ୍ତ୍ରୀ ମଞ୍ଜୁରୀ ପ୍ରଦାନ କରିଛନ୍ତି । ସେହି ନୂଆ ଥାନା ଗୁଡିକ ହେଲା – ପାହାଳ, ଇନ୍ଫୋଭାଲି ଓ ବୟାଳିଶମୌଜା/ବେଷ୍ଟକାର । ବାଲିଅନ୍ତା ଥାନା ଅଧୀନରେ କାମ କରୁଥିବା ପାହାଳ ଫାଣ୍ଡି, ଜଟଣୀ ଥାନା ଅଧୀନରେ କାମ କରୁଥିବା ଇନ୍ଫୋଭାଲି ଫାଣ୍ଡି ଓ କଟକ ସଦର ଥାନା ଅଧୀନରେ କାମ କରୁଥିବା ବେଷ୍ଟକାର ଫାଣ୍ଡିକୁ ଉନ୍ନୀତ କରାଯାଇ ଏହି ୩ଟି ନୂତନ ଥାନା ସୃଷ୍ଟି କରାଯାଇଛି ।

## କନ୍ଧମାଳ ଜିଲ୍ଲାକୁ ଶୀଘ୍ର ରେଳ ସଂଯୋଗ ନହେଲେ କେ. ପି.ଏଫ.ପକ୍ଷରୁ କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ଆନ୍ଦୋଳନ କରିବ

କନ୍ଧମାଳ, ୧୫।୧୨(ପି.ଏନ): ସ୍ୱାଧିନତାର ୭୪ ବର୍ଷ ବିତିଯାଇଛି ହେଲେ ସ୍ୱାଧିନତାର ସ୍ୱାଦ ଚାଖି ପାରିଲେନି କନ୍ଧମାଳ ଜିଲ୍ଲା ବାସୀ। ପାହାଡ ପର୍ବତ ଘେରା ଜିଲ୍ଲା କୁ ରେଳ ସଂଯୋଗ ହୋଇଥିଲେ ମଧ୍ୟ ଓଡିଶା ର ମଧ୍ୟ ଭାଗରେ ଅବସ୍ଥିତ କନ୍ଧମାଳ ଜିଲ୍ଲା କୁ ଏଯାଏଁ ରେଳ ସଂଯୋଗ ହୋଇପାରିନି। ଜିଲ୍ଲାରେ ପ୍ରାୟ ୭ଲକ୍ଷ ୫୦ହଜାର ଲୋକ ବସବାସ କରୁଛନ୍ତି। ଲୋକଙ୍କ ସାମଗ୍ରିକ ବିକାଶ ପାଇଁ ଗମନା ଗମନ ର ସୁବିଧା ନିହାତି ଆବଶ୍ୟକ। ହେଲେ ବାରମ୍ବାର କେନ୍ଦ୍ରସରକାର ଙ୍କ ନିକଟରେ ଦାବି ପୂରଣ ପାଇଁ ଦୀର୍ଘ ୪ବର୍ଷ ହେଲା ଲଗାତାର ଭାବେ କନ୍ଧମାଳ ପିପୂଲସ୍ ଫୋରମ୍ ଆନ୍ଦୋଳନ କରିଆସୁଛି। ଦାବି ପୂରଣ ପାଇଁ ପ୍ରଧାନମନ୍ତ୍ରୀ ଙ୍କୁ ଏକ ଲକ୍ଷ ପୋଷ୍ଟ କାର୍ଡ ପ୍ରେରଣ କରଯାଇଛି, ବାଇକ୍ ରାଲି ଓ ଗଣ ଧାରଣା, ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଦିଲ୍ଲୀ ରେ ରେଳ ମନ୍ତ୍ରଣାଳୟ ର ନିର୍ଦ୍ଦେଶକ ଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଙ୍କୁ ଭେଟି ଆଲୋଚ଼ନା କରଯାଇଛି। ରାଜ୍ୟ ରେ ବି ପରିବହନ ମନ୍ତ୍ରୀ ଶ୍ରୀଯୁକ୍ତ ପଦ୍ମନାଭ ବେହେରା ଙ୍କ ସହିତ ବି ବହୁବାର ଆଲୋଚ଼ନା କରାଯାଇଛି। ବ୍ରହ୍ମପୁର ଠାରୁ ସମ୍ବଲପୁର ଭାୟା ଫୁଲବାଣୀ ରେଳ ପ୍ରକଳ୍ପ ଘୋଷଣା କରାଯାଇଛି ଏବଂ ଟୋକନ୍ ମନି ଏକ ଲକ୍ଷ ଟଙ୍କା କେନ୍ଦ୍ର ସରକାର ଗତ ୨୦୨୦-୨୧ ବଜେଟ୍ ରେ ଦେଇଛନ୍ତି। ହେଲେ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହେଉନି ସେଥିପାଇଁ ଯଥା ଶୀଘ୍ର କନ୍ଧମାଳ ଜିଲ୍ଲା କୁ ରେଳ ସଂଯୋଗ ପାଇଁ କେନ୍ଦ୍ର ସରକାର ପଦକ୍ଷେପ ଗ୍ରହଣ କରିବା ସହିତ କାର୍ଯ୍ୟ ଆରମ୍ଭ କରିବାକୁ ଦାବି କରିଛି ଫୋରମ। ନିକଟରେ କନ୍ଧମାଳ ପିପୁଲସ୍ ଫୋରମ୍ ପକ୍ଷରୁ ସଭାପତି ଶ୍ରୀଯୁକ୍ତ ରାଧାମୋହନ ମହାପାତ୍ର ଦିଲ୍ଲୀ ଯାଇ ରେଳମନ୍ତ୍ରୀ ଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ରେଳ ସଂଯୋଗ କାର୍ଯ୍ୟ ଆରମ୍ଭ କରି କନ୍ଧମାଳ ବାସୀଙ୍କୁ କେନ୍ଦ୍ର ସରକାର ନ୍ୟାୟ ଦିଅନ୍ତୁ ବୋଲି କହିଛନ୍ତି । ନଚେତ୍ ଆଗମୀ ଦିନରେ କେନ୍ଦ୍ର ସରକାର ଙ୍କ ବିରୁଦ୍ଧରେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ଶ୍ରୀଯୁକ୍ତ ରାଧାମୋହନ ମହାପାତ୍ର ଗଣମାଧ୍ୟମ କୁ ସୂଚ଼ନା ଦେଇଛନ୍ତି।

## କରୋନାରୁ ସୁସ୍ଥ ହେଲେ ୧୦୮ ଆକ୍ରାନ୍ତ

ଭୁବନେଶ୍ୱର, ୧୫।୧୨(ପି.ଏନ): ରାଜ୍ୟରେ ଆଜି ୧୦୮ ଜଣ ଆକ୍ରାନ୍ତ କରୋନା ସଂକ୍ରମଣରୁ ସୁସ୍ଥ ହୋଇଛନ୍ତି। ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୪୧ ହଜାର ୮୩୬ରେ ପହଂଚିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୪୬ ଜଣ ଓ ପୁରୀ ଜିଲ୍ଲାରୁ ୧୭ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି।

## ଚିତରଞ୍ଜନ ମୃତ୍ୟୁ ମାମଲାର କ୍ରାଇମବ୍ରାଂଚ ତଦନ୍ତ ନିର୍ଦ୍ଦେଶ ଦେଲେ ଡିଜି

ଭୁବନେଶ୍ୱର, ୧୫।୧୨(ପି.ଏନ): ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ସଞ୍ଜୟ ଦାସବର୍ମାଙ୍କ ଘରୋଇ ସୁରକ୍ଷା କର୍ମୀ ଚିତରଞ୍ଜନ ପଲେଇ (୨୨)ଙ୍କ ମୃତ୍ୟୁ ମାମଲାରେ ବିବାଦ ବଢିବା ପରେ ଏହି ମାମଲାର କ୍ରାଇମ ବ୍ରାଂଚ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ପୋଲିସ ମହାନିର୍ଦ୍ଦେଶକ ଅଭୟ । ଡିଜିପି କାର୍ଯ୍ୟାଳୟ ପକ୍ଷରୁ ଏ ନେଇ ପ୍ରେସ ବିଜ୍ଞପ୍ତି ଜାରି କରାଯାଇଛି। ଚିତରଂଜନଙ୍କୁ କିଏ ଏବଂ କାହିଁକି ହତ୍ୟା କଲା, ଏହା ପଛର କାରଣ କ୍ରାଇମ ବ୍ରାଂଚ ଖୋଜିବ । ଉଲ୍ଲେଖନୀୟ ଯେ , ଗତ ୧୧ ତାରିଖରେ ଚିତରଞ୍ଜନ ଭୋଜି କରିବାକୁ ଯାଇ ଆଉ ଫେରି ନଥିଲେ । ଡିସେମ୍ବର ୧୩ରେ ପୁରୀ ସଦର ଥାନା ଅନ୍ତର୍ଗତ ଭାର୍ଗବୀ-ନୂଆନଈଠାରେ ଚିତରଞ୍ଜନଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଚିତରଞ୍ଜନଙ୍କୁ ତାଙ୍କ ସାଙ୍ଗମାନେ ଅପହରଣ ପରେ ହତ୍ୟା କରିଥିବା ଅଭିଯୋଗ କରି ତାଙ୍କ ପରିବାର ବର୍ଗ ପକ୍ଷରୁ ଥାନାରେ ଏତଲା ଦିଆ ଯାଇଥିଲା ।

## ଇକୋ ରିଟ୍ରିଟ୍ ର ଉଦଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୫।୧୨(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ମାଧ୍ୟମରେ ରାଜ୍ୟର ମୋଟ ୭ ଟି ସ୍ଥାନରେ ଇକୋ ରିଟ୍ରିଟର ଉଦଘାଟନ କରିଛନ୍ତି । ଗତବର୍ଷ ପରି ୫ଟି ସ୍ଥାନରେ ଇକୋ ରିଟ୍ରିଟ୍ ଆୟୋଜିତ ହୋଇଥିବା ବେଳେ ଚଳିତ ବର୍ଷ ପ୍ରଥମ କରି କୋରାପୁଟ ଓ ଗଞ୍ଜାମରେ ଇକୋ ରିଟ୍ରିଟ୍ ର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ । ପର୍ଯ୍ୟଟକମାନେ କୋଣାର୍କ, ଦାରିଙ୍ଗବାଡ଼ି, ଭିତରକନିକା, ସମ୍ବଲପୁର, ସାତକୋଶିଆ ସମେତ କୋରାପୁଟ ଓ ଗଞ୍ଜାମରେ ଏହି ନିଆରା ଉତ୍ସବର ମଜା ନେଇ ପାରିବେ ।

## ଭୁବନେଶ୍ୱର-ନୟାଗଡ଼ ଟାଉନ୍ ମେମୁରେ ସିସିଟିଭି

ଭୁବନେଶ୍ୱର, ୧୫।୧୨(ପି.ଏନ): ଭୁବନେଶ୍ୱର-ନୟାଗଡ଼ ଟାଉନ ମେମୁ ଟ୍ରେନ ରେ ସିସିଟିଭି ପର୍ଯ୍ୟବେକ୍ଷଣ ସହିତ ଆଧୁନିକ ସୁବିଧା ଯୋଗାଇ ଦିଆଯାଇଛି । ଟ୍ରେନ୍ ସମ୍ବନ୍ଧୀୟ ସୂଚନା ପାଇଁ ଜିପିଏସ୍ ଆଧାରିତ ପାସେଞ୍ଜର ଇନଫରମେସନ୍ ସିଷ୍ଟମ୍ ଏବଂ ପାସେଞ୍ଜର ଆଡ୍ରେସ ସିଷ୍ଟମ୍, ଭିତର ପ୍ୟାନେଲଗୁଡିକ ମଧ୍ୟ ଫାଇବର-ସଶକ୍ତ ପ୍ଲାଷ୍ଟିକ୍ ଦ୍ୱାରା ନିର୍ମାଣ କରାଯାଇଛି ଯାହାକି ଏକ ମନୋରମ ସୌନ୍ଦର୍ଯ୍ୟ ଦୃଶ୍ୟ ପ୍ରଦାନ କରାଇବ ।ଏହି ଟ୍ରେନ ଷ୍ଟେନଲେସ୍ ଷ୍ଟିଲ୍ ଦ୍ୱାରା ନିର୍ମିତ ଏବଂ ବାୟୁ ପ୍ରତିରୋଧକୁ ହ୍ରାସ କରିବା ପାଇଁ ଏରୋଡାଇନାମିକ୍ ଆକୃତିର ଷ୍ଟେନଲେସ୍ ଷ୍ଟିଲ୍ ଏବଂ ଅଗ୍ର ଭାଗ ଗୁଡିକ ବାୟୁ ପ୍ରତିରୋଧ କରିଥାଏ ଯାହାଦ୍ୱାରା ଶକ୍ତି ସଂଚୟ ହୁଏ । ଏର୍ଗୋନୋମିକ୍ ରଜତ ଡ୍ରାଇଭ୍ ଡେସ୍କ ଏକ ଉତମ ଦୃଶ୍ୟ ଏବଂ ଟ୍ରେନ ପରିଚାଳନା ପାଇଁ ସହଜ କରାଇଥାଏ । ଜର୍କ ମୁକ୍ତ ଯାତ୍ରା ପାଇଁ ଏୟାର ସସପେନ୍ସ ମନିଟରିଂ ସିଷ୍ଟମ ଏବଂ ଶୀତତାପ ନିୟନ୍ତିତ ଡ୍ରାଇଭର କ୍ୟାବିନ ଡ୍ରାଇଭରର ଆରାମକୁ ନିଶ୍ଚିତ କରାଇଥାଏ । ଏହି ମେମୁ ଟ୍ରେନ୍ ରେ ନିରାପଦ ଯାତ୍ରା ପାଇଁ ଷ୍ଟେନଲେସ୍ ଷ୍ଟିଲ୍ ସ୍ଲିପ୍ ଫ୍ରି ଚଟାଣ, ଆରାମଦାୟକ ଯାତ୍ରା ପାଇଁ କୁସନ ଯୁକ୍ତ ବେଂଚ, ସୁରକ୍ଷିତ ଏବଂ ସହଜ ଭାବେ ଗୋଟିଏ କୋଚ ରୁ ଅନ୍ୟ କୋଚ୍ ଭ୍ରମଣ ପାଇଁ କୋଚ୍ ମଧ୍ୟରେ ବ୍ୟାପକ ଭେଷ୍ଟିବୁଲ୍, ଯାତ୍ରୀଙ୍କ ସହଜ ପ୍ରବେଶ ଏବଂ ପ୍ରସ୍ଥାନ ପାଇଁ ହାଲୁକା ଆଲୁମିନିୟମ୍ ଦ୍ୱୈତ ସ୍ଲାଇଡିଂ କବାଟ ଅଛି । ଉନ୍ନତ ଯାତ୍ରା ପାଇଁ ସେକେଣ୍ଡାରୀ ସସ୍ପେନସନ ବଗି, ଉନ୍ନତ ହ୍ୟାଣ୍ଡ ହୋଲଡ଼ ଏବଂ ଷ୍ଟେନଲେସ୍ ଷ୍ଟିଲ୍ ମଡ୍ୟୁଲାର୍ ଟଏଲେଟ୍ ସହିତ ବାୟୋ-ଧାରଣ ଏବଂ ଟ୍ରାକ୍ ଉପରେ ସ୍ପିଲେଜ୍ ରୋକିବା, ଏଲଇଡି ଲାଇଟ୍, ଷ୍ଟେନଲେସ୍ ଷ୍ଟିଲ୍ ଲଗେଜ୍ ରେକ୍, ଆଭ୍ୟନ୍ତରୀଣ ସାଜସଜ୍ୟାରେ ଫାଇବର ରିଫୋର୍ଡ ପ୍ଲାଷ୍ଟିକ୍ ସ୍ଥାନ ଇତ୍ୟାଦି ଯୋଗାଇ ଦିଆଯାଇଛି ।ମେମୁ ରେକ୍ ଆଠଟି କୋଚ୍ କୁ ନେଇ ଗଠିତ ଏବଂ ଏଥିରେ ଛିଡ଼ାହୋଇ ଯାତ୍ରା କରୁଥିବା ଯାତ୍ରୀଙ୍କ ବ୍ୟତୀତ ୬୧୪ ଜଣ ବସିକି ଯାତ୍ରା କରିପାରିବେ ।

## ମଲା ଲୋକ ନେଉଛନ୍ତି କୋଭିଡ୍ ଟିକା

ଖୋର୍ଦ୍ଧା, ୧୫।୧୨(ପି.ଏନ): ମଲା ଲୋକ ନେଉଛନ୍ତି କୋଭିଡ୍ ଟିକା। ଏପରି ଅଭିଯୋଗ ଆସିଛି ରାଜଧାନୀ ଭୁବନେଶ୍ୱର ଉପକଣ୍ଠ ଖୋର୍ଦ୍ଧା ସହରାଞ୍ଚଳରୁ। ତେବେ ଏଠି ସାଧାରଣରେ ପ୍ରଶ୍ନ ଉଠୁଛି, ଜଣେ ବୃଦ୍ଧା ମରିବାର ୪ ମାସ ପରେ କେମିତି ନେଲେ କୋଭିଡ୍ ଟିକାର ଦ୍ୱିତୀୟ ଡୋଜ୍। ସେପଟେ ତୃଟିକୁ ସ୍ୱୀକାର କରିଛନ୍ତି ଖୋର୍ଦ୍ଧା ସିଡିଏମ୍ଓ ।ଖୋର୍ଦ୍ଧା ସହରର ପ୍ରଫୁଲ୍ଲ କୁମାର ଦାସଙ୍କ ମାଆ ହେଉଛନ୍ତି ଇନ୍ଦୁମଣୀ ଦାସ। ଅଗଷ୍ଟ ୮ ତାରିଖରେ ତାଙ୍କ ମାଆଙ୍କର ମୃତ୍ୟୁ ଘଟିଥିଲା। ଇନ୍ଦୁମଣୀଙ୍କ ମୃତ୍ୟୁକୁ ୪ ମାସ ବିତିଥିବା ବେଳେ ସୋମବାର ତାଙ୍କ ପୁଅ ପ୍ରଫୁଲଙ୍କ ମୋବାଇଲକୁ ଏକ ମେସେଜ ଆସିଥିଲା। ଯେଉଁଥିରେ ଲେଖାଯାଇଛି, ଡିସେମ୍ବର ୧୩ ତାରିଖରେ ଇନ୍ଦୁମଣୀ ଖୋର୍ଦ୍ଧା ମୁଖ୍ୟ ଚ଼ିକିତ୍ସାଳୟର ଟ୍ରମାକେୟାର କେନ୍ଦ୍ରରେ କୋଭିଡର ଦ୍ୱିତୀୟ ଡୋଜ୍? ଟିକା ସଫଳତାର ସହିତ ନେଲେ। ତାଙ୍କୁ ଟିକା ଦେଇଛନ୍ତି ନର୍ସ ମାତାଜି ବେହେରା ବୋଲି ମେସେଜ୍‌ରେ ଲେଖା ଯାଇଛି ।ପ୍ରଫୁଲ୍ଲ ଏହି ମେସେଜ୍ ଦେଖି ଆଶ୍ଚର୍ଯ୍ୟ ଚ଼କିତ ହୋଇଯାଇଥିଲେ। ମାଆ ମରିବାକୁ ୪ ମାସ ବିତି ଯାଇଥିବା ବେଳେ ସୋମବାର ସେ କେମିତି ଟିକା ନେଲେ ବୋଲି ପ୍ରଶ୍ନ କରିଛନ୍ତି ପ୍ରଫୁଲ୍ଲ। ଏନେଇ ସେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚ଼ିକିତ୍ସା ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛନ୍ତି। ଏପରି ତଥ୍ୟ ସାମ୍ନାକୁ ଆସିବା ପରେ ଟିକା କରଣକୁ ନେଇ ବୁଦ୍ଧିଜୀବୀ ମହଲରେ ସନ୍ଦେହ ପ୍ରକାଶ ପାଇଛି। ସରକାର ବାହାବା ନେବା ପାଇଁ କୋଭିଡ୍ ଟିକାର ତଥ୍ୟକୁ ମନଇ଼ଛା ବଢ଼ାଉଥିବା ଅଭିଯୋଗ ହେଉଛି। ମୃତ ବ୍ୟକ୍ତି କୋଭିଡ୍ ଟିକା ନେଇଥିବା ନେଇ ଅଭିଯୋଗ ଆସିବା ପରେ ସ୍ପଷ୍ଟୀକରଣ ରଖିଛି ସ୍ୱାସ୍ଥ୍ୟ ବିଭାଗ। ଖୋର୍ଦ୍ଧା ସିଡିଏମ୍ଓ ବିଶ୍ୱ ରଂଜନ ପତି କହିଛନ୍ତି, ଏକ କାଳିନ ଏତେ ସଂଖ୍ୟାରେ କାମ ହେଉଥିବାରୁ ତୃଟି ହୋଇଯାଇଥିବ। ତଥାପି ଆସିଥିବା ଅଭିଯୋଗର ତଦନ୍ତ କରି ସରକାରଙ୍କୁ ରିପୋର୍ଟ ଦିଆଯିବ ବୋଲି ସେ କହିଛନ୍ତି ।ସେପଟେ ଖୋର୍ଦ୍ଧା ଜିଲ୍ଲାରେ ଟିକାଦାନ ହାର ଯଥେଷ୍ଟ ଭଲ ବୋଲି କହିଛି ସ୍ୱାସ୍ଥ୍ୟ ବିଭାଗ। ବିଭାଗ କହିଛି ୧୮ ବର୍ଷରୁ ଅଧିକ ବ୍ୟକ୍ତି ବିଶେଷଙ୍କୁ କୋଭାକସିନ୍ ଏବଂ କୋଭିସିଲ୍ଡ ଟିକା ପ୍ରଥମ ଡୋଜ୯୫ ପ୍ରତିଶତ ଓ ଦ୍ୱିତୀୟ ଡୋଜ୍ ୬୫ ପ୍ରତିଶତ ଦିଆଯାଇଛି। ଖୁବ୍‌ଶୀଘ୍ର ଏହି ସଂଖ୍ୟା ୧୦୦ ପ୍ରତିଶତ ହୋଇଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ସୂଚ଼ନା ଦେଇଛି।



## ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ସ୍ମାର୍ଟ ହେଲ୍ଥ କାର୍ଡ ଯୋଜନାରେ ସାମିଲ ହେଲା ସାରା ଓଡିଶା

ଭୁବନେଶ୍ୱର, ୧୫।୧୨(ପି.ଏନ): ମାଲକାନଗିରି ରୁ ଅଗଷ୍ଟ ୨୦ ତାରିଖରେ ଆରମ୍ଭ ହୋଇଥିବା ସେବା ଓ ପ୍ରତିବଦ୍ଧତା ର ଏ ଅଭିଯାନ ଆଜି ଯାଜପୁର ରେ ଉଦ୍ ଯାପିତ ହୋଇଛି ।ରାଜ୍ୟର ୯୬ ଲକ୍ଷ ପରିବାରର ସାଢେ ତିନି କୋଟି ଲୋକ ସାମିଲ ହୋଇଛନ୍ତି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟ ହେଲ୍ଥ କାର୍ଡ କାର୍ଯ୍ୟକ୍ରମରେ । ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍ଫରେନ୍ସିଂ ଜରିଆରେ କେନ୍ଦ୍ରାପଡା ଓ ଯାଜପୁର ଜିଲ୍ଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ସ୍ମାର୍ଟ ହେଲ୍ଥ କାର୍ଡ ବଂଟନର ଶୁଭାରମ୍ଭ କରିଛନ୍ତି। ଏହାସହିତ ରାଜ୍ୟର ୩୦ଟି ଜିଲ୍ଲା ଏହି ଯୋଜନାରେ ସାମିଲ ହୋଇଛନ୍ତି। କେନ୍ଦ୍ରାପଡାର ସାଢେ ୧୧ ଲକ୍ଷ ଲୋକ ଏହି ସୁବିଧା ପାଇବା ବେଳେ ଯାଜପୁରର ୧୫ ଲକ୍ଷ ୪୦ ହଜାର ଲୋକ ସ୍ମାର୍ଟ କାର୍ଡ ପାଇବେ ।ଏହି ଅବସରରେ ଉଭୟ ଜିଲ୍ଲାରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟ ହେଲ୍ଥ କାର୍ଡ ରାଜ୍ୟବାସୀଙ୍କୁ ଚିକିତ୍ସା ଖର୍ଚ୍ଚ ଚିନ୍ତାରୁ ଦୂର କରିବ। ଖଣ୍ଡିଏ କାର୍ଡ ଧରି ରାଜ୍ୟର ସବୁଠାରୁ ଗରିବ ଲୋକଟିଏ ମଧ୍ୟ ଦେଶର ସବୁଠାରୁ ଭଲ ହସ୍‌ପିଟାଲରେ ବିନା ପଇସାରେ ପାଇପାରିବ ଚିକିତ୍ସା ସୁବିଧା। ଏହାଦ୍ୱାରା ସେ ନିଜେ ବ୍ୟକ୍ତିଗତ ଭାବରେ ବହୁତ ଖୁସି ବୋଲି ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡା ଜିଲ୍ଲାରେ ୧୫୦୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। କେନ୍ଦ୍ରାପଡା ସହିତ ବିଜୁ ବାବୁଙ୍କର ସଂପର୍କକୁ ମନେ ପକାଇ ସେ କହିଥିଲେ ଯେ କେନ୍ଦ୍ରାପଡା ଥିଲା ବିଜୁ ବାବୁଙ୍କ କର୍ମଭୂମି। କେନ୍ଦ୍ରାପଡାବାସୀଙ୍କ ସୁଖଦୁଃଖରେ ସେ ସାମିଲ ଥିଲେ। ଆଜି ମଧ୍ୟ କେନ୍ଦ୍ରାପଡାର ମାଟି, ପାଣି ଓ ପବନରେ ବିଜୁ ବାବୁଙ୍କ ସ୍ମୃତି ଜଡିତ ହୋଇ ରହିଛି ।ମୁଖ୍ୟମନ୍ତ୍ରୀ କହିଥିଲେ ଯେ କେନ୍ଦ୍ରାପଡାରେ ଇସ୍ପାତ ଶିଳ୍ପ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ବିଶ୍ୱ ପ୍ରସିଦ୍ଧ ଷ୍ଟିଲ କମ୍ପାନୀ ଆରସେଲର ମିତଲ ସହିତ ରାଜିନାମା କରିଛନ୍ତି। ଏହାଦ୍ୱାରା କେନ୍ଦ୍ରାପଡା ଜିଲ୍ଲା ଦେଶର ଶିଳ୍ପ ମାନଚିତ୍ରରେ ଯୋଡି ହେବ ବୋଲି ସେ କହିଥିଲେ। କେନ୍ଦ୍ରାପଡାର ଭୂମିହୀନ ଚାଷୀମାନଙ୍କ ପାଇଁ ବଳରାମ ଯୋଜନାରେ ୨୧ ହଜାର ଚାଷୀଙ୍କୁ ୪୩ କୋଟି ଟଙ୍କାର ସହାୟତା ଦିଆଯାଇଛି ବୋଲି ପ୍ରକାଶ କରି ସେ କହିଥିଲେ ଯେ ଭୂମିହୀନ ଚାଷୀଙ୍କୁ ସହାୟତା ଦେବାରେ ଓଡିଶା ସାରା ଦେଶରେ ଏକ ନମ୍ବର ।ସେହିପରି ଯାଜପୁରରେ ମୁଖ୍ୟମନ୍ତ୍ରୀ ୨୦୦୦ କୋଟି ଟଙ୍କା ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ଯାଜପୁରର ମିଶନ ଶକ୍ତିର ମା ମାନଙ୍କ କାମକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସେମାନଙ୍କର ବିଜିନେସକୁ ବଢାଇବା ପାଇଁ ୨୨୨ କୋଟି ଟଙ୍କାର ଋଣ ସହାୟତା ଦିଆଯାଇଛି । ଭଲ ପିଇବା ପାଣି ଉପରେ ରାଜ୍ୟ ସରକାରଙ୍କ ଗୁରୁତ୍ୱ ରହିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଯାଜପୁର ମ୍ୟୁନିସ୍‌ପାଲଟିର ସବୁ ପରିବାରକୁ ପାଇପ ପାଣିର ସୁବିଧା ଦିଆଯାଇପାରିଛି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବ୍ୟାସନଗର ସହିତ ଆଉ ୮ଟି ବ୍ଲକ୍ ରେ ପାଇପ ପାଣି ପାଇଁ ୧୦୦୦ କୋଟି ଟଙ୍କାର ପ୍ରକଳ୍ପ ଆରମ୍ଭ କରାଯାଇଛି। ସେହିପରି ବରି ଓ କୋରେଇ ବ୍ଲକ୍ ପାଇଁ ମଧ୍ୟ ପାଇପ ପାଣିର ପ୍ରକଳ୍ପ ପ୍ରସ୍ତୁତ କରାଯାଉଛି ବୋଲି ସେ କହିଥିଲେ। ୨୦୨୪ ସୁଦ୍ଧା ଜିଲ୍ଲାର ସବୁ ପରିବାରକୁ ପାଇପ ପାଣିର ସୁବିଧା ଯୋଗାଇ ଦିଆଯିବ ବୋଲି ସେ ଘୋଷଣା କରିଥିଲେ ।ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡାରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନବକିଶୋର ଦାସ, ଜଳସଂପଦ ଏବଂ ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, କେନ୍ଦ୍ରାପଡା ବିଧାୟକ ଶଶୀ ଭୂଷଣ ବେହେରା ଏବଂ ଯାଜପୁରରେ ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ ଅଶୋକ ପଣ୍ଡା ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସରକାରୀ ମୁଖ୍ୟ ସଚେତକ ଶ୍ରୀମତୀ ପ୍ରମିଳା ମଲ୍ଲିକ ,ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ସମେତ ଯାଜପୁର ର ସମସ୍ତ ବିଧାୟକ ଓ ସାଂସଦ ଉପସ୍ଥିତ ଥିଲେ ।ଏହି କାର୍ଯ୍ୟକ୍ରମ ରେ ରାଜ୍ୟର ତିରିଶ ଜିଲ୍ଲା ର କଳାକାର ମାନେ ଯୋଗ ଦେଇଥିଲେ । ଶେଷରେ ଆକର୍ଷଣୀୟ ଆତସବାଜି ପ୍ରଦର୍ଶନ କରାଯାଇଥିଲା ।

## ସୁନୀଲ ବଂଶଲ ନୂଆ ପୋଲିସ୍ ଡିଜି

ଭୁବନେଶ୍ୱର, ୧୫।୧୨(ପି.ଏନ): ବରିଷ୍ଠ ଆଇପିଏସ ସୁନୀଲ ବଂଶଲ ହେବେ ଓଡିଶାର ନୂଆ ପୋଲିସ୍ ମହାନିର୍ଦ୍ଦେଶକ। ଏନେଇ ବୁଧବାର ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। କେନ୍ଦ୍ରୀୟ ଡେପୁଟେସନ୍ ରେ ଥିବା ୧୯୮୭ ବ୍ୟାଚର ବରିଷ୍ଠ ଆଇପିଏସ ସୁନୀଲ ବଂଶଲ ନୂଆ ବର୍ଷରେ ଦାୟିତ୍ୱ ଗ୍ରହଣ କରିବେ। ବର୍ତ୍ତମାନ ସେ ଦିଲ୍ଲୀ ଠାରେ ଗୁଇନ୍ଦା ବିଭାଗର ସ୍ୱତନ୍ତ୍ର ନିର୍ଦ୍ଦେଶକ ଅଛନ୍ତି ।ଓଡ଼ିଶା ପୋଲିସ୍ ପକ୍ଷରୁ ଏ ନେଇ ଟ୍ୱିଟ୍ ଯୋଗେ ସୂଚନା ଦିଆଯାଇଛି। ନୂଆ ଡିଜିପି ଭାବେ ବଂଶଲଙ୍କୁ ସ୍ୱାଗତ କରାଯିବା ସହ ତାଙ୍କ ନେତୃତ୍ୱରେ କାମ କରିବାକୁ ଓଡ଼ିଶା ପୋଲିସ୍ ଉତ୍ସାହିତ ଥିବା ଟ୍ୱିଟ କରାଯାଇଛି। ବର୍ତମାନର ଡିଜିପି ଅଭୟ ଡିସେମ୍ବର ୩୧ ତାରିଖରେ ଅବସର ଗ୍ରହଣ କରିବେ। ଅଭୟଙ୍କ କାର୍ଯ୍ୟକାଳ ଚଳିତ ବର୍ଷ ଜୁନ ମାସରେ ଶେଷ ହେଉଥିଲା, ହେଲେ ପରେ ଏହାକୁ ୬ ମାସ ବୃଦ୍ଧି କରାଯାଇଥିଲା। ଅଭୟଙ୍କ ପରେ କିଏ ପରବର୍ତୀ ଡିଜିପି ରେସ୍ ରେ ପ୍ରଦୀପ କପୁର, ମନୋଜ ଛାବ୍ରା, ସୁନୀଲ ବଂଶଲ ଓ ସନ୍ତୋଷ ଉପାଧାୟଙ୍କ ନାଁ ରହିଥିଲା ।






# ଟି ଟାଇମ୍

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ। ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ ।

# ପୁରାଣ କାହାଣୀ

## ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣମା ଦିନ ଏହି ଓଷା ପାଳନ କରାଯାଏ। ମାର୍ଗଶିର ପୂର୍ଣ୍ଣମାକୁ ପଣ୍ଡୁ ପୂର୍ଣ୍ଣିମା ମଧ କୁହାଯାଏ। ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ। ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ। ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ। ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ। ନାରୀମାନେ ଏହି ବ୍ରତ ମାଧମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି। ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା। ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି। ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ। ଚିତା ଓ ମୁରୁଜ ତା’ ଉପରେ ପକାଯାଏ। ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ। ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା। ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ। ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ। ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ ବଢ଼ାଯାଏ। ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ। ନାରୀଜାତି ବିଶେଷ କରି ମା’ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ।

## ପଠାଣି ସାମନ୍ତ



ଆଜିର ଦିନରେ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି । ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ। ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ। ପରେ ଖଣ୍ଡପଡା ନିକଟସ୍ଥ ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ। ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର। ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ। ବିଚିତ୍ରବର୍ଣ୍ଣ। ବ୍ରହ୍ମାଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ। ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ। ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ। ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ। ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ। ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ। ପଠାଣୀ ସାମାନ୍ତ ୧୮୬୯ ରେ ‘ସିଦ୍ଧାନ୍ତ ଦର୍ପଣ’ ଲେଖିବା ଆରମ୍ଭ କରିଥିଲେ। ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା। ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ) । ଏହି ଗ୍ରନ୍ଥର ମୋଔଟ ଶ୍ଳୋକ ସଂଖ୍ୟା ୨୫୦୦। ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି। ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ସିଂହ ସହିତ ବନ୍ଧୁତା



ସିଂହ, ବାଘ ଭଳି ହିଂସ୍ର ଜନ୍ତୁଙ୍କର ନାମ ଶୁଣିଲେ ସମସ୍ତଙ୍କ ମନରେ ଭୟ ଆସିଯାଏ । କିନ୍ତୁ ଜଣେ ଝିଅ ଅଛି ଯିଏ ସିଂହ ଓ ବାଘମାନଙ୍କ ଗହଣରେ ବିନା ଡରଭୟରେ ରହିଥାଏ । ହଁ, ଆଜ୍ଞା ନାମ୍ବିୟାର ବୁଶ ଗର୍ଲ ନାମରେ ପ୍ରସିଦ୍ଧ ମାର୍ଲିସି ଭାନଡେର ମେରୱେ ବିନା ଡରରେ ସିଂହ ଓ ବାଘ ପାଖକୁ ଯାଇଥାନ୍ତି । ସୋସିଆଲ ସାଇଡ଼ରେ ବି ଏହି ଝିଅର ସାହସିକତା ଭିଡ଼ିଓ ଭାଇରାଲ ହୋଇସାରିଲାଣି ଓ ସେ ଝିଅଟି ସେନ୍ ବୁସମେନ୍ ସମୁଦାୟ ପାଖରେ ରହୁଥିବା କାରଣରୁ ତାକୁ ବୁସ୍ ଗର୍ଲର ନାମ ଦିଆଯାଇଛି । କହି ରଖୁଛୁ ନାମ୍ବିୟାର ପ୍ରସିଦ୍ଧ ସଂରକ୍ଷଣବାଦୀ ଓ ଟିଭି କାର୍ଯ୍ୟକ୍ରମ ପ୍ରସ୍ତୁତକର୍ତ୍ତା ମର୍ଲିସି ଯିଏ ୩୦ବର୍ଷରୁ ଏହି ବନ୍ୟ ଜନ୍ତୁଙ୍କ ମଧ୍ୟରେ ରହିଆସୁଛନ୍ତି । କଥା କ’ଣ କି ନାମ୍ବିୟାର ଜାତୀୟ ଉଦ୍ୟାନରେ ବନ୍ୟଜନ୍ତୁଙ୍କ ମଧ୍ୟରେ ତାଙ୍କ ପିତାଙ୍କର ଫାର୍ମ ହାଉସ ଅଛି ଓ ସେଠି ୯ରୁ ଅଧିକ ଜଙ୍ଗଲୀ ଚିତା ଅଛନ୍ତି । ମର୍ଲିସି ଚିତାମାନଙ୍କୁ ଡରିବା ପରିବର୍ତ୍ତେ ଚିତାମାନେ ତାଙ୍କର ବୋଲମାନନ୍ତି । ମର୍ଲିସି ବିନା ଭୟରେ ତାଙ୍କର ମୋଟର ଗାଡ଼ି ଧରି ଚାଲିଯା’ନ୍ତି ଚିତାଙ୍କ ଗହଣକୁ। ଚିତା ଯେତେବେଳେ ଆକ୍ରମଣ କରିବା ପାଇଁ ଆସନ୍ତି ମର୍ଲିସିଙ୍କୁ ଦେଖି ଶାନ୍ତ ହୋଇଯା’ନ୍ତି ।

# ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି। କାଗଜରେ ନିର୍ଦ୍ଦେଶ ବି ଆସୁଛି। ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ। ତା’ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି। ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା। କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା। ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା। ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା। ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ। ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ ‘ଏନଭିଗ୍ରୀନ’ ନାମରେ ଏକ କମ୍ପାନୀ। ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ। ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ। ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ। ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ। ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ। ବ୍ୟବହାର ଅନୁପୋଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ। ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ। କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି। ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି। ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇଞ୍ଜିନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରୀଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି। ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି। ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି। ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି। କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି। ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି। ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ। ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ। ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି। ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି। ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି।






# ଆସ ପାଠାଗାରଟିଏ ଖୋଜିବା !



ପାଠାଗାରଟିଏ କେବଳ ବହିମାନଙ୍କର ସଂଗ୍ରହାଳୟ ନୁହେଁ, ପାଠକ ତଥା ଗବେଷକମାନଙ୍କ ପାଇଁ ଏହା ଅମୂଲ୍ୟ ସଂପଦର ଗନ୍ତାଘର । ଏହା ଏକ ବୃହତ୍ ଜ୍ଞାନ ଆହରଣ କେନ୍ଦ୍ର କହିଲେ ଅତ୍ୟୁକ୍ତି ହେବ ନାହିଁ । ଆସନ୍ତୁ ବିଚାରିବା ପାଠାଗାରଟିଏ କିମିତି ନିଜ କଳେବରକୁ ସମୃଦ୍ଧି କରିଥାଏ । ପ୍ରଥମତଃ ଯେଉଁମାନେ ପାଠାଗାରଟିଏ ପାଇଁ ଉଦ୍ୟୋକ୍ତା ସେମାନେ ନିଜେ କିଛି ବହି ଦାନ ବା କ୍ରୟ ସୂତ୍ରରେ ଦେଇଥାନ୍ତି । ଦ୍ୱିତୀୟତଃ ସରକାରଙ୍କ ଅନୁଦାନ ଆକାରରେ କିଛି ବହି ଭିନ୍ନ ଭିନ୍ନ ମାଧ୍ୟମରେ ମିଳିଥାଏ ଯେମିତି ରାଜା ରାମମୋହନ ପାଠାଗାର ଫଣ୍ଡ ବା ଟ୍ରଷ୍ଟରୁ ପ୍ରତିବର୍ଷ ରେଜେଷ୍ଟ୍ରିଭୁକ୍ତ ପାଠାଗାରମାନଙ୍କୁ ଆବେଦନ କରିଥିଲେ ଯୋଗାଇ ଦେଇଥାଏ । ତୃତୀୟତଃ କୌଣସି ବଦାନ୍ୟ ବ୍ୟକ୍ତି କ୍ରୟ ବା ସଂଗ୍ରହ କରି ଅଥବା ନିଜ ପାଖରେ ଗଚ୍ଛିତ ପୁରୁଣା ବହିକୁ ପାଠାଗାରମାନଙ୍କୁ ଦାନ କରିଥାନ୍ତି । ଏହାବ୍ୟତୀତ ଅନ୍ୟାନ୍ୟ ଉତ୍ସ ଅଛି । ଏକଥା ସୂଚାଇ ଦେଉ ଯେ କୌଣସି ଜ୍ଞାନୀ, ଗୁଣୀ ଅଥବା ଶିକ୍ଷିତ ବ୍ୟକ୍ତି ବହିଟି ପଢ଼ିସାରିଲା ପରେ ଯେତେବେଳେ ଆଉ ଆବଶ୍ୟକତା ନଥାଏ, ସେ ତାକୁ କବାଡ଼ିଆକୁ ନ ବିକି ତାକୁ କୌଣସି କାର୍ଯ୍ୟକ୍ଷମ ପାଠାଗାରକୁ ଦାନ କରିଥାନ୍ତି, ସେଥିପାଇଁ ସେ ପାଠାଗାରଟି ଖୋଜିବୁଲେ ଯେଉଁଠି ତା ବହିଗୁଡ଼ିକ ତାଙ୍କର ମର୍ଯ୍ୟାଦା ଦେବେ । ଏକଥା ତ ଆମେ ଜାଣୁ ଯେ ପ୍ରକୃତ ପାଠକଟିଏ ସେମିତି ତା ପାଇଁ ଭଲ ପାଠାଗାରଟିଏ ଖୋଜେ ଯେଉଁଠି ସେ ତାର ଈପ୍ସିତ ଜ୍ଞାନ ପାଇବ । ଅର୍ଥାତ୍ ଦାତା ଖୋଜେ ଯେମିତି ସେମିତି ଜ୍ଞାନର ଜିଜ୍ଞାସୁଟିଏ ପାଠାଗାର ଖୋଜେ ।

ଏବେ ଗାଁ ଗହଳି ବା ସହରରେ ଗଳି କନ୍ଦିରେ ପାଠାଗାରମାନ ଛତୁ ଫୁଟିଲେଣି । ଅବଶ୍ୟ ସରକାର ତାଙ୍କ ତରଫରୁ ବିଭିନ୍ନ ସଦର ମହକୁମାରେ ସରକାରୀ ପାଠାଗାର ମାନ ଖୋଲିଛନ୍ତି । ସେଗୁଡ଼ିକୁ ଛାଡ଼ିଦେଲେ ଅଧିକାଂଶ ପାଠାଗାର ଉଦ୍ଦେଶ୍ୟ ପ୍ରଣୋଦିତ ଯାହାକି ବ୍ୟକ୍ତିଗତ ପ୍ରଚେଷ୍ଟା ବା କେଉଁଠି ସଂଘୀୟ ଉଦ୍ୟମରେ ହୋଇଥାଏ ସେଠି ସରକାରୀ ଅର୍ଥ ବା ଜମି ହଡ଼ପ କରିବାର ପ୍ରଚ୍ଛନ୍ନ ଉଦ୍ଦେଶ୍ୟ ଥାଏ । ଏସବୁ ସ୍ଥାନରେ ପାଠାଗାର ନାମଫଳକ ଥାଏ; କେଉଁଠି କେଇଖଣ୍ଡ ବହିଥାଏ; କେଉଁଠି ମୋଟେ ନଥାଏ, କେଉଁଠିବା ୨୪ ଘଂଟା ଚାବି ପଡ଼ିଥାଏ ସେ ଘର । ଆଉ ବା କେଉଁଠି ଭିନ୍ନ ଉଦ୍ଦେଶ୍ୟରେ ତାକୁ ଲଗାଯାଇଥାଏ ।

ଏଠାରେ ଏକ ଦୃଷ୍ଟାନ୍ତ ବା ଉଦାହରଣ ଆମ ପାଠାଗାରଗୁଡ଼ିକର ସ୍ଥିତି ନେଇ ଉପସ୍ଥାପନ କରୁଅଛୁ । ଆମ ସହରର ଜଣେ ବ୍ୟକ୍ତି ତାଙ୍କ ନାମ ରାମହରି ପାଢ଼ୀ । ବୟସ ପାଖାପାଖି ପଂଚାଅଶୀ । ଜଣେ ଅବସରପ୍ରାପ୍ତ ରେଳବାଇ କର୍ମଚାରୀ । ଭାରି ଆଧ୍ୟାତ୍ମିକବାଦୀ । ସେଗୁଡ଼ାଏ ଆଧ୍ୟାତ୍ମିକ ପତ୍ରିକା ମଗାନ୍ତି, ବହି କିଣି ପଢ଼ନ୍ତି । ଏମିତିରେ ତାଙ୍କ ପାଖେ ହଜାରେ ସରିକି ବହି ଓ ପତ୍ରିକା ଥିଲା । ସେ କବାଡ଼ିଆକୁ ଖଣ୍ଡିଏ ବିକିନାହାନ୍ତି । ତାଙ୍କର ଉଦ୍ଦେଶ୍ୟ ସେ ସେଗୁଡ଼ିକୁ କୌଣସି ଚଳନ୍ତ ପାଠାଗାରକୁ ଦେଇ ଦେବେ । ଏଣୁ ଖୋଜିଲେ ପାଠାଗାର । ପ୍ରଥମେ ଠିକଣା ନେଇ ସହରରେ ଏକ ନାଁକରା ବଡ଼ ପାଠାଗାରରେ ପହଂଚିଲେ । ପାଖାପାଖି ପାଂଚ ଏକର ପରିମିତି ସେ ସ୍ଥାନ । ୪/୫ ବଖରା କୋଠାଘର । ଦୁଇଟା କାଚଭଙ୍ଗା ଆଲମିରାରେ ୪୦/୫୦ ଖଣ୍ଡ ବହି । ଘର ଖୋଲା । ବାରଣ୍ଡାରେ ଗାଈ ଶୋଇଛନ୍ତି; କୁକୁର ମାଳମାଳ; ଜଣେ ଟିଉସନ ମାଷ୍ଟର ସେଠି ପିଲାଙ୍କୁ ପଢ଼ାଏ । ବେଳେ ବେଳେ ଯାତ୍ରା ପାର୍ଟି ପଡ଼େ । ସେଠି ଖାଲି ମଦ ବୋତଲ ଶହ ଶହ ସଂଖ୍ୟାରେ ଗଡୁଛି । ରାଜନୀତିର ସଭା ସମିତି ବସେ ସେଠି । ରାତିରେ କେଉଁଠି ସେଟା ଏକ ଦୁଷ୍କର୍ମର ପେଣ୍ଠସ୍ଥଳୀ । ପାଢ଼ୀ ଏସବୁ ଦେଖି ଓ ଅନ୍ୟାନ୍ୟ ଯାହା ସଂଗ୍ରହ କଲ, ବୁଝିଗଲେ ଯେ ଏଇଟା ତାଙ୍କ ମନର ପାଠାଗାର ନୁହେଁ ଅଥଚ ଏଠି ସରକାରଙ୍କର କେତେ କୋଟି ଟଙ୍କା ଖର୍ଚ୍ଚ ନହୋଇଛି ! ସେଠୁ ଗଲେ ଆଉ ଗୋଟେ ପାଠାଗାର । ସେଇଟା ପୂର୍ବତନ ବିଧାୟକ ତାଙ୍କ ନାଁରେ କରିଛନ୍ତି । ସାଧାରଣ ଲୋକ ଏସବୁ ଜାଣନ୍ତି ନାହିଁ । ପାଢ଼ୀ ଗଲା ବେଳେ ନିଜେ ବିଧାୟକ ଅଛନ୍ତି । ସେ ପାଢ଼ୀଙ୍କୁ ପଚାରଲେ, 'କୁଆଡ଼େ ଆସିଛନ୍ତି ?' ପାଢ଼ୀ କହିଲେ, ଆପଣଙ୍କ ପାଖରେ କାମ ଅଛି ? ସେ କହିଲେ, 'ମୁଁ ତ ଆଉ ବିଧାୟକ ନାହିଁ, ତୁମକୁ ଆଉ କି ସାହାଯ୍ୟ କରିବି ?' ପାଢ଼ୀ କହିଲେ, 'ସେସବୁ କଥା କିଛି ନାହିଁ ଆଜ୍ଞା, ମୋ ପାଖରେ ଥିବା କିଛି ପତ୍ରିକା ଓ ବହି ଆପଣଙ୍କ ପାଠାଗାରକୁ ଦାନ କରିବି ବୋଲି ଭାବିଛି ।'

ଏଥିକୁ ସେ ଉତର ଦେଲେ, ''ଆପଣ ଭୁଲ ଠିକଣାରେ ପହଂଚିଛନ୍ତି । ଏଠି ସେମିତି କିଛି ପାଠାଗାର ନାହିଁ । ଏଇଟା ମୋ ବାସଭବନ । ତୁମ ଏଠୁ ଶୀଘ୍ର ଯା' ।''

ଅଥଚ ପାଢ଼ୀ ଠିକ୍ ଠିକଣାରେ ଯାଇଥିଲେ । ଏ ପାଠାଗାର ପାଇଁ କେଉଁଠି କେତେକୋଟି ଟଙ୍କା ଖର୍ଚ୍ଚ ହୋଇଛି ବୋଲି ସେ ଶୁଣିଛନ୍ତି । ଆଉ ଗୋଟେ ଯାଗାକୁ ଗଲେ । ଦେଖିଲେ ବିରାଟ ନାମଫଳକ ଝୁଲୁଛି । ବୁଝିଲେ ମାତ୍ର ୫୦ ଖଣ୍ଡ ବହି ଅଛି । ତା ପାଖରେ ଆଉ ଏକ ଗ୍ରୀନ୍ କୋଠରୀ ଅଛି ।

ଏହାପରେ ଏ ସହର ଛାଡ଼ି ପାଖ ସହରକୁ ଗଲେ । ଅବଶ୍ୟ ସେଠି କିଛି ପାଠାଗାର ଦେଖିଲେ ଅଥଚ ସେ ସବୁ ଯାଗାରେ ବହି ଦେବାକୁ ମନ ଛୁଇଁଲେ ନାହିଁ । ଓଲଟି ସେମାନେ ବତାଇଦେଲେ ଯେ ତୁମେ ତୁମ ସହରରେ ଗୋଟେ ବଡ଼ ପାଠାଗାର ଛାଡ଼ି ଏଠିକି କାହିଁକି ଆସିଛ ? ସେମାନେ ବି ଠିକଣା ଦେଲେ । ଏଯାଏଁ ସେ ଗୋଟେ କାର୍ ଯୋଗେ ଦୁଇଟା ସହର ବୁଲିଗଲେଣି । ଆମ ସଂସ୍ଥାରେ ପହଂଚିଲା ବେଳକୁ ଅପରାହ୍ନ ୩ ଘଟିକା । ସେ ନିଜେ ଚୌକିଟିଏ ଭିଡ଼ି ନେଇ ଆଗେ ବସିଗଲେ । ତାପରେ ପାଠାଗାରର ଦୁଇମହଲା ଯାକ ଘେରାଏ ବୁଲ ଆସିଲେ ।

ଆମେ ପଚାରିଲୁ, 'କ'ଣ ହେଲା ଆଜ୍ଞା ?'

ସେ କହିଲେ, 'ପାଇଗଲି । ମୋ ଖୋଜିଲା ସ୍ଥାନଟି ପାଇଗଲି ।'

ଏତିକି କହୁ କହୁ ତାଙ୍କ ଆଖିରୁ ଆନନ୍ଦାଶ୍ରୁ ବହିଗଲା । ସେ ସବୁ କଥା ଖୋଲିକି କହିଲେ ଏବଂ କହିଲେ ଏବେ ମୋ ସଂଗେ ଆସନ୍ତୁ । ମୁଁ କିଛି ବହି ଓ ପତ୍ରିକା ଦେବି । ଆପଣଙ୍କ ପାଠାଗାର ପାଇଁ ଦେବି ।

ଆମେ ଅଟୋ ନେଇଗଲୁ । ଅଟୋ ଭରା ପତ୍ରିକା ଓ ବହି ଆଣିଲୁ । ଅବଶ୍ୟ ଏଥର ପତ୍ରିକା ବେଶୀ ଥିଲା । ବହୁତ ମୂଲ୍ୟବାନ ସେ ପତ୍ରିକା ଯିଏ କି ଆମ ପାଇଁ ସଂପଦ ପାଲଟିଗଲା ।

ଏମିତି ଦୁଇବର୍ଷ ଧରି ମଝିରେ ମଝିରେ ସେ ଆମକୁ ଡକାଇ ଯାହା ପତ୍ରିକା ଆଉ ଆସିଥାଏ ଏବଂ ତାକୁ ସେ ପଢ଼ି ସାରିଥା'ନ୍ତି ଆମକୁ ଦେଇଦିଅନ୍ତି ।

ଦିନେ ଚାରିଟା ବେଳେ ତାଙ୍କ ବଡ଼ଝିଅ ଗୋଟେ ସ୍କୁଟି ଯୋଗେ ଆମ ଅନୁଷ୍ଠାନଠି ପହଂଚି ତାଙ୍କ ପରିଚୟ ଦେଲା । ଆମେ କହିଲୁ ପାଢ଼ୀ ବାବୁ କେମିତି ଅଛନ୍ତି ?

ସେ ଆଖିରେ ଲୁହ ଦେଇ କହିଲା, 'ଆଜକୁ ନନା ଚାଲିଯିବାର ଆଠଦିନ ହେଲା ।'

ଆମେ ଅବାକ୍ ହୋଇଗଲୁ । ପଚାରିଲୁ, 'ତୁମେ କ'ଣ ତାଙ୍କ ଶୁଦ୍ଧିକ୍ରିୟା ପ୍ରସାଦ ସେବନ ନିମନ୍ତ୍ରଣ ନେଇ ଆସିଛ ?'

'ନାଇଁ ଆଜ୍ଞା, ୧୦ ଦିନ ତଳେ ସେ ଦୁଇବସ୍ତା ବହି ଏବଂ ଗୋଟେ ବସ୍ତା ପତ୍ରିକା ବନ୍ଧାବନ୍ଧି କରି କହିଲେ, 'ଏହାକୁ ଆଜି ନେଇ ପାଠାଗାରରେ ଦେଇଦିଅ । ମୁଁ ମରିଗଲେ କାଳେ ତୁମେ କବାଡ଼ିଆକୁ ଦେଇଦେବ ।' ଆମେ ଟିକିଏ ଗାଲେଇଗଲୁ । ହଁ, ଦେବା ତ । ନନା କହୁଛନ୍ତି ବୋଲି କଣ ଏଇନେ ଚାଲିଯାଉଛନ୍ତି ? ଅଥଚ ନନା ଦୁଇଦିନଠି ଚାଲିଗଲେ । ଆମେ ଭାବୁଛୁ, ସେ ବହିକୁ ହସ୍ତାନ୍ତର ନକଲେ ତାଙ୍କ ଆତ୍ମା ଶାନ୍ତି ପାଇବ ନାହିଁ । ଆମେ ବଡ଼ ଅପରାଧୀ ଆଜ୍ଞା, ଆଜି ମୁଁ ପାଠାଗାର ଦେଖିବାକୁ ଆସିଥିଲି । କାଲିକୁ ବହି ନେଇ ଆସିବି । ତାପରଦିନ ସେ ଝିଅ ଗୋଟେ ଅଟୋ ଯୋଗେ ସେ ଅମୂଲ୍ୟ ସଂପଦଗୁଡ଼ିକ ଆମକୁ ହସ୍ତାନ୍ତର କଲା ।

ଆମେ ପାଢ଼ୀଙ୍କ କଥା ଭାବୁଛୁ । ଆପଣ ମଧ୍ୟ ହୃଦୟ ଦେଇ ଭାବନ୍ତୁ । ସେ ଜଣେ ଜ୍ଞାନୀ, ଅଜ୍ଞାନ ନୁହଁନ୍ତି । ଜଣେ ଠିକ୍ ଲୋକ ଯିଏ କି ଠିକ୍ ସମୟରେ ଯଥା ସ୍ଥାନରେ ବହିଗୁଡ଼ିକ ଭବିଷ୍ୟତ ପୀଢ଼ୀ ପାଇଁ ଥୋଇ ଚାଲିଗଲେ । ଧନ୍ୟ ତୁମେ ପାଢ଼ୀ !

ଦୁଇବର୍ଷ ତଳେ ଓଡ଼ିଶା ସଚିବାଳୟରୁ କୌଣସି ତନଖି ବିଭାଗରୁ ଜଣେ ବାବୁ ଆସି ପହଂଚିଲେ । ତାଙ୍କ ପାଖରେ ଆମ ସହରରେ ଥିବା ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର ଏକ ଲମ୍ବା ତାଲିକା ଥିଲା । ମୋତେ କହିଲେ ଯେ ସେ ଏ ଅନୁଷ୍ଠାନଗୁଡ଼ିକ ଖୋଜି ପାଉନାହାନ୍ତି । ଯୋଉ ଠିକଣାରେ ସ୍ଥାନଗୁଡ଼ିକ ଦିଆଯାଇଛି, ସେଠି କାହାର ଚିହ୍ନବର୍ଣ୍ଣ ନାହିଁ । ଅଥଚ ଏମାନେ ପଞ୍ଜିକୃତ ଅନୁଷ୍ଠାନ । ଏମାନେ ଠିକ୍ ସମୟରେ ସରକାରୀ ବା ବିଧାୟକ କି ସାଂସଦ ପାଣ୍ଠିରୁ ଅନୁଦାନ ପାଇଥାନ୍ତି । ମୋତେ ଏମାନଙ୍କ ଠିକଣା ବତାଇ ଦେବେ କି ? ମୁଁ ପାଉନାହିଁ । କେବଳ ଆପଣଙ୍କ ଅନୁଷ୍ଠାନଟି ଠିକଣା ମିଳିଲା ।

କହିଲି, 'କ୍ଷମା କରିବେ । ମୋତେ ଏମାନେ ଜଣା ନାହାନ୍ତି । ଆପଣ ଅନ୍ୟତ୍ର ଚେଷ୍ଟା କରନ୍ତୁ... । ଯାଆନ୍ତୁ ।'

ଜାଣିଲି ଗୋପନୀୟ ଚୁକ୍ତି ଦ୍ୱାରା ଏଠି ସବୁ ଚାଲିଛି । ଅନୁଷ୍ଠାନ ଥାଉ କି ନଥାଉ । ସରକାରୀ ଧନ ଯେମିତି ଧପେଇ ହଡ଼ପ କଲେ ହେଲା । ମାରିଦେଲେ ମହାପାତ୍ରେ, ଚାହିଁଥିଲେ ଜଳକା ।

ଆମ ପାଠାଗାରରେ ଏବେ ବହି ଓ ପତ୍ରପତ୍ରିକା ମିଶି ପ୍ରାୟ ୭୦ ହଜାର । ଏଯାବତ୍ ସରକାରୀ ସାହାଯ୍ୟ ପଇସାଟିଏ ନାହିଁ । ଭଡ଼ାଘରେ ଚାଲିଛି ଅନୁଷ୍ଠାନ । ଜାଗା ଖଣ୍ଡିଏ ପାଇଁ ଜିଲ୍ଲାପାଳ ଓ ତହସିଲଦାରଙ୍କ ପାଖକୁ ଦୌଡ଼ି ଦୌଡ଼ି ହାଲିଆ । ହୋଇପାରୁନି । ବିଧାୟକ ବା ସାଂସଦ ପାଣ୍ଠିରୁ ବି ନାହିଁ । ଅଥଚ ଅନୁଷ୍ଠାନ ନଥାଇ ମଞ୍ଜୁର ହେଉଛି ଲକ୍ଷ ଲକ୍ଷ ଟଙ୍କା... । ଛାଡ଼ନ୍ତୁ । ସେଥିରେ ବହୁ ରାଜନୀତି । ଆମେ ପାରୁନୁ ।

ଏସବୁ ସତ୍ତ୍ୱେ ସରକାରଙ୍କୁ ଛାଡ଼ିଦେଲେ ଦାଶରଥି ପଟ୍ଟନାୟକ, ଉଦୟପୁର ପରି ବ୍ୟକ୍ତିଗତ ପ୍ରଚେଷ୍ଟାରେ କେତେକ ପାଠାଗାର ଓ ସଂଗ୍ରହାଳୟ ଅଛି । ଲୋକେ ସେଠି ଖୋଜିକି ଯାଆନ୍ତି । ପତ୍ରପତ୍ରିକା ଦାନ କରନ୍ତି । ଜ୍ଞାନ ପିପାସା ମେଣ୍ଟାନ୍ତି । ଗବେଷଣାଲବ୍ଧ ସବୁକିଛି ପାଆନ୍ତି ।

ଆସନ୍ତୁ, ଏମିତି ପାଠାଗାରଟିଏ ଖୋଜିବା, ତୋଳିବା ନତୁବା ଗଢ଼ିବାରେ ସହାୟକ ହେବା । ଆମ ଭବିଷ୍ୟତ ପୀଢ଼ୀ ପାଇଁ କିଛି ସାଇତି ରଖିବା ଏବଂ ସେବାରେ ଲାଗିବା ।

**ବିପିନବିହାରୀ ମହାନ୍ତି**, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର,ବିକାଶନଗର, ଜଟଣୀ, ଦୂରଭାଷ: ୯୯୩୮୩୪୪୧୩୮

# ଡି.ସି.ପି. ଅଫିସ୍ ଘେରିଲା ଭୁବନେଶ୍ୱର ଜିଲ୍ଲା କଂଗ୍ରେସ



ଭୁବନେଶ୍ୱର (ପିଏନ୍): ଗତ ୧୦ ତାରିଖ ବିଧାନସଭା ଘେରାଉରେ ଆନ୍ଦୋଳନରତ ଛାତ୍ରକଂଗ୍ରେସ କର୍ମୀମାନଙ୍କୁ କଂଗ୍ରେସ ଭବନ ପରିସରରେ ପୋଲିସ୍‌ର ବର୍ବରୋଚିତ ଆକ୍ରମଣ ପ୍ରତିବାଦରେ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ସାରା ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଏସିପି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ କାର୍ଯ୍ୟକ୍ରମ କରାଯାଇଛି । ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାସଙ୍କ ନିର୍ଦ୍ଦେଶକ୍ରମେ ପ୍ରଦେଶ କଂଗ୍ରେସ ସମ୍ପାଦକ ଶ୍ରୀ ସୁବ୍ରତ ମହାପାତ୍ର ଓ ବ୍ଲକ୍ ସଭାପତି ଶ୍ରୀ ଅଶୋକ ଦାସଙ୍କ ନେତୃତ୍ୱରେ ହଜାରରୁ ଊର୍ଦ୍ଧ୍ୱ ସଂଖ୍ୟକ କଂଗ୍ରେସ କର୍ମୀ ଆଜି ଭୁବନେଶ୍ୱର ଡିସିପି ଅଫିସ୍ ସମ୍ମୁଖରେ ଧାରଣା ଓ ବିକ୍ଷୋଭ କରିଥିଲେ ।

ଏହି ଧାରଣାରେ ଯୋଗଦେଇ ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ କହିଥିଲେ ଯେ ଆନ୍ଦୋଳନରତ ଛାତ୍ର କଂଗ୍ରେସ କର୍ମୀଙ୍କୁ କଂଗ୍ରେସ ଭବନ ପରିସରରେ ପୋଲିସ୍‌ର ଅମାନୁଷିକ ଓ ବର୍ବରୋଚିତ ଆକ୍ରମଣ ନିନ୍ଦନୀୟ ଏବଂ ଡିସିପି ଏହି ବିଷୟରେ ଅବଗତ ନୁହଁନ୍ତି ବୋଲି ମନ୍ତବ୍ୟ ଦେବା ଲଜ୍ଜାଜନକ ବିଷୟ । ସେହିପରି ଧାରଣାରେ ଯୋଗ ଦେଇଥିବା ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ବିଧାୟକ ସୁରେଶ କୁମାର ରାଉତରାୟ, ଉପସଭାପତି ଶିବାନନ୍ଦ ରାୟ, ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ସୟଦ ୟାସିର ନୱାଜ୍, ସାଧାରଣ ସମ୍ପାଦକ କିଶୋର ଜେନା, ମନୋରଞ୍ଜନ ଦାଶ, ମନୋଜ ବିଶ୍ୱାଳ, ରଶ୍ମି ମହାପାତ୍ର, ନିହାର ରଞ୍ଜନ ବେହେରା, ପ୍ରଭାବତୀ ପଟ୍ଟନାୟକ ପ୍ରମୁଖ ତାଙ୍କ ଭାଷଣରେ ବିଜେଡି ସରକାର ଓ ପୋଲିସ୍ ପ୍ରଶାସନକୁ ଦୃଢ଼ ନିନ୍ଦା ଓ ଭର୍ତ୍ସନା କରିଥିଲେ । ଶେଷରେ ବ୍ଲକ୍ ସଭାପତି ମିହିର୍ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

ଏହି ଧାରଣା ଓ ବିକ୍ଷୋଭ କାର୍ଯ୍ୟକ୍ରମ ସକାଳ ୯ଟାରୁ ଆରମ୍ଭ ହୋଇ ମଧ୍ୟାହ୍ନ ୧ଟାରେ ଶେଷ ହୋଇଥିଲା । ପରେ ଜିଲ୍ଲା କଂଗ୍ରେସର ଏକ ୧୧ ଜଣିଆ ପ୍ରତିନିଧି ଦଳ ଡିସିପିଙ୍କୁ ଭେଟି ମହାମହିମ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୪ ଦଫା ଦାବିପତ୍ର ପ୍ରଦାନ କରିଥିଲେ ।

**ଦାବି ସମୂହ:** ହାଇକୋର୍ଟରେ କାର୍ଯ୍ୟରତ ଜଜ୍‌ଙ୍କ ତତ୍ତ୍ୱାବଧାନରେ ମମିତା ମେହେର ହତ୍ୟାକାଣ୍ଡର ଏସ୍.ଆଇ.ଟି. ତଦନ୍ତ । ଗୃହରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଓ ଗିରଫ । କଂଗ୍ରେସ ଭବନରେ ପୋଲିସ୍‌ର ଅନୈତିକ ପ୍ରବେଶ, ଭଙ୍ଗାରୁଜା, ଛାତ୍ର କଂଗ୍ରେସ କର୍ମୀଙ୍କୁ ନିର୍ମମ ଆକ୍ରମଣର ବିଚାର ବିଭାଗୀୟ ତଦନ୍ତ । ଆନ୍ଦୋଳନ ସମୟରେ କାର୍ଯ୍ୟରତ ପୋଲିସ୍ ଅଫିସରମାନଙ୍କର ଇଚ୍ଛାକୃତ ଅବହେଳା ପାଇଁ ସେମାନଙ୍କ ଉପରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ।

ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ସାଧାରଣ ସମ୍ପାଦକ ରଜତ ଚୌଧୁରୀ, ଭୁବନେଶ୍ୱର ମହିଳା କଂଗ୍ରେସ ସଭାନେତ୍ରୀ ଗୀତାଞ୍ଜଳି ମହାନ୍ତିଙ୍କ ସମେତ ଦେବରାଜ ମିଶ୍ର, ଇନ୍ଦ୍ରଜିତ ପରିଡ଼ା, ଶ୍ରୀଧର ବଳିଆରସିଂ, ବ୍ରହ୍ମାନନ୍ଦ ସାହୁ, ମୋହନ ଜେନା, ଜୟକୃଷ୍ଣ ସୁବୁଦ୍ଧି, ଦେବୀପ୍ରସାଦ ସ୍ୱାଇଁ, ସୌମେନ୍ଦ୍ର ମହାନ୍ତି, ଦୀପକ ମହାପାତ୍ର, ଆତ୍ମାରାମ ପତି, ମଣ୍ଟୁ ମଲ୍ଲିକ, କୈଳାସ ସାହୁ, କୁଳମଣି ସାହୁ, ଏମ୍.ଡି. ସାହାଦୁଲା, ସେକ୍ ତାକ୍‌ୱିମ୍, ସେକ୍ ନିଆଜୁଲ ଇସଲାମ, ନାରାୟଣ ଜେନା, ରାକେଶ ମହାନ୍ତି, ଅକ୍ଷୟ ଦାସ, ମାନସ ମହାନ୍ତି, ମିତ୍ରଭାନୁ ମହାପାତ୍ର, ଶତୃଘନ ବେହେରା, ଖଗେଶ୍ୱର ମଲ୍ଲିକ, ସାଗର ପଟ୍ଟନାୟକ, ରଞ୍ଜିତ ପାତ୍ର, ନାସିର ଖାନ୍, ବଳରାମ ନନ୍ଦ, ସାହାରୁଖ ଖାନ, ଉଦିତ ପ୍ରଧାନ, ଶଙ୍କୁନା କହଁର, ଏମ୍.ଡି. ସାମୁଏଲ, ଚିନ୍ମୟ ସୁନ୍ଦର ଦାସ, ପ୍ରକାଶ ମିଶ୍ର, ଇଂ ଶିବନ୍ ମୁଶାରଫ, ପ୍ରଭାତ ପ୍ରତାପ ସିଂହ, କାର୍ତ୍ତିକ କାଣ୍ଡି, ଦେବବ୍ରତ ମହାନ୍ତି, କିରଣ ସାହୁ, ବାବୁ ଜେନା, ରୀନା ସାହୁ, ପ୍ରଣତି ମିଶ୍ର, କୁସୁମ ପ୍ରଧାନ, ଚୈତାଳୀ ପଟ୍ଟନାୟକ, ସ୍ୱାଧୀନବାଳା ଦାସ, ଜଗଦୀଶ ଗଜେନ୍ଦ୍ର, ପ୍ରଦୀପ ମହାପାତ୍ର, ସିଲି ସେଠୀ, ମୁନ୍ନି ଥାପା, ମନୋରଞ୍ଜନ କୁଣ୍ଡୁ, ଜୟକୃଷ୍ଣ ମଲିଆ, ଅନିଲ ଦାସ, ନରୋତ୍ତମ ବେହେରା, ଦେବୀ ପସ୍ରାଦ ବାହାଲିଆ, ନଳିନୀ ନାୟକ, ବିଶ୍ୱଭୂଷଣ ମହାପାତ୍ର, ସୁଶାନ୍ତ ମହାରଣା, ଅଜିତ୍ ବାରିକ, ଦେବାଶିଷ ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ଜିଲ୍ଲା କଂଗ୍ରେସ ତରଫରୁ ବାବାସାହେବଙ୍କୁ ଶ୍ରଦ୍ଧାଞ୍ଜଳି

ରାଉରକେଲା (ପିଏନ୍): ବିଶିଷ୍ଟ ସମାଜ ସଂସ୍କାରକ, ସ୍ୱାଧୀନତା ସଂଗ୍ରାମୀ, ଦେଶର ପ୍ରଥମ ଆଇନ୍ ମନ୍ତ୍ରୀ, ସମ୍ବିଧାନ ପ୍ରଣେତା, ଭାରତରତ୍ନ ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ୬୫ତମ ଶ୍ରାଦ୍ଧ ଦିବସ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ପାଳିତ ହୋଇଯାଇଛି । ଜିଲ୍ଲା କଂଗ୍ରେସ ସଭାପତି ଜର୍ଜ ତିର୍କୀଙ୍କ ନେତୃତ୍ୱରେ କଂଗ୍ରେସ କର୍ମକର୍ତ୍ତାମାନେ ଉଦିତନଗରର ସ୍ଥିତ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ସମବେତ ହୋଇ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ତାଙ୍କ ସ୍ମୃତିଚାରଣ କରିଥିଲେ । ଦୂରଦୃଷ୍ଟିସମ୍ପନ୍ନ ବିଶିଷ୍ଟ ଆଇନ୍ ବିଶାରଦ ପ୍ରଜ୍ଞାପୁରୁଷ ବାବାସାହେବ ଆମ୍ବେଦକରଙ୍କ ଦ୍ୱାରା ପ୍ରଣିତ ସମ୍ବିଧାନ ଦେଶର ଏକ ଅମୂଲ୍ୟ ଗ୍ରନ୍ଥ ବୋଲି ଶ୍ରୀ ତିର୍କୀ ଏହି ଅବସରରେ ପ୍ରକାଶ କରି ଦେଶର ୧୩୦ କୋଟି ଲୋକଙ୍କୁ ଆଜି ଏହି ସମ୍ବିଧାନ ଏକତା ସୂତ୍ରରେ ବାନ୍ଧି ରଖିଛି ବୋଲି କହିଥିଲେ । ବହୁ ଜାତି, ଧର୍ମ, ବର୍ଣ୍ଣ ଓ ସମ୍ପ୍ରଦାୟର ବିବିଧତାରେ ପରିପୂର୍ଣ୍ଣ ଦେଶର କୋଟି କୋଟି ଲୋକଙ୍କ ମଧ୍ୟରେ ବିଭିନ୍ନ ସମୟରେ ବିଭେଦ, ବିଦ୍ୱେଷ ଓ ଅଶାନ୍ତି ସୃଷ୍ଟି କରିବା ପାଇଁ ଉଦ୍ୟମ ହେଉଛି ବୋଲି ଶ୍ରୀ ତିର୍କୀ ପ୍ରକାଶ କରି କେବଳ ବାବାସାହେବଙ୍କ ଦ୍ୱାରା ପ୍ରଣୀତ ସମ୍ବିଧାନ ପାଇଁ ତାହା ସମ୍ଭବ ହୋଇପାରୁନାହିଁ ବୋଲି କହିଥିଲେ । ତେଣୁ ଦେଶବାସୀଙ୍କ ହିତ ପାଇଁ ବାବାସାହେବ ଯେଉଁ ସମ୍ବିଧାନ ପ୍ରଣୟନ କରି ଯାଇଛନ୍ତି ତାର ସୁରକ୍ଷା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି ଶ୍ରୀ ତିର୍କୀ ପ୍ରକାଶ କରି ଏହାହିଁ ତାଙ୍କପ୍ରତି ସବୁଠାରୁ ବଡ ଶ୍ରଦ୍ଧାଳି ହେବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅନୁସୂଚିତ ଜାତି ଅଧକ୍ଷ ବିନୋଦ ତ'ୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ସଭାପତି ବିରେନ ସେନାପତି, ଏସ୍‌ସି ସେଲ୍ ରାଜ୍ୟ ଆବାହକ ପ୍ରଶା' ସେଠୀ, ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ, ଉପସଭାପତି ସ'ୋଷ ବିଶ୍ୱାଳ ଓ କୀର୍ତ୍ତନ ଦାସ, କୋଷାଧ୍ୟକ୍ଷ ଚିତ୍ତରନ ମହାଁ, ମୁଖପାତ୍ର ଗିରିଜା ଶଙ୍କର ମିଶ୍ର ଓ ଇଂ.ଆର୍.ପି. ସିଂହ, ସାଧାରଣ ସମ୍ପାଦକ ତୁଳସୀ ନାଗ, ମହିଳା ସଭାନେତ୍ରୀ ନିରୂପମା ବଳିୟାର ସିଂହ, ଯୁବ ସଭାପତି ଜ୍ଞାନେନ୍ଦ୍ର ଦାସ, ଲିଗାଲ ସେଲ୍ ଅଧକ୍ଷ ବିସ୍ମୟ ଦାସ, ବରିଷ୍ଠ ନେତା ବରିୟମ ସିଂହ, କୃଷକ କଂଗ୍ରେସ ଅଧକ୍ଷ ମନମୋହନ ଓରାମ, ଜିଲ୍ଲା କଂଗ୍ରେସ ସମ୍ପାଦକ ପ୍ରତିମା ପାଣିଗ୍ରାହୀ, ରବୀନ୍ଦ୍ର ଦାସ, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, ରତିକା' ମଲ୍ଲିକ, ଭାସ୍କର ଖିଲ୍ଲାର, ରୁକସାନା ବେଗମ, ମହମ୍ମଦ ମୁର, ମହମ୍ମଦ ସଲ୍ଲାଉଦ୍ଦିନ, ମହମ୍ମଦ ସବୀର, ରେହେମାନ ଖାନ, ଝୁନୁ ପଟ୍ଟନାୟକ, ବିଜୟ ପଟ୍ଟନାୟକ, ଯୁବ କଂଗ୍ରେସର ସିଦ୍ଧେଶ୍ୱର ମଲ୍ଲିକ, ସେବକ ଷଣ୍ଢ ପ୍ରମୁଖଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ବାବାସାହେବଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ବୋଲି ମୁଖପାତ୍ର କୈଳାସ ସାହୁ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।

# ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ଆବଶ୍ୟକ କୃଷି ସହାୟତା ଯୋଗାଇ ଦେବାକୁ ଦାବି

ଭୁବନେଶ୍ୱର (ପିଏନ୍)-ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ଚଳିତବର୍ଷ ଖରିଫ ଚାଷ ବ୍ୟାପକଭାବେ ପ୍ରଭାବିତ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ଅତିଶୟ ବର୍ଷା, ଅକ୍ଟୋବର ନଭେମ୍ବର ମାସରେ ଅଦିନିଆ ବର୍ଷା ଓ ଅନେକ ଜିଲ୍ଲାରେ ଚକଡ଼ା ପୋକ ଦ୍ୱାରା ବହୁଳ ଭାବରେ ଫସଲ ନଷ୍ଟ ହୋଇଥିଲା । ଯାହାକିଛି କ୍ଷେତରେ ଧାନ ଥିଲା ତାହା ପାଚିଲା ବେଳକୁ ବାତ୍ୟା ଜୱାଦ ପ୍ରଭାବରେ ପ୍ରବଳ ବର୍ଷା ଓ ପବନ ଦ୍ୱାରା ଲକ୍ଷ ଲକ୍ଷ ହେକ୍ଟର ଜମିରେ ପାଣରେ ବୁଡ଼ିଯିବା ଯୋଗୁଁ ବର୍ତ୍ତମାନ ପାଚିଲାଧାନ ଜମିରେ ପଚିଲାଣି । ବର୍ଷା ଉଜାଡ଼ି ଦେଇଛି ଚାଷୀର ବର୍ଷକର ଆହାର । ପନିପରିବା ଫସଲ ମଧ୍ୟ ବ୍ୟାପକ ଭାବରେ ନଷ୍ଟ ହୋଇଛି । ଖରିଫ୍ ଓ ରବି ଚାଷ ପାଇଁ ଚାଷୀ ଧାର କରଜ କରିଥିବା ବେଳେ ବର୍ତ୍ତମାନ ଫସଲ କ୍ଷତି ଯୋଗୁଁ ଏହା ପରିଶୋଧ କରିବା କାଠିକର ପାଠ୍ । ଯାହାକି ଚାଷୀଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା । କ୍ଷେତ୍ରସ୍ତରରୁ ଯାହା ଜଣାଯାଏ ପ୍ରତି ଗୁଣ୍ଠ ପିଛା ଜମିରେ ଚାଷୀଙ୍କୁ ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଛି । ଏହା ସହ କୃଷି ଉତ୍ପାଦନ ପାଇଁ ଆବଶ୍ୟକ ସରକାରୀ କୃଷି ଇନ୍‌ପୁଟ୍ ସହାୟତା ପାଇବାରେ ଅହେତୁକ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ପ୍ରାକୃତିକ ବିପର୍ଯ୍ୟୟଦ୍ୱାରା ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାର ଦେଉଥିବା ପ୍ରଚଳିତ କୃଷି ଇନପୁଟ୍ ସହାୟତା ସମୁଦ୍ରକୁ ସଙ୍ଖେ, ଯାହାକି ଚଳିତ ବର୍ଷ ଏକ ଏକର ଜମିରେ ଚାଷୀଙ୍କୁ ୬୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥିବା ବେଳେ ପ୍ରତି ହେକ୍ଟର ପିଛା ଜଳ ସେଚିତ ଅଞ୍ଚଳ ପାଇଁ ୧୩,୫୦୦ ଓ ଅଣଜଳସେଚିତ ଅଞ୍ଚଳ ପାଇଁ .୬,୮୦୦ଟଙ୍କା ପ୍ରଦାନ ପାଇଁ ବ୍ୟବସ୍ଥା ଥିଲେ ମଧ୍ୟ ଏଥିରେ ଚାଷୀର କ୍ଷତି ଭରଣା ହେବା ସମ୍ଭବପର ନୁହେଁ । ତେଣୁ ଚାଷୀକୁଳର ଏଭଳି ଦୁଃଖଦ ପରିସ୍ଥିତି ସମ୍ପର୍କରେ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ପକ୍ଷରୁ ରାଜ୍ୟ ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକ ଓଡ଼ିଶା ସରକାରଙ୍କ କୃଷି ବିଭାଗ ଶାସନ ସଚିବ ସୁରେଶ କୁମାର ବଶିଷ୍ଠଙ୍କୁ ରାଜ୍ୟ କୃଷି ଭବନଠାରେ ସାକ୍ଷାତ ଆଲୋଚନା କରି ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ କ୍ଷେତ୍ର କର୍ମଚାରୀଙ୍କଦ୍ୱାରା ଫସଲ କ୍ଷୟକ୍ଷତିର ସଠିକ୍ ଆକଳନ, ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ପ୍ରତି ଗୁଣ୍ଠ ପିଛା ୩ ହଜାର କିମ୍ବା ଏକର ପିଛା ୫୦ ହଜାର ଟଙ୍କା ଆର୍ଥିକ ସହାୟତା, ଜାତୀୟ ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠି ଓ ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠିରେ ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ଦିଆଯାଉଥିବା ପ୍ରଚଳିତ କୃଷି ଇନପୁଟ୍ ସହାୟତା ୩ ଗୁଣା ବୃଦ୍ଧି, ସମସ୍ତ ଚାଷୀଙ୍କଠାରୁ କୃଷିଋଣ ଛାଡ଼ କରିବା ସହିତ ବିନା ସୁଧରେ ରବି ଚାଷ ପାଇଁ କୃଷିଋଣ ଯୋଗାଣ, ଜଳକର, ଚାଷ କାର୍ଯ୍ୟପାଇଁ ବ୍ୟବହୃତ ବିଜୁଳି ଶୁଳ୍କ ଛାଡ଼, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ସର୍ତ୍ତାବଳୀ ଅନୁଯାୟୀ ଚାଷୀଙ୍କୁ ଅଗ୍ରୀମ କ୍ଷତିପୂରଣ, ଚଳିତ ରବି ଚାଷ ପାଇଁ ମାଗଣାରେ ବିଭିନ୍ନ ପ୍ରକାର ବିହନ, ମଞ୍ଜି, ସାର, କୀଟନାଶକ ଔଷଧ ଓ ୯୦ ପ୍ରତିଶତ ରିହାତିରେ କୃଷି ଯନ୍ତ୍ରପାତି, ସ୍କୁଲ, କଲେଜ ପଢୁଥିବା ଚାଷୀମାନଙ୍କ ପିଲାମାନଙ୍କଠାରୁ ସଂପୂର୍ଣ୍ଣ ଫି ଛାଡ଼ କରାଯିବାକୁ ଦୃଢ଼ ଦାବୀ କରି ଏକ ୭ ଦଫା ସମ୍ବଳୀତ ଦାବୀପତ୍ର ପ୍ରଦାନ କରିଛନ୍ତି । ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ କୃଷିମନ୍ତ୍ରୀଙ୍କୁ ଏହି ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଦୃଷ୍ଟି ଆକର୍ଷଣ କରିବା ପାଇଁ ଅଧକ୍ଷ ଶ୍ରୀ ପଟ୍ଟନାୟକ କୃଷି କମିଶନର ତଥା ଶାସନ ସଚିବ ଶ୍ରୀ ବଶିଷ୍ଟଙ୍କୁ ଅନୁରୋଧ କରିଛନ୍ତି ।

# ଧର୍ମଶାଳାରେ କଂଗ୍ରେସର ଜନଜାଗରଣ ଅଭିଯାନ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକରେ କଂଗ୍ରେସର ଜନଜାଗରଣ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜାରକା ଗୋପବନ୍ଧୁ ଛକରୁ କାଏମା ଗାନ୍ଧି ଛକ ପର୍ଯ୍ୟନ୍ତ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ଏଥିରେ ଶତାଧିକ ଦଳୀୟ ନେତା ଓ କର୍ମୀ ଯୋଗଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନମାରଣ ନୀତି ବିରୋଧରେ ନାରାବାଜି କରିଥିଲେ । ବ୍ଲକ ସଭାପତି କିଶାନ ପଣ୍ଡାଙ୍କ ସଭାପତିତ୍ୱରେ ପରିଚାଳିତ ସାଧାରଣ ସଭାରେ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡା, ଜିଲ୍ଲା କଂଗ୍ରେସ ସଭାପତି ମନୋଜ କୁମାର ରାଉତ ଓ ରାଜ୍ୟ କଂଗ୍ରେସ ମୁଖପାତ୍ର ପଦ୍ମାକର ଗୁରୁ ଅତିଥିଭାବେ ଯୋଗଦେଇ ଦରଦାମ୍ ବୃଦ୍ଧି, ନାରୀ ନିର୍ଯ୍ୟାତନା, ଦୁର୍ନୀତି ଓ ଭ୍ରଷ୍ଟାଚାର ହଟାଇବା ପାଇଁ ଆଗାମୀ ପଞ୍ଚାୟତ ନିର୍ବାଚନରେ ଉଚିତ୍ ଜବାବ୍ ଦେବାକୁ ଆହ୍ୱାନ ଦେଇଥିଲେ । ବ୍ଲକ କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ରାୟ, କଂଗ୍ରେସ ନେତା ବସନ୍ତ କୁମାର ପରିଡା, ସୁବୋଧ ସାମଲ, ରବି ନାୟକ, ଗଙ୍ଗାଧର ମଲିକ, ନରୋତ୍ତମ ନାୟକ, ନକୁଳ ଜେନା, ସିଦ୍ଧେଶ୍ୱର ବେହେରା, ବାବୁ ମଲିକ, ମାଧବ ଦଳେଇ, ଅର୍ଜୁନ ସେଠୀ ଓ ସତ୍ୟାନନ୍ଦ ମଲିକ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୋଧରେ ବର୍ଷିଥିଲେ । କଂଗ୍ରେସ ନେତା ନିତ୍ୟାନନ୍ଦ ବିଶ୍ୱାଳ, ବାବୁଲି ମହାରଣା, କାର୍ତ୍ତିକ ପରିଡା, ବାବାଜୀ ପଣ୍ଡା, ନଟବର ମଲିକ, ଲକ୍ଷ୍ମୀ ମଲିକ, ମିଲି ମଲିକ, ବିନୋଦ ମଲିକ, କାଳିଆ ଦଳେଇ, ଅମରେନ୍ଦ୍ର ସାମଲ, ଅନିରୁଦ୍ଧ ଦାସ, ବୀରେଶ୍ୱର ଜେନା, ନିଶାକର ସାମଲ, ଯୁବନେତା ଉଗ୍ରସେନ ମହାଁ, ଦିବ୍ୟଜ୍ୟୋତି ସାମଲ, କାର୍ତ୍ତିକ ସାହୁ ଓ ଦେବାଶିଷ ପରିଡା ଯୋଗ ଦେଇଥିେ ।

# ବ୍ୟବସାୟୀ ପ୍ରାଣକୃଷ୍ଣ ବେହେରାଙ୍କ ସ୍ମୃତିଚାରଣ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଚୋରମୁହାଁ ଗ୍ରାମର ବ୍ୟବସାୟୀ ପ୍ରାଣକୃଷ୍ଣ ବେହେରାଙ୍କ ଏକାଦଶାହ ଉପଲକ୍ଷେ ଏକ ଶୋକସଭା ତାଙ୍କ ବାସଭବନ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଶିକ୍ଷକନେତା ପ୍ରଦୀପ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ପରିଚାଳିତ ଶ୍ରଦ୍ଧାଳି ସଭାରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, କୋରେଇର ପୂର୍ବତନ ବିଧାୟକ ଆକାଶ ଦାସ ନାୟକ, ବ୍ଲକ ବିଜେଡି ସଭାପତି ଜଳଧର ମହାଁ, ପୂର୍ବତନ ସରପଞ୍ଚ ବିପିନ ବିହାରୀ ନାୟକ, ପୂର୍ବତନ ସମିତିସଭ୍ୟ କାର୍ତ୍ତିକ ମଲିକ, ଆଇନଜୀବୀ ନୀଳମାଧବ ସାମଲ, ସମାଜସେବୀ ନାରାୟଣ ମଲିକ, ୧୪ନମ୍ବର ଜୋନ୍ ବିଜେଡି ସଭାପତି ମଦନ ମୋହନ ନାୟକ ଓ ଅବସରପ୍ରାପ୍ତ ଅଧ୍ୟାପକ ରାଧାଶ୍ୟାମ ସାହୁ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ବେହେରାଙ୍କୁ ଜଣେ ଭଲ ମଣିଷ, ସଫଳ ବ୍ୟବସାୟୀ ଓ ଧର୍ମପ୍ରାଣ ବ୍ୟକ୍ତି ଭାବେ ବର୍ଣ୍ଣନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ରବିନ୍ଦ୍ର ମହାଁ, ବିଧାୟକଙ୍କ ପ୍ରତିନିଧି ନିର୍ମଳ ପ୍ରଧାନ, ଚହଟା ପଞ୍ଚାୟତ ବିଜେଡି ସଭାପତି ସୁଦୀପ୍ତ କୁମାର ସ୍ୱାଇଁ, ସତ୍ୟାନନ୍ଦ ବେହେରା, ଗୁରୁ ଚରଣ ମହାଁ, ମିନା ବେହେରା, ସରୋଜମଣି ବାରିକ, ସୁଦାମ ଚରଣ ଖୁଣ୍ଟିଆ, ଅଶୋକ ସାହୁ, ପୂର୍ଣ୍ଣଚନ୍ଦ୍ର ବେହେରା ଓ ବିରୁପାକ୍ଷ କର ଯୋଗଦେଇ ସ୍ୱର୍ଗତ ବେହେରାଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ । ସନାତନ ଦାସ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ । ଅତିଥିମାନେ ସ୍ୱର୍ଗତ ବେହେରାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହିତ ତାଙ୍କ ଆତ୍ମାର ସଦ୍‌ଗତି ନିମର୍ତେ ସମବେତ ନୀରବ ପ୍ରାର୍ଥନା କରାଯାଇଥିଲା । ପରେ ଗାୟକ ପିତବାସ କର, ଗାୟିକା ମାନସୀ ପାତ୍ର ଓ ସାଥୀମାନଙ୍କ ଦ୍ୱାରା ଭଜନ ସଂଧ୍ୟା କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ବ୍ୟବସାୟୀ ଈଶ୍ୱର ଚନ୍ଦ୍ର ବେହେରା ଓ ଗଣେଶ୍ୱର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବ୍ୟାଙ୍କ ଅଫିସର ଓ କର୍ମଚାରୀ ନେତା ସୁବାସ ନାୟକଙ୍କ ପରଲୋକ

ଭୁବନେଶ୍ୱର (ପିଏନ୍): ଓଡ଼ିଶାର ବ୍ୟାଙ୍କ ଅଫିସର ଓ କର୍ମଚାରୀ ସଂଘର ବରିଷ୍ଠ ନେତା ସୁବାସ ଚନ୍ଦ୍ର ନାୟକଙ୍କର ଆପୋଲୋ ହସ୍ପିଟାଲରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୭୨ ବର୍ଷ ହୋଇଥିଲା । ସେ ମଧୁମେହ, ପରେ ମୂତ୍ରାଶୟଜନିତ ରୋଗରେ ଗତ ୨/୩ ବର୍ଷ ହେବ ଆକ୍ରାନ୍ତ ହୋଇଥିବାବେଳେ କିଡ୍‌ନୀରେ ସମସ୍ୟା ଦେଖାଦେବାରୁ ଆପୋଲୋ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ୧୯୫୦ରେ ପୁରୀର ବେରବୋଇରେ ଜନ୍ମଗ୍ରହଣ କରିଥିବା ଶ୍ରୀ ନାୟକ କଲେଜ ଜୀବନରେ ଛାତ୍ର ଆନ୍ଦୋଳନରେ ଅଂଶଗ୍ରହଣ ସହ ପୁରୀ ସାମନ୍ତ ଚନ୍ଦ୍ରଶେଖର କଲେଜ, ଛାତ୍ର ସଂସଦର ସାଧାରଣ ସମ୍ପାଦକ, ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଚାକିରି, ଏହାର କର୍ମଚାରୀ ୟୁନିୟନର ଅନ୍ୟତମ ପ୍ରତିଷ୍ଠାତା ସଭ୍ୟ, ସାଧାରଣ ସମ୍ପାଦକ, ଓଡ଼ିଶା ସେଣ୍ଟ୍ରାଲ ବ୍ୟାଙ୍କ ଅଫିସର ସଂଘର ପ୍ରତିଷ୍ଠାତା, ସାଧାରଣ ସମ୍ପାଦକ, ସର୍ବ ଭାରତୀୟ ସେଣ୍ଟ୍ରାଲ ବ୍ୟାଙ୍କ ଅଫିସର ସଂଘର ଉପସଭାପତି, ଓଡ଼ିଶାର ଅଖିଳ ଭାରତ ବ୍ୟାଙ୍କ ଅଫିସର ସଂଘର ଦୀର୍ଘ ୨୫ ବର୍ଷ ଧରି ସାଧାରଣ ସମ୍ପାଦକ, ଏହାର କେନ୍ଦ୍ରୀୟ କମିଟି ସଭ୍ୟ ରହିଥିଲେ । ଜଣେ ବ୍ୟାଙ୍କ କର୍ମଚାରୀ ଓ ଅଫିସର ସଂଘର କେବଳ ନେତା ନୁହଁନ୍ତି, ଜଣେ ନିତିନିଷ୍ଠ, କର୍ମଠ ବ୍ୟାଙ୍କ ଅଫିସର ରୂପେ ତାଙ୍କର ମଧ୍ୟ ସୁଖ୍ୟାତି ଥିଲା । ସେ ସଂସ୍କୃତି ବିଶ୍ୱବିଦ୍ୟାଳୟରୁ ଭାରତୀୟ ଦର୍ଶନ ଓ ସଂସ୍କୃତି ସମ୍ପର୍କରେ ଅଧ୍ୟୟନ କରି ଡିଲିଟ୍ ଅର୍ଜନ କରିଥିଲେ । ତାଙ୍କ ମୃତ୍ୟୁ ଓଡ଼ିଶାର ବ୍ୟାଙ୍କ କର୍ମଚାରୀ ଓ ଅଫିସର ଆନ୍ଦୋଳନର ଏକ ଅପୂରଣୀୟ କ୍ଷତି ଘଟିଲା । ତାଙ୍କ ମୃତ୍ୟୁରେ ଓଡ଼ିଶା ବ୍ୟାଙ୍କ ଅଫିସର ସଂଘର ସାଧାରଣ ସମ୍ପାଦକ ଅଜୟ କୁମାର ରାଉତରାୟ, କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ତ୍ରିପାଠୀ, ଏଆଇଟିୟୁସିର ରାଜ୍ୟ ଉପସାଧାରଣ ସମ୍ପାଦକ ବିଜୟ ଜେନା, ଏଆଇଟିୟୁସି ଓ ଏଆଇବିଓଏର ରାଜ୍ୟ ସମ୍ପାଦକ କିଶୋର ଜେନା, ଏଆଇବିଇଏର ସାଧାରଣ ସମ୍ପାଦକ ସି.ଏଚ. ଭେଙ୍କଟାଚଳମ୍, ଏଆଇବିଓଏର ସାଧାରଣ ସମ୍ପାଦକ ଏସ. ନାଗରାଜନ, ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ଏଆଇଟିୟୁସି ଜାତୀୟ ପରିଷଦ ସଭ୍ୟ ଜୟନ୍ତ ଦାସ, ଭୁବନେଶ୍ୱର ନଗର କମିଟିର ସମ୍ପାଦକ ସୁର ଜେନା, ଏସୟୁସିଆଇ ନେତା ରଘୁନାଥ ଦାସ, ଏଆଇୟୁଟିୟୁସି ନେତା ପୂର୍ଣ୍ଣଚନ୍ଦ୍ର ବେହେରା, ଓଡ଼ିଶା ସେଣ୍ଟ୍ରାଲ ବ୍ୟାଙ୍କ ଅଫିସର ସଂଘର ସଭାପତି ତ୍ରୈଲୋକ୍ୟ ପ୍ରଧାନ, ସାଧାରଣ ସମ୍ପାଦକ ରବୀନ୍ଦ୍ର ନାଥ ଦାସ, କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଓଁକାର ମହାନ୍ତି, ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ, ରାଜ୍ୟ ସେବା ନିବୃତ ସଂଘର ସଭାପତି ହେମନ୍ତ କର, ସାଧାରଣ ସମ୍ପାଦକ ଶରତ ରାଉତ, ଓଡ଼ିଶା ବ୍ୟାଙ୍କ ସେବା ନିବୃତ ସଂଘର ସାଧାରଣ ସମ୍ପାଦକ ନିରଞ୍ଜନ ମିଶ୍ର ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି । ତାଙ୍କ ମରଶରୀରରେ ଓଡ଼ିଶାର ବିଭିନ୍ନ ବ୍ୟାଙ୍କର କର୍ମଚାରୀ ଓ ଅଫିସର ସଂଗଠନ ଏବଂ ସିପିଆଇ ଓ ଏଆଇଟିୟୁସି ପକ୍ଷରୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ଶେଷ ସମ୍ମାନ ଦିଆଯାଇଥିଲା । ତାଙ୍କ ସହଧର୍ମିଣୀ ଅନ୍ନପୂର୍ଣ୍ଣା ନାୟକ, ଦୁଇ ପୁତ୍ର ଇଂ. ସୁମିତ୍, ଡକ୍ଟର ଅମିତ ଓ କନ୍ୟା ସରିତା ଓ ଜାମାତା ସୀତାକାନ୍ତ ପଟ୍ଟନାୟକ ଥିବାବେଳେ ତାଙ୍କ ବଡ଼ଭାଇ ବିଶିଷ୍ଟ ସାହିତ୍ୟିକ ପ୍ରଫୁଲ୍ଲ ଚନ୍ଦ୍ର ନାୟକଙ୍କ ଗତ ୮ ମାସ ତଳେ କରୋନାରେ ମୃତ୍ୟୁ ଘଟିଥିଲା । ଆଜି ସନ୍ଧ୍ୟାରେ ପୁରୀର ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଯାଇଛି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୧, ଡିସେମ୍ବର ୧୬**

# ସବୁଜିମାର ସ୍ୱର୍ଣ୍ଣିମ ଗାଥା...



**ସତେଜ ସକାଳ-୮**

**ଡି. ଶୁଭମ୍**

ଚାଷୀ ଓ ଚାଷର ସମ୍ପର୍କ କାହିଁ କେଉଁ କାଳରୁ ରହିଆସିଛି। ଭାରତୀୟ ସଭ୍ୟତାର କେନ୍ଦ୍ରବିନ୍ଦୁ ଚାଷ। ଚାଷ - ଏକ ବ୍ୟବସାୟ ନୁହେଁ ବରଂ ଏକ ସ୍ୱର୍ଗୀୟ ଅନୁଭବ। ପାରମ୍ପରିକ କୃଷିକୁ ଛାଡ଼ି ଏବର ସମାଜରେ ଆଧୁନିକତାର ସ୍ପର୍ଶ ଗାଁ କ୍ଷେତରେ ବି ଦେଖାଗଲାଣି। ରାସାୟନିକ ସାରର ବହୁଳ ବ୍ୟବହାର ଏବେ ସବୁଆଡ଼େ ଆମ ଦୃଷ୍ଟିକୋଣରେ ପରିଲକ୍ଷିତ। କିନ୍ତୁ ଆମ ଅଜାଣତରେ ଆମେ ନିଜେ ନିଜର ଶରୀରର କେତେ ଯେ କ୍ଷତି କରୁଛନ୍ତି, ସେକଥା ଜାଣିନାହାନ୍ତି। ତେଣୁ ଏହି ଆଧୁନିକତାକୁ ଦ୍ୱାହି ଦେଇ ଏବେ ପ୍ରାକୃତିକ କୃଷିର ବ୍ୟବହାରକୁ ପ୍ରାଥମିକତା ଦିଆଯାଉଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ବି ପରମ୍ପରାଗତ କୃଷି ବିକାଶ ଯୋଜନା ଦ୍ୱାରା ଜୈବିକ କୃଷିକୁ ଲୋକପ୍ରିୟ କରାଯାଇପାରୁଛି। କମ ଖର୍ଚ୍ଚ, ସ୍ୱଳ୍ପ ସମୟ ଓ ଅଧିକ ଆୟର ମାଧ୍ୟମ ଏହି ପ୍ରାକୃତିକ କୃଷି।

ଗୁଜରାଟର ଆନନ୍ଦଠାରେ ହେଉଥିବା କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣର ଜାତୀୟ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରାକୃତିକ କୃଷି ଉପରେ ଗୁରୁତ୍ୱାରୋପ କରିଛନ୍ତି। ସୁତରାଂ କେବଳ ଆଜି ନୁହେଁ ଭବିଷ୍ୟତକୁ ଯଦି ଆମେ ଲକ୍ଷ୍ୟ କରିବା ତାହାହେଲେ ଏ ପ୍ରାକୃତିକ କୃଷି ହିଁ ଆମ ଦୈନନ୍ଦିନ ଜୀବନର ଏକ ଅଂଶ ଭାବରେ ପରିଗଣିତ ହେବ।

**ପ୍ରାକୃତିକ କୃଷି-** ଆମ ବାପା ଅଜା ଅମଳ ସମୟରେ ଏ ପ୍ରକାର ଚାଷ ପଦ୍ଧତି ଖୁବ ଜଣାଶୁଣା ଥିଲା। ସେତେବେଳେ ନା ଥିଲା ସାର, ନା ବିଷ ନା ବଡ଼ ବଡ଼ କୃଷିଭିତ୍ତିକ ଦୋକାନ ବଜାର। କେବଳ ପ୍ରାକୃତିକ ଉପାୟରେ ଚାଷ କରି ଜମିରୁ ସୁନା ଫଳାଉଥଲେ ସେମାନେ। ପରିବେଶ ସନ୍ତୁଳନ ଠିକ୍ ରହିବା ସହ ଜୈବ ବିବିଧତାର ସୁରକ୍ଷା ମଧ୍ୟ ହୋଇପାରୁଥିଲା।

କୃଷି ଆମ ସଂସ୍କୃତି ଓ ସଭ୍ୟତାର ଆଦ୍ୟ ଓଁକାର। ଏଇ ଚାଷ ହିଁ ଜୀବନ ଜିଇଁବାର ଅଧ୍ୟାୟ। ଆଗ କାଳରେ ଗାଁ ଗହଳିରେ ଚାଷ କହିଲେ ସବୁକିଛିକୁ ବୁଝାଉଥିଲା। ଚାଷ ଓ ଚାଷୀର ସେ ମହନୀୟତାର ଚିତ୍ର ବେଶ ଜୀବନ୍ତ ଭାବରେ ଗାଁରେ ପ୍ରତିଫଳିତ ହେଉଥିଲା। ସାମ୍ପ୍ରତିକ ସମୟକୁ ଲକ୍ଷ୍ୟ କଲେ କୃଷି ହିଁ ଆମ ଭବିଷ୍ୟତ ବୋଲି କୁହାଯାଇପାରେ। ଏହି କୃଷି ହିଁ ଆମ ଅର୍ଥନୀତିର ସଂସ୍କାରକ ବୋଲି ବିବେଚନା କରାଯାଇପାରେ। ସମୟ ବଦଳିବା ସହ ପରିବେଶ ବି ବଦଳୁଛି। ପରିବେଶର ରୂପରେଖର ପରିବର୍ତ୍ତନ ହେଉଛି। ଜଳବାୟୁର ଅନିୟମିତତା ଯେପରିକି ଅତ୍ୟଧିକ ତାପମାତ୍ରାର ପ୍ରଭାବ, ବନ୍ୟା, ବାତ୍ୟା, ମରୁଡ଼ି ପରି ପରିସ୍ଥିତି ଏସବୁର ପ୍ରମୁଖ ଉଦାହରଣ। ଆମ ରାଜ୍ୟ-ଓଡିଶା - କୃଷିର ଏନ୍ତୁଡ଼ିଶାଳ। ସତୁରୀ ଭାଗରୁ ଅଧିକ ଲୋକ ଚାଷ ଉପରେ ନିର୍ଭରଶୀଳ। ଏଠାକାର ମାଟି ସୋରିଷର ଗାଥା ଗାଏ ତ’ ଆଉ କେତେବେଳେ ପାଚିଲା କେଣ୍ଡାର ହସରେ ମହକୁଥାଏ। ସେଥିପାଇଁ ଆମ ରାଜ୍ୟ ମହାନ।

ଗୁଜରାଟଠାରେ ହେଉଥିବା ଏ ସମ୍ମିଳନୀ ନିଶ୍ଚୟ ଭାବରେ ଆଗାମୀ ସମୟ ପାଇଁ ଏକ ବଡ଼ ଆହ୍ୱାନ। ପ୍ରଧାନମନ୍ତ୍ରୀଙ୍କ ୨୦୨୨ ସୁଦ୍ଧା ଚାଷୀମାନଙ୍କ ଆୟକୁ ଦ୍ୱିଗୁଣିତ କରିବାର ସ୍ୱପ୍ନକୁ ସାକର କରିବା ଦିଗରେ ଏ ପ୍ରାକୃତିକ କୃଷି ଏକ ମାଇଲଖୁଣ୍ଟ ସାଜିବ, ଏଥିରେ ଦ୍ୱିମତ ନାହିଁ। ଉତ୍ପାଦନ ବୃଦ୍ଧି ସହ କୃଷକଙ୍କ କାର୍ଯ୍ୟଦକ୍ଷତାର ବିକାଶରେ ଏହା ପ୍ରମୁଖ ମଙ୍ଗ ଧରିବ। ଜମିରେ ରାସାୟନିକ ସାରର ବ୍ୟବହାର କମ୍ କରି କିପରି ଜୈବିକ ଉପାୟରେ ପ୍ରସ୍ତୁତ ସାମଗ୍ରୀ ପ୍ରୟୋଗ ପୂର୍ବକ ଫସଲର ଗୁଣାତ୍ମକ ମାନ ବଢ଼ାଯାଇପାରିବ, ତାହା ହିଁ ପ୍ରାକୃତିକ କୃଷିର ମୂଳଲକ୍ଷ୍ୟ।

**ଶୂନ୍ୟ ବଜେଟ ପ୍ରାକୃତିକ କୃଷି-** ସାମ୍ପ୍ରତିକ ସମୟରେ କୃଷି କ୍ଷେତ୍ରରେ ଏକ ବୈପ୍ଲବିକ ପରିବର୍ତ୍ତନ ଆଣିବାରେ ସହାୟକ ହୋଇପାରିବ। ଏହାଦ୍ୱାରା ସେମାନଙ୍କର ପୁଂଜିନିବେଶ କମ୍ ହେବା ସହ ଆୟର ପରିମାଣ ବଢ଼ିଥାଏ। ସେମାନଙ୍କୁ ବଜାର ଉପରେ ଅଧିକ ନିର୍ଭର କରି ପଇସା ଖର୍ଚ୍ଚ କରିବାକୁ ପଡ଼େ ନାହିଁ। ଏହାଦ୍ୱାରା ଚାଷବାସ ଖର୍ଚ୍ଚ କମିବା ସହ ସେମାନେ ନିଜେ ନିଜର କର୍ମସଂସ୍ଥାନକୁ ସଠିକ ଭାବରେ ପରିଚାଳିତ କରିପାରିଥା’ନ୍ତି।

ମାଟି ଚାଷ ପାଇଁ ଏକ ପ୍ରମୁଖ ଉପାଦାନ। ଆଦିବାସୀ ସମ୍ପ୍ରଦାୟର ଲୋକମାନେ ଜିରୋ ଟିଲେଜକୁ ବ୍ୟବହାର କରି ଚାଷଜମିର ଉନ୍ନତିକରଣ କରାଇପାରିବେ। ମାଟିର ଉର୍ବରତା ବଢ଼ାଇବା ସହ ମୃତ୍ତିକା କ୍ଷୟକୁ ରୋକିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇପାରିବ। ଏହାଦ୍ୱାରା ମାଟିର ଗଠନରେ ପରିବର୍ତ୍ତନ ହେବନାହିଁ; ବରଂ ମାଟିର ଜଳଧାରଣ କ୍ଷମତା ବଢ଼ାଯାଇପାରିବ।

ମାଟିରେ ଜୈବିକ ଉପାଦାନକୁ ବଢ଼ାଇବା ସହ ଫସଲର ଗୁଣାତ୍ମକ ମାନ ବଢାଇବାରେ ସାହାଯ୍ୟ କରିଥାଏ। ଏହା ପିଏଚର ସମାନତାକୁ ରକ୍ଷାକରିବା ସହ ମାଟିର ଥିବା ପୋଷକ ସନ୍ତୁଳନକୁ ଠିକ୍ ଭାବରେ କରିପାରିଥାଏ। ଏହାବ୍ୟତୀତ ଜୈବିକ ଉପାୟରେ କୀଟ ଦମନ ପ୍ରକ୍ରିୟା ଅନେକ ମାତ୍ରାରେ ରୋଗ ଓ ପୋକର ପ୍ରାଦୁର୍ଭାବ କମାଇଥାଏ।

ଏହି ପ୍ରାକୃତିକ କୃଷି ମୁଖ୍ୟତଃ ଜୈବବିବିଧତା ରକ୍ଷାକରିଥାଏ, ମାଟିର ଉର୍ବରଶକ୍ତି ତଥା ଜଳସଂରକ୍ଷଣ ଠିକ୍ ଭାବରେ କରିଥାଏ। ଏହା ମୁଖ୍ୟତଃ ଜୈବିକ କୃଷିକୁ ଅନୁସରଣ କରି ଉପଯୋଗ ହୋଇଥାଏ। ଜୈବିକ ଉପାୟରେ ରୋଗପୋକ ଦମନ କରାଯିବା ସହ ବିଭିନ୍ନପ୍ରକାର ଜୈବିକ ଖତ, ଜିଆଖତ, ଜୀବାମୃତ, ବୀଜାମୃତ, ଅମୃତପାଣି ପ୍ରମୁଖ ବ୍ୟବହାର କରାଯାଇଥାଏ।

ପ୍ରାକୃତିକ କୃଷିର ଏ ସଫଳ ଚିନ୍ତା ଓ ଚେତନାର ପରିପ୍ରକାଶ ଯଦି ଆମ ଚାଷଜମିରେ ହୋଇପାରିଲା, ତେବେ ସମ୍ଭବତଃ ଏ ରାସାୟନିକ ସାରର ପ୍ରୟୋଗ ସମ୍ପୂର୍ଣ୍ଣ ମାତ୍ରାରେ କମ୍ ହୋଇପାରନ୍ତା। ପ୍ରାକୃତିକ କୃଷିର ମୂଳଲକ୍ଷ୍ୟ ପୂରଣ ହୋଇପାରନ୍ତା। ଏହାର ଗାଥାକୁ ସବୁ ଚାଷୀଭାଇଙ୍କ ପାଖରେ ପହଁଚାଇ ଶ୍ୟାମଳ ଜମିରୁ ସୁବର୍ଣ୍ଣ ଫଳେଇବାର ପ୍ରୟାସ କରାଯିବା ଆବଶ୍ୟକ। ପୂର୍ବରୁ ଯେପରି ସବୁଜିମାର ବଳୟ ଭିତରେ ଆମ ଚାଷଜମି ଆଚ୍ଛାଦିତ ହୋଇ ରହୁଥିଲା, ବର୍ତ୍ତମାନ ବି ସମୟ ଆସିଛି, ପୁଣି ଥରେ ସେହି ଦିନକୁ ଫେରିଯିବା। ତାହାହେଲେ ଯାଇ ପୁଣି ଆମ ଚାଷ ଜମିରେ ସେ ସବୁଜିମା କଥା କହିବ।

*(କୃଷି ସ୍ନାତକୋତ୍ତର , ମୃତ୍ତିକା ବିଜ୍ଞାନ, ସୋଆ, ଭୁବନେଶ୍ୱର, ମୋ-୯୪୩୮୪୬୭୦୭୯*

## ଆଜିର ଅନୁଚିନ୍ତା

**ସଂସାରକୁ ତ୍ୟାଗ ନ କରି ତା’ ପ୍ରତି ନିର୍ଲିପ୍ତ (ବୀତସ୍ପୃହ) ହେବା ଭଲ।**

*ପାଠକୀୟ ମତାମତ ଓ ପରାମର୍ଶ ‘ପର୍ଯ୍ୟବେକ୍ଷକ’ ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା’ ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଭାରତ-ପାକିସ୍ଥାନ ଯୁଦ୍ଧ-୧୯୭୧

**ବିପିନବିହାରୀ ମହାନ୍ତି**

ଦେଶ ସ୍ୱାଧୀନ ହେଲା ବେଳେ ସମଗ୍ର ଭାରତକୁ ଦୁଇ ଭାଗ କରିଦିଆଗଲା। ଏମିତି ଧର୍ମ ବା ସଂପ୍ରଦାୟକୁ ଭିତ୍ତିକରି ହେଲା ହିନ୍ଦୁସ୍ଥାନ ବା ଭାରତ ଏବଂ ଅନ୍ୟଟି ମୁସଲମାନଙ୍କ ପାଇଁ ପାକିସ୍ଥାନ। ଏହା ପୁଣି ହେଲା ପଶ୍ଚିମ ପାକିସ୍ଥାନ ଓ ପୂର୍ବ ପାକିସ୍ଥାନ। ପୂର୍ବ ପାକିସ୍ଥାନରେ ପ୍ରାୟ ସମସ୍ତ ଅଧିବାସୀ ବଙ୍ଗଳାଭାଷୀ ବା ବେଙ୍ଗଲୀ। ପାକିସ୍ଥାନର ମୁଖ୍ୟ କାର୍ଯ୍ୟାଳୟ, ସଂସଦ ଠାରୁ ଆରମ୍ଭ କରି ସବୁକିଛି, ପଶ୍ଚିମ ପାକିସ୍ଥାନରେ। ସେଇଠୁ ନିୟନ୍ତ୍ରଣ କରାଯାଏ ପୂର୍ବ ପାକିସ୍ଥାନକୁ। ତେବେ ପଶ୍ଚିମ ପାକିସ୍ଥାନୀଙ୍କର ପୂର୍ବ ପାକିସ୍ଥାନୀ ବଙ୍ଗାଳୀଙ୍କ ପ୍ରତି ଏକ ନ୍ୟୁନ ଭାବ ଥାଏ। ସେମାନେ ତାଙ୍କୁ ଦମିତ କରି ରଖିଥାନ୍ତି। ୧୯୭୦ ପାକିସ୍ଥାନୀ ନିର୍ବାଚନରେ ମୁଜିବୁର ରହମାନଙ୍କ ନେତୃତ୍ୱରେ ଆୱାମୀ ଲିଗ୍ ପୂର୍ବ ପାକିସ୍ଥାନରେ ୧୬୯ଟି ଆସନରୁ ୧୬୭ଟି ଦଖଲ କଲେ। ଏବେ ପାକିସ୍ଥାନୀ ସଂସଦର ୩୧୩ ଆସନରୁ ଅର୍ଦ୍ଧାଧିକ ଆସନ ପାଇଲେ ଆୱାମୀଲିଗ୍। ଏଣୁ ମୁଜିବୁର ରହମନ ପାକିସ୍ଥାନର ରାଷ୍ଟ୍ରପତିଙ୍କ ପାଖରେ ସରକାର ଗଠନ ପାଇଁ ଦାବୀ ଉପସ୍ଥାପନ କଲେ। ଏଥିକୁ ପାକସ୍ଥାନ ପିଉପ୍ଲିସ୍ ପାର୍ଟିର ଯୁଲିଫ୍‌କର ଅଲି ଭୁଟୋ ନାପସନ୍ଦ କଲେ ଏବଂ ରାଷ୍ଟ୍ରପତି ୟାହିୟା ଖାଁଙ୍କୁ ପ୍ରବର୍ତ୍ତାଇ ପୂର୍ବ ପାକିସ୍ଥାନକୁ ଦବାଇବା ପାଇଁ ସାମରିକ କାର୍ଯ୍ୟାନୁଷ୍ଠାନମାନ ଆରମ୍ଭ କରିଦେଲେ। ପୂର୍ବ ପାକିସ୍ଥାନର ସୈନ୍ୟ ଓ ପୋଲିସମାନଙ୍କୁ ନିରସ୍ତ୍ର କରାଇଦେଲେ। ଭିନ୍ନ ମତବାଦୀଙ୍କୁ ବନ୍ଦୀ କଲେ। ଏଣୁ ଚାଲିଲା ହରତାଳ ଏବଂ ଅସହଯୋଗ ଆନ୍ଦୋଳନ।



ପାକିସ୍ଥାନୀ ସାମରିକ ବାହିନୀ ୨୫/୨୬ ମାର୍ଚ୍ଚ ୧୯୭୧ର ରାତିରେ ପୂର୍ବ ପାକିସ୍ଥାନରେ ପହଞ୍ଚିଗଲେ। ଆୱାମୀ ଲିଗକୁ ନିଷେଧ କରାଗଲା। ସେହି ରାତି ୧.୩୦କୁ ମୁଜିବୁର ରହମନଙ୍କୁ ବନ୍ଦୀ କରାଗଲା ଏବଂ ତାଙ୍କୁ ନେଇ ପଶ୍ଚିମ ପାକିସ୍ଥାନରେ ରଖାଗଲା। ତାପରେ ଚାଲିଲା ଅପରେସନ ସର୍ଚ୍ଚ ଲାଇଟ୍ ଅର୍ଥାତ୍ ପୂର୍ବ ପାକିସ୍ଥାନର ବୃଦ୍ଧୀଜୀବୀଙ୍କୁ ହତ୍ୟା।

୨୬ ମାର୍ଚ୍ଚ ୧୯୭୧ ଦିନ, ଜିଆଉର ରହମାନ, ପାକିସ୍ଥାନୀ ସୈନ୍ୟର ଜଣେ ମେଜର ବଙ୍ଗଳା ଦେଶର ସ୍ୱାଧୀନତା ଘୋଷଣା କଲେ। ସେହିବର୍ଷ ଏପ୍ରିଲରେ ନିର୍ବାସିତ ଆୱାମୀ ଲିଗ୍ ନେତାମାନେ ନିର୍ବାସିତଙ୍କ ସରକାର ମେହେରପୁରର ବୈଦ୍ୟନାଥ ତାଲାଠାରେ ଗଠନ କଲେ। ପୂର୍ବ ପାକିସ୍ଥାନ ରାଇଫଲସ୍ ଏବଂ ସଂଗଠିତ ବେସାମରିକ ସୈନ୍ୟମାନେ ମିଶି ଗଠନ କଲେ ବଙ୍ଗଳାଦେଶ ଫୋର୍ସ ଯାହାର ନାମ ସେମାନେ ରଖିଲେ ‘ବଙ୍ଗଳାଦେଶ ମୁକ୍ତିବାହିନୀ’ ଯେଉଁଥିରେ ‘ନିୟମିତ ବାହିନୀ ଓ ଗରିଲା ବାହିନୀ’ ନାମରେ ଦୁଇ ସୈନ୍ୟବାହିନୀ ବିଭାଗ ଥିଲା। ଏହା କମାଣ୍ଡର-ଇନଚିଫ୍ (ସି.ଇନ୍.ସି.) ଜେନେରାଲ୍ ମହମ୍ମଦ ଘାନୀ ଓସମାନୀ ନେତୃତ୍ୱରେ ପରିଚାଳିତ ହେଲା।

ପାକିସ୍ଥାନୀ ସୈନ୍ୟମାନେ ପୂର୍ବ ପାକିସ୍ଥାନରେ ବଙ୍ଗାଳୀଙ୍କ ଉପରେ ଉପଯୁକ୍ତ ଗଣହତ୍ୟା ଆରମ୍ଭ କରିଦେଲେ, ବିଶେଷକରି ସଂଖ୍ୟା ଲଘୁ ହିନ୍ଦୁମାନଙ୍କ ଉପରେ। ଏମାନଙ୍କ ମଧ୍ୟରେ ପାଖାପାଖି ୧୦ ନିୟୁତ ହେବ ପ୍ରାଣଭୟରେ ଭାରତ ସୀମାନ୍ତରାଜ୍ୟ ପଶ୍ଚିମ ବଙ୍ଗ, ବିହାର, ଆସାମ, ମେଘାଳୟ ଏବଂ ତ୍ରିପୁରାରେ ଶରଣାର୍ଥୀଭାବେ ପ୍ରବେଶ କଲେ। ଏପ୍ରକାର ଶରଣାର୍ଥୀ ସମସ୍ୟା ଭାରତର ଅର୍ଥନୀତି ଉପରେ ଭୟଙ୍କର ଚାପ ପକାଇଲା।

‘ନରସଂହାର ନୀତି’ କାରଣରୁ ଜେନେରାଲ ଟିକ୍କା ଖାଁଙ୍କୁ ‘ବଙ୍ଗାଳୀଙ୍କ କଂସାଇ’ ବୋଲି ଲୋକେ କହିଲେ। ସେ ମଧ୍ୟ ତାଙ୍କର ଏ ନୀତି ପାଇଁ ତାଙ୍କୁ ଆଗରୁ ‘ବେଲୁଚିସ୍ଥାନ କଂସେଇ’ ବୋଲି ନାମିତ କରାଯାଇଥିଲା। ପାକିସ୍ଥାନର ସର୍ବୋଚ୍ଚ ଜେନେରାଲ୍ ନିଆଜୀ ତାଙ୍କୁ ଏପରି କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିକୁ ସେ ଟୀକ୍କା ଦିଅନ୍ତି ଯେ ସେଦିନର ଶାନ୍ତିପୂର୍ଣ୍ଣ ରାତିଟି ସଂପୂର୍ଣ୍ଣ ପରିବର୍ତ୍ତିତ ହୋଇଗଲା ଯନ୍ତ୍ରଣା ଓ କାନ୍ଦଣାଜନିତ ଚିତ୍‌କାର ଓ ପୋଡ଼ାଜଳାରେ। ଜେନେରାଲ୍ ଟିକ୍କା ଏମିତି ନିଷ୍ଠୁର ଏବଂ ହୃଦ୍ ବିଦାରକ ନରସଂହାର ଲୀଳା ଚଳାଇଥିଲେ ଯେ ଯାହାକି ଚେଙ୍ଗିଜ୍ ଖାଁଙ୍କ ବୁଖାରା ଓ ବାଗଦାଦ୍ ଗଣସଂହାରଠାରୁ ବଳାଇଗଲା ବାହାଲକୁ ଖାଁଙ୍କ ଠାରୁ ମଧ୍ୟ ଅଧିକ ଥିଲା। ସେ ତାଙ୍କ ଗଣସଂହାରରେ ବେସାମରିକ ଲୋକଙ୍କୁ ବି ବାଦ୍ ଦେଇନାହାଁନ୍ତି। ସେ ତାଙ୍କ ସୈନ୍ୟବାହିନୀଙ୍କୁ ନିର୍ଦ୍ଦେଶ ଦେଇଥିଲେ, ‘ମୋର ଏଠି ମଣିଷ ଦରକାର ନାହିଁ, ଏ ପୂର୍ବ ପାକିସ୍ଥାନର ଜମି ଦରକାର। ପୂର୍ବ ପାକିସ୍ଥାନରେ ସବୁଜ ଜମିକୁ ରକ୍ତରଂଜିତ କରିଦିଅ।’ ସତରେ ଏହା ବଙ୍ଗାଳୀଙ୍କ ରକ୍ତରେ ରଂଜିତ ହୋଇଗଲା। ଆଉ ଅନ୍ୟାନ୍ୟ ଅମାନୁଷିକ ଅତ୍ୟାଚାର ଏବଂ ଅଭାବନୀୟ ଘଟଣା ନେଇ କ’ଣ ବା କହିବା!

ଭାରତ ସରକାର ଏ ନେଇ ଆନ୍ତର୍ଜାତିକ ସ୍ତରରେ ଅନ୍ୟାନ୍ୟ ରାଷ୍ଟ୍ରମାନଙ୍କର ଦୃଷ୍ଟି ଆକର୍ଷଣ କଲେ। ମାତ୍ର ଫଳ କିଛି ହେଲାନାହିଁ। ଏଣୁ ଭାରତର ତତ୍‌କାଳୀନ ପ୍ରଧାନମନ୍ତ୍ରୀ, ଲୌହମାନବୀ ଇନ୍ଦିରା ଗାନ୍ଧୀ ୨୭ମାର୍ଚ୍ଚ ୧୯୭୧ରେ ତାଙ୍କର ପୂରା ସମର୍ଥନ ଏବଂ ସାହାଯ୍ୟ ବଙ୍ଗଳାଦେଶର ସ୍ୱାଧୀନତା ପାଇଁ ଘୋଷଣା କରିଦେଲେ। ସେ ନିଷ୍ପତ୍ତି ନେଲେ ଯେ ଶରଣାର୍ଥୀଙ୍କ ଭାର ବୋହିବା ଅପେକ୍ଷା ସାମରିକ ହସ୍ତକ୍ଷେପ ମାଧ୍ୟମରେ ପଶ୍ଚିମ ପାକିସ୍ଥାନ ଗଣହତ୍ୟାକୁ ରୋକିବାକୁ ହେବ। ଏଥିପାଇଁ ଭାରତ ତରଫରୁ ମୁକ୍ତିବାହିନୀ ସୈନ୍ୟମାନଙ୍କୁ ତାଲିମ ଦିଆଗଲା ଏବଂ ନିଜେ ଭାରତ ତାଙ୍କ ସହିତ ତାଙ୍କ ନିର୍ଦ୍ଦେଶରେ ନିର୍ବାସିତ ପୂର୍ବ ପାକସ୍ଥାନୀ ସୈନ୍ୟ ଓ ସଂଗଠିତ ସୈନ୍ୟକୁ ଏକାଠି କରି ମୁକ୍ତିବାହିନୀ ସୈନ୍ୟ ଗଠନ ହେଲା ଏବଂ ଯୁଦ୍ଧ ସେମାନଙ୍କୁ ଗରିଲା ଯୁଦ୍ଧ ତାଲିମ ଦିଆଗଲା। ଏହାପରେ ମୁକ୍ତି ବାହିନୀ ଓ ଭାରତୀୟ ସୈନ୍ୟବାହିନୀ ମିଶି ପ୍ରସ୍ତୁତ ରହିଲେ।

ଏସବୁ ଦେଖି ପଶ୍ଚିମ ପାକିସ୍ଥାନ ପୂର୍ବ ପାକିସ୍ଥାନ ଓ ଭାରତ ଉପରେ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ବାହାରିପଡ଼ିଲା। ପଶ୍ଚିମ ପାକିସ୍ଥାନର ପ୍ରାଚୀରପତ୍ରମାନଙ୍କରେ ଲେଖାଥିଲା, ‘ଭାରତକୁ ଧ୍ୱଂସ କର’ ଏବଂ ଶେଖ୍ ମୁଜିବୁରଙ୍କ ପାଇଁ ସ୍ଲୋଗାନ ଥିଲା, ‘ପ୍ରତାରକକୁ ଫାଶୀ ଦିଅ’।

ନଭେମ୍ବର ଶେଷଭାଗକୁ ଏହା ସୁସ୍ପଷ୍ଟ ହୋଇ ଯାଇଥିଲା ଯେ ଯୁଦ୍ଧ ଅନିବାର୍ଯ୍ୟ। ଭାରତୀୟ ସୈନ୍ୟମାନେ ଡ଼ିସେମ୍ବରକୁ ଯୁଦ୍ଧପାଇଁ ଅପେକ୍ଷା କରିଥାନ୍ତି କାରଣ ସେତେବେଳେ ଭୂମି ଶୁଖିଲା ଥିବ ଏବଂ ହିମାଳୟର ଗିରିପଥଗୁଡ଼ିକ ବରଫଦ୍ୱାରା ଆଚ୍ଛାଦନ ଥିବା ହେତୁ କିଛି ପ୍ରତିବନ୍ଧକ ଚୀନ ପଟୁ ସୃଷ୍ଟିର କାରଣ ନଥିବ।

୩ ଡ଼ିସେମ୍ବର ଅପରାହ୍ନ ୫.୪୦ରେ ପାକିସ୍ଥାନର ବାୟୁସେନା (ପି.ଏ.ଏଫ୍) ଆଗତୁରା ଭାରତ ଆକ୍ରମଣକୁ ଅକ୍ଷମ ଓ ଦୁର୍ବଳ କରିଦେବା ନିମନ୍ତେ ତା’ ସୀମାରେଖା ପାଖରେ ଥିବା ୧୧ଟି ବିମାନ ଘାଟି ଅଞ୍ଚଳରେ ପ୍ରିଏମ୍‌ପିଟ୍‌ଭି ଷ୍ଟ୍ରାଇକ୍ ଆରମ୍ଭ କରିଦେଲା। ଏହାକୁ କୁହନ୍ତି ଅପରେସନ ଚେଙ୍ଗିଜ୍ ଖାଁ ଯାହାକି ୧୯୬୭ରେ ଆରବ - ଇସ୍ରାଏଲ୍ ଯୁଦ୍ଧକୁ ମାତ୍ର ୬ଦିନରେ ସମାପ୍ତ କରିଦେଇଥିଲା ଅଥଚ ଏଠି ପାକିସ୍ଥାନର ମାତ୍ର ଆକାଶଯୁଦ୍ଧ ଜାହାଜ ସଂଖ୍ୟା ୫୦ଟିଥିଲା। ଏଥିରୁ ଭାରତ ନିଶ୍ଚିତ କଲା ଯେ ଏ ‘ପ୍ରିଏମ୍‌ପିଟ୍‌ଭି ଷ୍ଟ୍ରାଇକ୍’ ଭାରତ ପାଇଁ ଏକ ଯୁଦ୍ଧ ଆହ୍ୱାନ। ସେହିଦିନ ସଂଧାରେ ଏକ ରେଜିଓ ବାର୍ତ୍ତା ଯୋଗେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏକଥା ଘୋଷଣା କଲେ। ଫଳରେ ସେହିଦିନ ରାତିରେ ଭାରତୀୟ ଆକାଶବାହିନୀ ଏହାର ପ୍ରାଥମିକ ଜବାବ୍ ଦେଲେ। ତା’ପରେ ସେହିଦିନ ରାତିରେ ଭାରତୀୟ ଆକାଶବାହିନୀର ଏହାର ପ୍ରାଥମିକ ଜବାବ୍ ଦେଲେ। ସେହିଦିନ ମଧ୍ୟ ରାତ୍ରୀର ଘମାଘୋଟ ଲଢ଼େଇ ଜଳ, ସ୍ଥଳ ଓ ଆକାଶ ମାର୍ଗରୁ ହେଲା। ପୂର୍ବ ପାକିସ୍ଥାନ ପଟୁ ଯୁଦ୍ଧରେ ଯଦିଓ ବଙ୍ଗଳାଦେଶକୁ ପଶ୍ଚିମ ପାକିସ୍ଥାନଠୁ ମୁକ୍ତ କରିବା ଉଦ୍ଦେଶ୍ୟରେ ଥିଲା, ପଶ୍ଚିମପଟେ ପାକିସ୍ଥାନୀକୁ ଭାରତ ପ୍ରବେଶ କରାଇ ନଦେବା ଥିଲା ଉଦ୍ଦେଶ୍ୟ। ଏହାବ୍ୟତୀତ ଅନ୍ୟ କାରଣ ନଥିଲା।




ଏ ଯୁଦ୍ଧରେ ଭାରତ ବ୍ଲିଜକ୍ରାଏଜ ଯୁଦ୍ଧ କୌଶଳ ପ୍ରୟୋଗ କରି ମାତ୍ର ୧୩ଦିନରେ (୩ ଡ଼ିସେମ୍ବରରୁ ୧୬ ଡ଼ିସେମ୍ବର) ବିଜୟ ଲାଭ କରିଥିଲା।

ସେଦିନ ଏହା ଡ଼ିସେମ୍ବର ୧୬ ତାରିଖରେ ଏକତରଫା ଭାବେ ଏବଂ ବିନା ସର୍ତ୍ତରେ ପାକିସ୍ଥାନ ଆତ୍ମସମର୍ପଣ କଲା ଏବଂ ପୂର୍ବ ପାକିସ୍ଥାନ ସ୍ୱାଧୀନ ବଙ୍ଗଳା ଦେଶରେ ପରିଣତ ହେଲା। ପାକିସ୍ଥାନ ସେନାବାହିନୀର ସର୍ବୋଚ୍ଚମୁଖ୍ୟ ଜେନେରାଲ ଅମିର ଅବଦୁଲ୍ଲାହ ଖାନ୍ ନିଆଜୀ ୯୩,୦୦୦ ସୈନ୍ୟବାହିନୀବଳ ସହ ଭାରତ ଓ ମୁକ୍ତିବାହିନୀ ମିଳିତ ସୈନ୍ୟର ମୁଖ୍ୟ ଜେନେରାଲ ଜଗତ ସିଂହ ଆରୋରା, ଭାରତଙ୍କ ନିକଟରେ ରାମନାରେସ ରେସ୍‌କୋର୍ସଠାରେ ଏକତରଫା ନିଃସର୍ତ୍ତ ଆତ୍ମସମର୍ପଣ କଲେ। ଏହ ଯୁଦ୍ଧରେ ପାକିସ୍ଥାନ ପକ୍ଷର ୯୭,୩୬୮ ଯୁଦ୍ଧବନ୍ଦୀ ଥିଲେ ଯେଉଁଥିରେ ପଦାତିକ ୫୪,୧୫୪, ନୈସେନା - ୧୩୮୧, ଆକାଶବଳ - ୮୩୩, ସଂଗଠିତ ବଳ - ୨୨,୦୦୦ ଓ ବେସାମରିକ ବ୍ୟକ୍ତି ଥିଲେ ୧୨,୦୦୦। ଭାରତ ଓ ମୁକ୍ତି ବାହିନୀ ତରଫରୁ ଲଢ଼ିଥିବା ସୈନ୍ୟବଳ ଯଥାକ୍ରମେ ୫,୦୦,୦୦୦ ଏବଂ ୧,୭୫,୦୦୦। ପାକିସ୍ଥାନ ପକ୍ଷରୁ ଥିଲେ ୩୬୫,୦୦୦। ଭାରତ ମୁକ୍ତିବାହିନୀ ମୃତ ଓ ଆହତ ସଂଖ୍ୟା ଯଥାକ୍ରମେ ୩,୮୪୩ ଏବଂ ୯,୮୫୧ ଥିବାବେଳେ ପାକିସ୍ଥାନ ପକ୍ଷରୁ ଥିଲା ଯଥାକ୍ରମେ ୯,୦୦୦ ଏବଂ ୪,୩୫୦।

ଭାରତ ପ୍ରଚେଷ୍ଟାରୁ ପୂର୍ବପାକିସ୍ଥାନ ପଶ୍ଚିମ ପାକିସ୍ଥାନ କବଳରୁ ମୁକ୍ତ ହୋଇ ସ୍ୱତନ୍ତ୍ର ସ୍ୱାଧୀନ ରାଷ୍ଟ୍ର ‘ବଙ୍ଗଳଦେଶ’ରେ ନାମିତ ହେଲା। ଏହା ଥିଲା ଉଭୟ ଦେଶପାଇଁ ବିଜୟର ଟୀକା। ଏହାକୁ ସ୍ମରଣକରି ଦେଶପାଇଁ ପ୍ରାଣବଳୀ ଦେଇଥିବା ଅମର ଯବାନଙ୍କ ଉଦ୍ଦେଶ୍ୟରେ ପ୍ରତିବର୍ଷ ୧୬ଡ଼ିସେମ୍ବରକୁ ଆମେ ବିଜୟ ଦିବସ ରୂପେ ପାଳନ କରୁଛୁ। ଏହି ଦିବସରେ ଆମ ଭାରତର ରକ୍ଷାମନ୍ତ୍ରୀ ଏବଂ ତିନି ସେନାବିଭାଗର ମୁଖ୍ୟମାନେ ନୂଆଦିଲ୍ଲୀର ଇଣ୍ଡିଆ ଗେଟ୍ ଓ ଜାତୀୟ ସାମରିକ ମେମୋରିଆଲ, ବାଙ୍ଗାଲୋରଠାରେ ସେମାନଙ୍କ ପାଇଁ ସ୍ମୃତିଅର୍ଘ୍ୟ ଅର୍ପଣ କରିଥା’ନ୍ତି। ଦେଶସାରା ନାଗରିକ, ବରିଷ୍ଠ ପଦାଧିକାରୀ, ଛାତ୍ର ସମାଜ ଏବଂ ପୁରୁଖା ସୈନ୍ୟବାହିନୀର ବ୍ୟକ୍ତିମାନଙ୍କ ଦ୍ୱାରା ଅମର ସହୀଦମାନଙ୍କୁ ଗୋଲାକାର ଫୁଲତୋଡ଼ା ପ୍ରଦାନପୂର୍ବକ ସେମାନଙ୍କ ଶହୀଦ ସ୍ତମ୍ଭଠାରେ ସ୍ମୃତି ଅଞ୍ଜଳି ପ୍ରଦାନ କରିଥାନ୍ତି। ସେମାନଙ୍କ ପାଇଁ ଡ଼ିସେମ୍ବର ୧୬ ହିଁ ଏକ ଉତ୍ସର୍ଗୀକୃତ ଦିବସ। ଆମେ କେବେ ବି ସେମାନଙ୍କୁ ନୈରାଶ୍ୟ କରିବୁ ନାହିଁ। ଏମିତି କାଳ କାଳକୁ ତାଙ୍କ ସ୍ମୃତିଚାରଣ କରୁଥିବୁ। ମାନ୍ୟବର ରାଜୀବ ଚନ୍ଦ୍ର ଶେଖରଙ୍କ ଭାଷାରେ ଏହାହିଁ ଆମ କର୍ତ୍ତବ୍ୟ:.

ଏହିପରି ୨୮ଜୁନ୍ ୧୯୯୯ରେ କାର୍ଗିଲ ଯୁଦ୍ଧରେ ପାକିସ୍ଥାନ ବିରୁଦ୍ଧରେ ଆମେ ବିଜୟ ହାସଲ କରିଥିଲୁ। ଏଣୁ ପ୍ରତିବର୍ଷ ୨୮ଜୁନ୍‌କୁ କାରଗିଲ ଦିବସ ରୂପେ ଆମେ ପାଳନ କରୁଛୁ। ଏହା ବି ଆମର ଭିନ୍ନ ଏକ ବିଜୟ ଦିବସ। ଜବାନ୍‌ମାନଙ୍କ ଜୟ ହେଉ।

*-ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିକାଶ ନଗର, ଜଟଣୀ, ଖୋର୍ଦ୍ଧା-୭୫୨୦୫୦, ମୋ: ୯୯୩୮୩୪୧୩୮*

# ବେସରକାରୀ ବିଦ୍ୟାଳୟର ଏକଚ୍ଛତ୍ରବାଦ କାହିଁକି ?

ନକଲି ଚାହା ପତି କାରଖାନା ଠାବ ହେବା ପରେ, ମୋର ପଡୋଶୀ ସମୀର ବାବୁ, ଆମଘରେ ତାଙ୍କର ଦୈନନ୍ଦିନ ସକାଳ ଚାହା ପାନର ଅଭ୍ୟାସକୁ ସଂପୂର୍ଣ୍ଣ ତ୍ୟାଗ କରିଦେଇ, କେବଳ କୌଣସି ଏକ ସାମାଜିକ ସମସ୍ୟା ଉପରେ କିଛି ସମୟ ଆଲୋଚନା କରି, ଖବରକାଗଜ ପଢିବା ପରେ ତାଙ୍କ ଘରକୁ ଫେରନ୍ତି। ଆଜି ଆସୁଆସୁ ଆରମ୍ଭ କରିଦେଲେ, ଭାଇ ଏ ବେସରକାରୀ ବିଦ୍ୟାଳୟର ଦୌରାତ୍ମ୍ୟ ଆଉ ସହ୍ୟ କରିହେବ ନାହିଁ। ମନଇଚ୍ଛା ଫିଜ୍ ଧାର୍ଯ୍ୟ, ପ୍ରତ୍ୟେକ ବର୍ଷ ଦେୟ ବୃଦ୍ଧି, ଦେୟ ପ୍ରଦାନ ବିଳମ୍ବ ଜନିତ ଜୋରିମାନା, ଯାହା ଯେତେବେଳେ ଚାହୁଁଛନ୍ତି କରୁଛନ୍ତି। କରୋନା ଯୋଗୁ, ଏ ବର୍ଷ ତମାମ କ୍ଲାସ୍ ନକରି କହୁଛନ୍ତି, ଆମେ ଅନ୍‌ଲାଇନ୍ କ୍ଲାସ୍ କରିଛୁ, ଆମକୁ ପଇସା ଦିଅ, ଆମ ଟିଚର ମାନଙ୍କୁ ଦରମା ଦେବୁ।

ମୁଁ କହିଲି ସମୀରବାବୁ, ଗୋଟିଏ କଥା କହିବି ଖରାପ ଭାବିବେ ନାହିଁ। ଆପଣ ସରକାରୀ ବିଦ୍ୟାଳୟରେ ପ୍ରଦତ୍ତ ମାଗଣା ଭୋଜନ, ସେଥିରେ ପୁଷ୍ଟିକର ଅଣ୍ଡା, ସୋୟା, ମାଗଣା ପୋଷାକ, ମାଗଣା ପାଠ୍ୟ ପୁସ୍ତକ, ଜୋତା, ସାଇକେଲ, ତା’ ସାଙ୍ଗରେ ଅନୁସୂଚିତ ଜାତି, ଉପଜାତି, ପଛୁଆ ବର୍ଗ ଓ ବାଳିକା ପ୍ରୋତ୍ସାହନ ପରି ଅନେକ ବୃତିର ବ୍ୟବସ୍ଥାକୁ ଛାଡି, ବେସରକାରୀ ବିଦ୍ୟାଳୟରେ ପିଲାଙ୍କୁ ପଢାଇଲେ କାହିଁକି? ତା’ଛଡା ଆପଣ ଜଣେ ସରକାରୀ ଚାକିରିଆ ହୋଇ, ସରକାରଙ୍କଠାରୁ ସମସ୍ତ ସୁବିଧାସୁଯୋଗ ପାଇ ମଧ୍ୟ, ବେସରକାରୀ ବିଦ୍ୟାଳୟରେ ପିଲାଙ୍କୁ ପଢାଇବା ଉଚିତ୍ ହୋଇଛି କି? ସାଙ୍ଗେ ସାଙ୍ଗେ ସମୀରବାବୁ କହିଲେ, ଆଛା ଭାଇ, ସରକାରୀ ହସ୍ପିଟାଲରେ ପ୍ରସବ କରାଇଲେ, ସରକାର ଜନନୀ କଲ୍ୟାଣ ଯୋଜନା ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରଦାନ କରୁଥିବା ସତ୍ତ୍ୱେ, ଆପଣ ଆପଣଙ୍କର ବୋହୂର ଡେଲିଭରି, ନର୍ସିଙ୍ଗ ହୋମ୍‌ରେ କରାଇଲେ କାହିଁକି? ମୁଁ କହିଲି, ଆପଣ ବୋଧହୁଏ, ସରକାରୀ ଡାକ୍ତରଖାନାର ଅବସ୍ଥା ବିଷୟରେ ଜାଣିନାହାନ୍ତି? କୋଉଠି ରୋଗୀର ବେଡ୍‌ରେ କୁକୁର ଶୋଉଛି ତ’ କୋଉଠି ପୁରୁଣା ଛାତରୁ କଂକ୍ରିଟ ନଚେତ୍ ଫ୍ୟାନ୍ ଖସି ପଡୁଛି। କୋଉଠି ଜେନେରେଟର ନଥିବାରୁ କରେଂଟ ଚାଲିଗଲେ, ମୋବାଇଲ ଟର୍ଚ୍ଚରେ ଅପରେସନ୍ ହେଉଛି ତ’ କୋଉଠି ଡାକ୍ତର ରୋଗୀ ପେଟ ଭିତରେ ଗଜ କପଡା, କଇଂଚି ଛାଡିଦେଇ ସିଲାଇ କରି ଦେଉଛନ୍ତି। ଡାକ୍ତରଙ୍କୁ ଡାକିଲେ, ସେ ଏତେ କ୍ଷିପ୍ର ଗତିରେ ଓ ନିଷ୍ଠାରେ ସେବା ଯୋଗାଇ ଦେଉଛନ୍ତି ଯେ, ରୋଗୀଟି କେବଳ ଯମଙ୍କ ନିକଟରେ ଜୀବନ ଭିକ୍ଷାର ପ୍ରାର୍ଥନା କରିବା ଛଡା ଅନ୍ୟ ଗତି ନାହିଁ। ତେଣୁ ଏ ପରିସ୍ଥିତିରେ ମୁଁ ବୋହୂକୁ ନର୍ସିଙ୍ଗ ହୋମ୍‌ରେ ପ୍ରସବ କରାଇବା କ’ଣ ଭୁଲ୍ କରିଛି?

ପୁନର୍ବାର ସମୀରବାବୁଙ୍କ ଦ୍ୱିତୀୟ ଶାଣିତ ପ୍ରଶ୍ନ, ଆପଣ ଆପଣଙ୍କ ଝିଅ ପାଖକୁ କୋରାପୁଟ ଯିବାବେଳେ, ସରକାରୀ ବସ୍‌ରେ କମ୍ ଭଡା ଥିବା ସତ୍ତ୍ୱେ, ଆପଣ ବେସରକାରୀ ବସ୍‌ରେ ଯାଉଛନ୍ତି କାହିଁକି? ମୁଁ କହିଲି, ନାଇଁ ଆଜ୍ଞା ମୁଁ ଥରେ ଦୁଇଥର ଯାଇଛି ଯେ, କିନ୍ତୁ ଭୀଷଣ କଷ୍ଟକର ଯାତ୍ରା। ସିଟ୍ ଉପରୁ ସ୍ପଞ୍ଜ ଉଠିଯାଇ କେବଳ କାଠପଟା ଥାଏ, ଦୁର୍ବଳ ଟାୟାର ଟିୟୁବ୍ ଯୋଗୁ ବାଟରେ ପମ୍ପଚର ହେବାର ସମ୍ଭାବନା ସର୍ବାଧିକ। ଯାତ୍ରା ସମୟରେ ବସ୍‌ର ଅତ୍ୟଧିକ କମ୍ପନ ଜନିତ ବ୍ୟାୟାମ ଯୋଗୁ, ଯାତ୍ରା ପରେ ଦିନେ ଦୁଇଦିନ ପାଇଖାନା ଯିବାରେ ଅସୁବିଧା ଅନୁଭୂତ ହେବା ସୁନିଶ୍ଚିତ। ମୋ କଥା ଶୁଣି ସମୀରବାବୁ କହିଲେ, ଠିକ୍ ସେହିପରି ବେସରକାରୀ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତାଙ୍କ ବ୍ୟବସାୟୀକ ଓ ଲାଭଖୋର ମନୋବୃତିକୁ ଆମେ ବୁଝିପାରିଥିଲେ ମଧ୍ୟ, ସରକାରୀ ଶିକ୍ଷାନୁଷ୍ଠାନର ଘୋର ଅବ୍ୟବସ୍ଥା, ଆମକୁ ବେସରକାରୀ ଶିକ୍ଷାନୁଷ୍ଠାନ ପ୍ରତି ଆକର୍ଷିତ ହେବାକୁ ବାଧ୍ୟ କରିଅଛି।



ମୋର ଗୋଟିଏ ପ୍ରଶ୍ନର ଜବାବ, ସମୀରବାବୁ ଏତେ ବାସ୍ତବ ଓ ଯୁକ୍ତିଭିତ୍ତିକ ଶୈଳୀରେ, ଦୁଇଦୁଇଟି ପାଲଟା ପ୍ରଶ୍ନରେ, ମୋ’ଠାରୁ ଉତ୍ତର ଆଦାୟ କରିଦେବେ ବୋଲି ମୁଁ ବିଶ୍ୱାସ କରି ନ ଥିଲି। ତଥାପି କହିଲି ଶୁଣନ୍ତୁ ଆଜ୍ଞା, ସରକାରୀ ବିଦ୍ୟାଳୟର ଶିକ୍ଷାର୍ଥୀଙ୍କ ପାଇଁ, ସରକାର ଏବେ ଉଚ୍ଚଶିକ୍ଷା କ୍ଷେତ୍ରରେ ସଂରକ୍ଷଣର ବ୍ୟବସ୍ଥା କରିଛନ୍ତି। ମୋ’ କଥା ଶୁଣି, ସେ ଠୋ ଠୋ ହୋଇ ହସି କହିଲେ, ଭାଇ ସଂରକ୍ଷଣ ଅର୍ଥ, କଂଚା କିମ୍ବା ଦରପାଚିଲାକୁ କେମିକାଲ ଦେଇ ପଚାଇବା ସାଙ୍ଗେ ସମାନ। ଅଯୋଗ୍ୟକୁ ଯୋଗ୍ୟ ସାବ୍ୟସ୍ତ କରିବା। ଶିକ୍ଷା ଏବଂ ସ୍ୱାସ୍ଥ୍ୟକ୍ଷେତ୍ରରେ ସଂରକ୍ଷଣଭିତ୍ତିକ ନିଯୁକ୍ତି ଅର୍ଥ ଦେଶକୁ ଧ୍ୱଂସାଭିମୁଖୀ କରାଇବାର ଏକ ସୁଗମ ପଥ। ଆରେ ଭାଇ ସରକାରୀ ବିଦ୍ୟାଳୟରେ ତ’ ଆବଶ୍ୟକୀୟ ଶିକ୍ଷକ ନାହାନ୍ତି, ସାହିତ୍ୟ ଶିକ୍ଷକ ଗଣିତ ପଢାନ୍ତି। ଶିକ୍ଷକମାନେ ବର୍ଷସାରା ଜନଗଣନା, ବି.ପି.ଏଲ୍ ତାଲିକା ପ୍ରସ୍ତୁତ, ନିର୍ବାଚନ ପରିଚାଳନା, ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ, ପୋଷାକ, ପାଠ୍ୟପୁସ୍ତକ, ସାଇକେଲ, ଔଷଧ ବଂଟନ ଏବଂ ତତ୍ ସଂପର୍କୀୟ କାଗଜପତ୍ର ପ୍ରସ୍ତୁତି ତଥା ପ୍ରତ୍ୟେକ ଦିନ ଗୋଟିଏ ଦୁଇଟି ଡାଟା ପୂରଣକରି ବି.ଇ.ଓ କିମ୍ବା ଡି.ଇ.ଓ ଅଫିସ୍‌କୁ ଦୌଡିବାରେ ନିୟୋଜିତ ଥା’ନ୍ତି। ସରକାରୀ ବିଦ୍ୟାଳୟରେ ଭୋଟ୍ ବୁଥ୍, ବନ୍ୟାବାତ୍ୟା ଆଶ୍ରୟସ୍ଥଳି, ଦଙ୍ଗାକାଳୀନ ପୋଲିସ ଶିବିର ଇତ୍ୟାଦିରେ ଅନେକ ଛୁଟି ହୁଏ, ଯାହା ବେସରକାରୀ ବିଦ୍ୟାଳୟରେ ନଥାଏ। ତେଣୁ ଏହି ପରିପ୍ରେକ୍ଷୀରେ, ଆପଣ କ’ଣ ଆପଣଙ୍କ ପିଲାଙ୍କୁ, ସରକାରୀ ବିଦ୍ୟାଳୟରେ ପଢାଇପାରିବେ? ତାଙ୍କର ସରକାରୀ ବିଦ୍ୟାଳୟର ଅବ୍ୟବସ୍ଥା ବାବଦରେ ସ୍ପଷ୍ଟ ଏବଂ ବଳିଷ୍ଠ ଯୁକ୍ତି, ମୋତେ ନିର୍ବାକ୍ କରିଦେଇଥିଲା।

ମୁଁ କହିଲି ତେବେ, ଆପଣ ବେସରକାରୀ ବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ଉପରେ କାହିଁକି ଦୋଷାରୋପ କରୁଛନ୍ତି? ଆପଣ ତ’ ଅର୍ଥଶାସ୍ତ୍ରର ନିୟମ ଜାଣିଛନ୍ତି, ଦ୍ରବ୍ୟର ଚାହିଦା ବୃଦ୍ଧି ହେଲେ ମୂଲ୍ୟ ବୃଦ୍ଧି ହେବା ସ୍ୱାଭାବିକ। ଆପଣ ଯଦି ବେସରକାରୀ ବିଦ୍ୟାଳୟର ଦ୍ୱାରସ୍ଥ ନହେବେ, ତେବେ ସେମାନେ ତାଙ୍କ ଦ୍ରବ୍ୟର ଯେତେ ଗୁଣବତା ଥିଲେ ବି, ଦର ହ୍ରାସ କରିବାକୁ ବାଧ୍ୟ ହେବେ। ସରକାର ଯେପରି, ଅନଲାଇନ୍‌ରେ ଶିକ୍ଷାଦାନ କରୁଥିବା ତାଙ୍କର ଶିକ୍ଷକମାନଙ୍କୁ ପୂର୍ଣ୍ଣ ବେତନ ପ୍ରଦାନ କରୁଛନ୍ତି, ସେହିପରି ବେସରକାରୀ ବିଦ୍ୟାଳୟରେ, କରୋନା ପ୍ରଭାବରେ ଆର୍ଥିକ ସଙ୍କଟ ଭିତର ଦେଇ ଗତି କରୁଥିବା ଶିକ୍ଷକମାନେ, ବେତନ ପାଇବା ଉଚିତ୍ ନୁହେଁ କି? ଏତିକି ହୋଇପାରେ, ସେମାନେ ଲାଭଖୋର ମନୋବୃତି ତ୍ୟାଗ କରି, କରୋନା ଯୋଗୁ ବାତିଲ ହୋଇଥିବା କାର୍ଯ୍ୟ ପାଇଁ ଆଦାୟ ଅର୍ଥ, ଯଥା-ବାର୍ଷିକ ଉତ୍ସବ, ପାଠାଗାର, ଗଣେଶ ଓ ସରସ୍ୱତୀ ପୂଜା, ଚିକିତ୍ସା ଖର୍ଚ୍ଚ ଇତ୍ୟାଦି ନିମନ୍ତେ ଉଚ୍ଚ ହାରରେ ଆଦାୟ ହୋଇଥିବା ଅର୍ଥ ରିହାତି କରିଦେଲେ, ବୋଧହୁଏ ସରକାର ଏବଂ ନ୍ୟାୟାଳୟର ହସ୍ତକ୍ଷେପ ଲୋଡା ହୁଅନ୍ତା ନାହିଁ। ଆଉ ସବୁଠାରୁ ବଡ କଥା ହେଲା, ସରକାର, ସରକାରୀ ବିଦ୍ୟାଳୟରେ ଅଧ୍ୟୟନରତ ପିଲାମାନଙ୍କୁ ଯେତେପ୍ରକାର ପ୍ରୋତ୍ସାହନ ଦିଅନ୍ତୁ, ଯେତେ ସଂରକ୍ଷଣ ବ୍ୟବସ୍ଥା କରନ୍ତୁ, ଯଦି କେବଳ ଚିନ୍ତନ ନୁହେଁ, ନିୟମରେ ପରିବର୍ତନ ନଆଣିଛନ୍ତି, ତେବେ କେବେବି ଏ ଅବସ୍ଥାର ଅନ୍ତ ହେବ ନାହିଁ। କେବଳ ଗୋଟିଏ ନିୟମ, ସରକାରୀ କର୍ମଚାରୀ, ମନ୍ତ୍ରୀ, ଏମ୍.ଏଲ୍.ଏ.ଙ୍କ ପିଲା ସରକାରୀ ବିଦ୍ୟାଳୟ ବ୍ୟତୀତ ଅନ୍ୟ କୌଣସିଠାରେ ଅଧ୍ୟୟନ କରିପାରିବେ ନାହିଁ, ଯଦି କରନ୍ତି ତେବେ, ସେମାନଙ୍କୁ ତାଙ୍କ ପଦପଦବୀରୁ ବହିଷ୍କାର କରାଯିବ। ତା’ପରେ ଆପଣ ଦେଖିବେ, କୌଣସି ପ୍ରୋତ୍ସାହନ ବିନା , ସରକାରୀ ବିଦ୍ୟାଳୟକୁ ପିଲା ଆକର୍ଷିତ ହେବା ସୁନିଶ୍ଚିତ ଏବଂ ବେସରକାରୀ ବିଦ୍ୟାଳୟରେ ତାଲା ଝୁଲିବା ନିଃସନ୍ଦେହ। ଜନସାଧାରଣଙ୍କର ସମସ୍ତ ସରକାରୀ ବ୍ୟବସ୍ଥାକୁ ଅନାଦର ସତ୍ତ୍ୱେ, ସରକାରୀ ଚାକିରୀ ପାଇଁ କାହିଁକି ଏ ଉତ୍କଣ୍ଠା? କ’ଣ ଏହାର କାରଣ? ଆପଣମାନେ ଜାଣିଛନ୍ତି, ଆମେ ମଧ୍ୟ ଜାଣିଛୁ। କହିବା କାହାକୁ , ଶୁଣିବ କିଏ?

**ପ୍ରଦୀପ୍ତ ଆଚାର୍ଯ୍ୟ**

*ଈଶାଣୀବ୍ରହ୍ମପୁର, କଟକ।*
*ମୋ-୬୩୭୧୫୯୩୨୨୦*




# କେଡିଏମ କ୍ରିକେଟ ଟୁର୍ଣ୍ଣାମେଂଟ କୁମାରୀ, ଗଙ୍ଗାଧରପୁର, ଗଡମଧୁପୁର ଓ ତାଳଜଙ୍ଗ ବିଜୟୀ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ କଳ୍ପତରୁଦାସ ମେମୋରିଆଲର ସପ୍ତମ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଂଟରେ ଆଜି ୨ ଗୋଟି ପଡିଆରେ ଅନୁଷ୍ଠିତ ୪ଗୋଟି ମ୍ୟାଚରେ କୁମାରୀ, ଗଙ୍ଗାଧରପୁର, ଗଡମଧୁପୁର ଓ ତାଳଜଙ୍ଗ ଟିମ ବିଜୟୀ ହୋଇଛନ୍ତି । ଏହି ବ୍ଲକ ବାରକଣା ଖେଳପଡିଆରେ ଅିରା ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୯ ଉଇକେଟ ହରାଇ ୧୩୭ ରନ କରିଥିଲା । ଏହାର ଜବାବରେ ଗଡମଧୁପୁର ଟିମ ବ୍ୟାଟି କରି ୧୪.୪ ଓଭରରେ ୭ ଉଇକେଟ ହରାଇ ୧୪୧ ରନ କରି ବଜୟୀ ହୋଇଥିଲା । ଦ୍ୱିତୀୟ ମ୍ୟାଚରେ ତାଳଜଙ୍ଗ ପ୍ରଥମେ ବ୍ୟାଟିଂ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ହରାଇ ୧୮୫ ରନ କରିଥିଲା । ଜବାବରେ କବାଟବନ୍ଧ ଟିମ ୧୧.୧ ଓଭରରେ ସମସ୍ତ ଉଇକେଟ ହରାଇ ୯୦ରନ କରି ପରାସ୍ତ ହୋଇଥିଲା । ଆଜିର ଏହି ଉଭୟ ମ୍ୟାଚକୁ ସିଦ୍ଧାର୍ଥ ମହାନ୍ତି , ଅବିନାଶ ସାମଲ ଓ ଆଶିଷ ଶତପଥୀ ପରିଚାଳନା କରିଥିଲେ । ସେହିପରି ଏହି ବ୍ଲକ ତରିଆ ଖେଳପଡିଆରେ ଅନୁଷ୍ଠିତ ମ୍ୟାଚରେ କୁମାରୀ ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ୧୩୩ ରନ କରିଥିଲା । ଜବାବରେ କଂଟିଗଡିଆ ଟିମ ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୭୩ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା । ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ରାଇଛନ୍ଦା ଟିମ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭର ମଧ୍ୟରୁ ୧୨.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୧୮ରନ କରିଥିଲା । ଜବାବରେ ଗଙ୍ଗାଧରପୁର ଟିମ ୧୨.୪ ଓଭରରେ ୬ ଉଇକେଟ ହରାଇ ୧୧୯ରନ କରି ବିଜୟୀ ହୋଇଥିଲା । ଏହି ମ୍ୟାଚକୁ ସୁବ୍ରତ ଜେନା, ଅମୀୟ ପରିଡା,ଉତମ ସାମଲ , ଇନ୍ତେକାବ ଆଲମ ପରିଚାଳନା କରିଥିଲେ । ଗୁରୁବାର ବାରକଣା ଖେଳପଡିଆରେ ଅିରା ଟିମ ସହିତ ଗଡମଧୁପୁର ଟିମ ଓ କବାଟବନ୍ଧ ଟିମ ସହିତ ତାଳଜଙ୍ଗ ଓ ଗଡମଧୁପୁର ଟିମ ମଧ୍ୟରେ ଜୋନାଲ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ । ସେହିପରି ତରିଆ ଖେଳପଡିଆରେ ଗଙ୍ଗାଧରପୁର ଓ କୁମାରୀ ଟିମ ମଧ୍ୟରେ ଜୋନାଲ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି କେଡିଏମ ଉପାଧ୍ୟକ୍ଷ ରଶ୍ମୀରନ ରାୟ ସୂଚନା ଦେଇଛନ୍ତି ।

## ଧର୍ମଶାଳା ବ୍ଲକରେ ସ୍ମାର୍ଟ ହେଲଥ କାର୍ଡ ବଂଟନର ଶୁଭାରମ୍ଭ

ଧର୍ମଶାଳା, (ପିଏନ୍): ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ମାର୍ଟ ହେଲଥ କାର୍ଡ ସେବାରେ ଆଜି ଯୋଡିହେଲା ଯାଜପୁର ଜିଲ୍ଲା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନସିଂ ଜରିଆରେ ଆଜି ସ୍ମାର୍ଟ କାର୍ଡ ବଂଟନର ଶୁଭାରମ୍ଭ କରିଛନ୍ତି । ଏଥିସହ ଯାଜପୁର ଜିଲ୍ଲା ପାଇଁ ୨ହଜାର କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପ ଭେଟି ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ସ୍ମାର୍ଟ କାର୍ଡ ବଂଟନ କରିବା ପରେ ଧର୍ମଶାଳା ବ୍ଲକରେ ଆଜି ସଂଧ୍ୟାରେ ହିତାଧିକାରୀଙ୍କୁ ସ୍ମାର୍ଟ ହେଲଥ କାର୍ଡ ବଂଟନ କରାଯାଇଛି । ଏହିକ୍ରମରେ ଜିଲ୍ଲାବାସୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରଖିଥିବା ଉଦବୋଧନ କାର୍ଯ୍ୟକ୍ରମକୁ ଧର୍ମଶାଳାରେ ସିଧା ପ୍ରସାରଣ କରାଯାଇଥିଲା । ବିଡିଓ ଅରବିନ୍ଦ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଡ ବଂଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟ ନିରଂଜନ ରାଉତ, ସଭ୍ୟା ପ୍ରଣତି ଲେଙ୍କା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଜଳଧର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ । ପ୍ରାଥମିକ ପର୍ଯ୍ୟାୟରେ ୨୫ଜଣ ହିତାଧିକାରୀଙ୍କୁ ସ୍ମାର୍ଟ ହେଲଥ କାର୍ଡ ବଂଟନ କରାଯାଇଥିଲା । ଅତିରିକ୍ତ ବିଡିଓ ଅସିତ କୁମାର ପାତ୍ର କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ପର୍ଯ୍ୟାୟକ୍ରମେ ଆସନ୍ତାକାଲି ଠାରୁ ୨୦ତାରିଖ ମଧ୍ୟରେ ଏହି ବ୍ଲକର ବିଭିନ୍ନ ପଂଚାୟତରେ ୪୬ହଜାର ୩ଶହ ୭୫ପରିବାରର ୧ଲକ୍ଷ ୮୧ହଜାର ୯୬୨ଲୋକଙ୍କୁ କାର୍ଡ ବଂଟନ କରାଯିବାର କାର୍ଯ୍ୟକ୍ରମ ରହିଛି । ଏହି କାର୍ଡ ପାଇଁ ହିତାଧିକାରୀ ଖୁସି ଜାହିର କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ଜାରକାଠାରେ ଜିଲ୍ଲାସ୍ତରୀୟ କଳାକାର ସମାବେଶ ପାଇଁ ପ୍ରସ୍ତୁତି ବୈଠକ




ଧର୍ମଶାଳା,(ପିଏନ୍): ରାଜ୍ୟରେ ମୁଖ୍ୟମନ୍ତ୍ରୀ କଳାକାର ଯୋଜନା ମାଧ୍ୟମରେ ୫୦ହଜାର କଳାକାର ଉପକୃତ ହେଉଛନ୍ତି । ତଥାପି ବହୁ କଳାକାର ଏହି ଯୋଜନାରୁ ବଂଚିତ ରହିଛନ୍ତି । ଏଣୁ ରାଜ୍ୟର ସମସ୍ତ ଜିଲ୍ଲାରେ କଳାକାର ମାନଙ୍କୁ ଏକାଠି କରାଯାଉଛି । କଟକ, ଫୁଲବାଣୀ ଜିଲ୍ଲା ପରେ ଆଜି ଯାଜପୁର ଜିଲ୍ଲାରେ କଳାକାର ସମାବେଶ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜାରକାଠାରେ ରାଜ୍ୟ ସଂସ୍କୃତି ଓ କଳା ପରିଷଦ ପକ୍ଷରୁ ଜିଲ୍ଲାସ୍ତରୀୟ କଳାକାର ସମାବେଶ ପାଇଁ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକ ଉତ୍ସବକୁ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ଜିଲ୍ଲା ଶାଖା ସଭାପତି ତଥା ନାଟ୍ୟକାର ଜୀବନ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ବକ୍ତା ଭାବେ କଟକ ଚୌଦ୍ୱାରର ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ଯୋଗଦେଇ କଳାକାରଙ୍କ ସମସ୍ୟା ସମାଧାନ ଲାଗି ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହ ପ୍ରତ୍ୟେକ ଜିଲ୍ଲାରେ କଳାକାର ସମାବେଶ ପାଇଁ ପ୍ରସ୍ତୁତି ଚାଲିଛି । ଏନେଇ କଳାକାରମାନଙ୍କ ସମସ୍ୟା ସମାଧାନ ପାଇଁ ବୈଠକରେ ଧର୍ମଶାଳା ବିଧାୟକ ଶ୍ରୀ ବଳବନ୍ତାରୟଙ୍କୁ ଆବାହକ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା । ଏହି ଅବସରରେ ବିଧାୟକ ଶ୍ରୀ ବଳବନ୍ତାରୟଙ୍କୁ ପରିଷଦ ପକ୍ଷରୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିସହ ବିଭିନ୍ନ ବ୍ଲକରୁ ଆସିଥିବା କର୍ମକର୍ତାଙ୍କୁ ପୂର୍ବତନ ବିଧାୟକ ଶ୍ରୀ ବିଶ୍ୱାଳ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଅଧ୍ୟକ୍ଷ ଲକ୍ଷ୍ମୀଧର ସାହୁ, କାରିଗରୀ ଓ ଜ୍ଞାନ କୌଶଳ ସଭାପତି ଭାସ୍କର ବେହେରା, ନିର୍ଦ୍ଦେଶକ ହରି ସାମନ୍ତ, ଜିଲ୍ଲା ସଂପାଦକ ପ୍ରକାଶ ଚନ୍ଦ୍ର ସିଂ, ଅଭିନେତା ତୁଷାର ଘୋଷ, କେନ୍ଦ୍ରାପଡା ଜିଲ୍ଲା ସଭାପତି ଦିଲିପ ସାହୁ ପ୍ରମୁଖ ଯୋଗଦେଇ କଳାକାରଙ୍କ ବିଭିନ୍ନ ସମସ୍ୟା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜଗନ୍ନାଥ ଜେନା, ହିମାଂଶୁ ସାହାଣୀ, ଶରତ ଖଣ୍ଡାଇ, ପ୍ରମୋଦ ଦାସ ପରିଚାଳନା କରିଥିଲେ । ଏହି ବୈଠକରେ ଜିଲ୍ଲାର ୧୦ଟି ଯାକ ବ୍ଲକରୁ ଶତାଧିକ କଳାକାର ଯୋଗଦେଇଥିଲେ ।

## ବିଦ୍ୟା ଭାରତୀ ଶିକ୍ଷା ବିକାଶ ସମିତିର ମାତୃଭାରତୀ ବୈଠକ ଓ ପୂର୍ବଛାତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

ଭୁବନେଶ୍ୱର, (ପି.ଏନ) ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ଆନୁକୂଲ୍ୟରେ କେଶବଧାମ, କଟକଠାରେ ମାତୃଭାରତୀ ବୈଠକ ଓ ପୂର୍ବଛାତ୍ର ମାନଙ୍କର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଭାରତୀ ଅଖିଳଭାରତୀୟ ଶିକ୍ଷା ସଂସ୍ଥାନର ସଂଗଠନ ମନ୍ତ୍ରୀ କାଶିପତିଜୀଙ୍କ ଦ୍ୱାରା ଉଦ୍‌ଘାଟିତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଦିବଂଗତ ସହୀଦ ଭାରତର ପ୍ରଥମ ସେନାମୁଖ୍ୟ ବିପିନ୍ କୁମାର ରାୱତ୍ ଓ ତାଙ୍କ ସାଥୀମାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ମାତୃଭାରତୀ ବୈଠକର ଆରମ୍ଭରେ ଶିକ୍ଷା ବିକାଶ ସମିତିଙ୍କ ମାନସ ପୁତ୍ର 'ସାଧନା' ପ୍ରକଳ୍ପର ପ୍ରଥମ ବ୍ୟାଚ୍‌ର ୧୭ ଜଣ ଛାତ୍ର ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେମାନଙ୍କ ମଧ୍ୟରୁ ଶ୍ରୀମାନ୍ ଚନ୍ଦନ ଦତ ଓ ଶ୍ରମାନ୍ ଓମ୍ ପ୍ରକାଶ ସାହୁ ଆଇଆଇଟି ପାଇଥିବା ବେଳେ ୪ ଜଣ ନିଟ୍ , ୦୯ ଜଣ ଓଡ଼ିଶା ଜେଇଇ ଓ ୨ ଜଣ ବିଏସସି ରେ ଶିକ୍ଷା ଗ୍ରହଣ କରୁଛନ୍ତି । ଦ୍ୱିତୀୟାର୍ଦ୍ଧରେ ଜିଲ୍ଲା ପ୍ରମୁଖ ତଦୁର୍ଦ୍ଧ୍ୱ ୧୦୦ ଜଣ କାର୍ଯ୍ୟକର୍ତା ମାନଙ୍କର ବୈଠକ ଓ ସନ୍ଧ୍ୟାରେ ପୂର୍ବଛାତ୍ର ମାନଙ୍କର ସ୍ୱତନ୍ତ୍ର ଅଧିବେଶନରେ ମାନନୀୟ କାଶିପତିଜୀ ଭାରତ ସ୍ୱତନ୍ତ୍ରତାର ୭୫ ବର୍ଷ ପୂର୍ତ୍ତି ତଥା ଅମୃତ ମହୋତ୍ସବକୁ ସର୍ବବ୍ୟାପୀ, ସର୍ବସ୍ପର୍ଶି କରାଇବାରେ କାର୍ଯ୍ୟକର୍ତାଙ୍କର ଭୂମିକା ଉପରେ ଆଲୋଚନା କରିଥିଲେ ।

## ଧର୍ମଶାଳା ମହାବିଦ୍ୟାଳୟ ଶ୍ରେଣୀ ଗୃହର ରୂପାନ୍ତିକରଣ ଉଦଘାଟିତ

ଧର୍ମଶାଳା, (ପିଏନ୍): ଧର୍ମଶାଳା ମହାବିଦ୍ୟାଳୟ ଶ୍ରେଣୀ ଗୃହର ରୂପାନ୍ତିକରଣକୁ ଉଦଘାଟନ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି । ଭର୍ଚୁଆଲ ମାଧ୍ୟମରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ , ଅଧ୍ୟକ୍ଷ ମୋ କଲେଜ ଆକାଶଦାସ ନାୟକ ଯୋଗଦେଇ ମୋ କଲେଜ ଉପରେ ଧର୍ମଶାଳା ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ । ପ୍ରଥମ କରି ଧର୍ମଶାଳା କଲେଜରେ ଏଭଳି କାର୍ଯ୍ୟକ୍ରମ କରାଯାଇଥିବାରୁ ସ୍ଥାନୀୟ ବିଧାୟକଙ୍କୁ ପ୍ରଶଂସା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷ ତପନ କୁମାର ମିଶ୍ର, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଜିଲ୍ଲା ପରିଷଦ ସଭ୍ୟ ନିରନ ରାଉତ, ବ୍ଲକ୍ ବିଜେଡି ସଭାପତି ଜଳଧର ମହାନ୍ତି, ସରପଞ୍ଚ କବିତା ବେହେରା, ସଂଗ୍ରାମ ଜେନା, କ୍ଷିତୀଶ ନାୟକ ଏବଂ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ ।

## ଏଓବିଏସଓ ଛାତ୍ର ସଂଘ ତରଫରୁ ମାସ୍କ ବଂଟନ ସହ ଜନ ସଚେତନତା କାର୍ଯ୍ୟକ୍ରମ



ଭୁବନେଶ୍ୱର,(ପିନେ) : କୋଭିଡ୍ ମହାମାରୀ ନେଇ ତୃଣମୂଳସ୍ତରରେ ସଚେତନତାକୁ ବ୍ୟାପକ କରିବା ପାଇଁ ଅକ୍ଟୋବର ୨ ରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ କ୍ରମେ "ଜନ ସଚେତନତା ଅଭିଯାନ" ଆରମ୍ଭ ହୋଇଛି । ଆଜି ଭୁବନେଶ୍ୱର ସ୍ଥିତ ରାଜମହଲ ଛକଠାରେ ଅଲ୍ ଓଡ଼ିଶା ବିପିୟୁଟି ଷ୍ଟୁଡେଂଟ୍ସ ଅର୍ଗାନାଇଜେସନ (ଏଓବିଏସଓ) ତରଫରୁ ମାସ୍କ ବଂଟନ ସହ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମକୁ ସଂଘର ଉପ-ପ୍ରତିଷ୍ଠାତା ତଥା ଯୁବ ବିଜେଡ଼ି ରାଜ୍ୟ ସାଧାରଣ ସଂପାଦକ ତାରିଣୀ ପ୍ରସାଦ ନାୟକଙ୍କ ନେତୃତ୍ୱରେ ଉପଦେଷ୍ଟା ତଥା ଯୁବ ବିଜେଡ଼ି ବରିଷ୍ଠ ଉପ-ସଭାପତି ଧୃତି ମାର୍ଥା, ସଂଘର ଉପ-ପ୍ରତିଷ୍ଠାତା ବାସୁଦେବ ସା, ଯୁବ ବିଜେଡ଼ି ସାରାଧଣ ସମ୍ପାଦକ ଅବିନାଶ ପ୍ରଧାନ, କାର୍ଯ୍ୟକାରୀ ସଦସ୍ୟ ପ୍ରସନ୍ନ ପାଣି, ଯୁବ ବିଜେଡ଼ି ଯୁଗ୍ମ ସମ୍ପାଦକ ପୁର୍ଣ୍ଣେନ୍ଦୁ ପୂଜାପଣ୍ଡା, ଯୁବ ବିଜେଡ଼ି ସମ୍ପାଦକ ସୋନାଲି ପ୍ରିୟଦର୍ଶିନୀ, ଦିପ୍ତିମୟୀ ପତି, ଛାତ୍ର ବିଜେଡ଼ି ରାଜ୍ୟ ସାରାଧଣ ସମ୍ପାଦକ ସଂକେତ ରାୟ, ପିଙ୍କି, ମହିମା, କିଶୋର ବେହେରା, ଡିପ୍ଲୋମା ମୁଖ୍ୟ ସଂଗଠକ ତଥା ଛାତ୍ର ବିଜେଡ଼ି ସମ୍ପାଦକ ଅନନ୍ତ ନାରାୟଣ ଜେନା, ବିପିୟୁଟି ମୁଖ୍ୟ ସଂଗଠକ ତଥା ଛାତ୍ର ବିଜେଡ଼ି ଯୁଗ୍ମ ସମ୍ପାଦକ ପବନ ସ୍ୱାଇଁ, ଶ୍ରୀତମ ପଟ୍ଟନାୟକ, ଆଚାର୍ଯ୍ୟ ରକି ପ୍ରିୟଦର୍ଶନ, ରାକେଶ ପାତ୍ର, ଅଂକେଶ, ସ୍ମୃତିରାଜ ମହାନ୍ତି, ତନବୀର ଖାନ୍, ଡିପ୍ଲୋମା ସଭାପତି ବିକାଶ ପଣ୍ଡା, ଶୁଭମ ସ୍ୱାଇଁ, ଓମ୍ ପ୍ରସାଦ ବେହେରା, ଆଶିଷ ଦାସ, ନୀତିଶ, ଆଶୁତୋଷ, ଅରବିନ୍ଦ, ସନ୍ଦୀପ, ସ୍ୱାଗତ ମହାପାତ୍ର ଆଦି ଉପସ୍ଥିତ ଥିଲେ ।

## ଭବାନୀପୁର ପଂଚାୟତରେ ମିନି ଶୀତଳ ଭଣ୍ଡାର ଉଦ୍‌ଘାଟିତ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଭବାନୀପୁର ପଂଚାୟତରେ ବୁଧବାର ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଏକ ମିନି ଶିତଳ ଭଣ୍ଡାର, ବସୁଧା ଯୋଜନାର ପାଣି ଟାଙ୍କି ଓ ହାଇସ୍କୁଲର ନୂତନ ଗୃହ ଉଦ୍‌ଘାଟନ କରିଥିଲେ । ଆୟୋଜିତ ଉଦଘାଟନୀ ଉତ୍ସବ ଅବସରରେ ଏଠାରେ ପ୍ରତିଷ୍ଠା ହୋଇଥିବା ମିନି ଶୀତଳ ଭଣ୍ଡାର ଧର୍ମଶାଳା ବ୍ଲକରେ ପ୍ରଥମ ଅଟେ । ଧର୍ମଶାଳା ବ୍ଲକ ପକ୍ଷରୁ ୨୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଏହି ମିନି ଶୀତଳ ଭଣ୍ଡାରରେ ୩୦ ମେଟ୍ରିକ ଟନ ପନିପରିବା ରହିପାରିବ । ଚାଷୀମାନଙ୍କୁ ନେଇ ଏକ କମିଟି ଗଠନ କରାଯାଇ ଏହାର ପରିଚାଳନା କରାଯିବ ବୋଲି ବିଡିଓ ଅରବିନ୍ଦ ବେହେରା ସୂଚନା ଦେଇଛନ୍ତି । ଏହି ଅଂଚଳର ଚାଷୀମାନେ ଅଧିକ ପନିପରିବା ଚାଷ କରୁଥିବା ବେଳେ ଶୀତଳ ଭଣ୍ଡାର ଅଭାବରୁ ଉତ୍ପାଦନ ସମୟରେ ଚାଷୀମାନେ କମ ମୁଲ୍ୟରେ ପନିପରିବା ବିକ୍ରି କରି କ୍ଷତି ସହିଥାନ୍ତି । ଏହାକୁ ଲକ୍ଷ ରଖାଯାଇ ଏହି ମିନି ଶୀତଳ ଭଣ୍ଡାରଟି ପ୍ରତିଷ୍ଠା କରାଯାଇଥିବା ଜଣାଯାଇଛି । ଆଜିର ଉଦଘାଟନୀ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ବ୍ଲକ୍ ବିଜେଡି ସଭାପତି ଜଳଧର ମହାନ୍ତି, ମହିଳା ସଭାନେତ୍ରୀ ବିଶ୍ୱବନ୍ଦନା ଜେନା, ବନଜିନୀ ପରିଡା, ମୋନାଲିସା ଦାଶ, ସୁଚିସ୍ମିତା ସାମଲ, ଶରତ ନାୟକ, ଉମାକାନ୍ତ ମୁଦୁଲି, ସବ୍ୟସାଚୀ ସୁନ୍ଦରରାୟ ଓ ସମସ୍ତ ବିଜେଡି କର୍ମୀମାନେ ଉପସ୍ଥିତ ଥିଲେ ।

# ନୀଳମଣି ବିଦ୍ୟାରତ୍ନ ଥିଲେ ଉତ୍କଳ ଭାଷା ସାହିତ୍ୟ, ସାମ୍ବାଦିକତାର ଭୀଷ୍ମ ପିତାମହ

ଭୁବନେଶ୍ୱର,(ପି.ଏନ): ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବବିହାର ନିକଟ ପ୍ରତିମୂର୍ତିସ୍ଥଳ ଠାରେ ମହାନ୍ ସ୍ୱାଧୀନତା ସଂଗ୍ରାମୀ, ଉତ୍କଳ ଭାଷା ସାହିତ୍ୟ, ସାମ୍ବାଦିକତାର ପିତାମହ ଭୀଷ୍ମ, ସମ୍ପାଦକ ତଥା ବହୁ ବ୍ୟକ୍ତିତ୍ୱର ଅଧିକାରୀ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ୧୫୫ତମ ଜୟନ୍ତୀ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ତଥା ଅଭିଯାନର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ ସଭାପତିତ୍ୱ ଓ ସଂଯୋଜନା କରି ସ୍ମୃତିଚାରଣ ପୂର୍ବକ ମତବ୍ୟକ୍ତ କରିଥିଲେ ଯେ, ନୀଳମଣି ବିଦ୍ୟାରତ୍ନ ଥିଲେ ଓଡ଼ିଆ ଭାଷା, ସାହିତ୍ୟ, ସାମ୍ବାଦିକତା ତଥା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଓଁକାର ଉଦ୍‌ଘୋଷକ ତଥା ମହାନ୍ ନାୟକ । ବୈଦେଶ୍ୱର ମାଟିର ଏହି ପ୍ରଜ୍ଞା ବ୍ୟକ୍ତିତ୍ୱ ବହୁ ଜନହିତୈଷୀ କାର୍ଯ୍ୟ କରିବା ସହିତ ଉତ୍କଳ ଦୀପିକାର ସମ୍ପାଦନା, ପ୍ରଜାବନ୍ଧୁ ପତ୍ରିକାର ସମ୍ପାଦନା ଦାୟିତ୍ୱ ସଠିକ୍ ଭାବରେ ନିର୍ବାହ କରିବା ସହିତ ସାମ୍ବାଦିକତାକୁ ଏକ ନୂଆ ଦିଗ ପ୍ରଦାନ କରିଥିଲେ । ଉତ୍କଳ ସମ୍ମିଳନୀ ଗଠନର ଦର୍ଶନ, ଚିନ୍ତନ ଓ ଗଠନର ମହାନାୟକ ହେବା ସହିତ ମା', ମାଟି, ମାତୃଭାଷା ପାଇଁ ସର୍ବଦା ଚେଷ୍ଟିତ ରହୁଥିଲେ । ଓଡ଼ିଆ ପରମ୍ପରା, ସଂସ୍କୃତିକୁ ଘରେଘରେ ପହଞ୍ଚାଇବା ପାଇଁ ପ୍ରୟାସ କରିଥିଲେ । ଏହି ଅବସରରେ ସାରସ୍ୱତ ସାଧକ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା, ସାହିତ୍ୟ ବିଭାଗର ବିଭାଗୀୟ ମୁଖ୍ୟ, ସାରସ୍ୱତ ପ୍ରତିଭାଧାରୀ ଡଃ ସନ୍ତୋଷ କୁମାର ତ୍ରିପାଠୀଙ୍କୁ ବିଦ୍ୟାରତ୍ନ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା । ବାଙ୍କି-ବୈଦେଶ୍ୱର ସେତୁକୁ ବିଦ୍ୟାରତ୍ନ ସେତୁ ନାମରେ ନାମିତ କରିବା ପାଇଁ ଅଭିଯାନ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା । ବରେଣ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ସୀତାବଲ୍ଲଭ ମହାପାତ୍ର, ଶାସକ ଦଳ ସାଂସ୍କୃତିକ ସାମ୍ମୁଖ୍ୟ ସଂଯୋଜକ ପ୍ରବୀର ମହାନ୍ତି, ରମେଶ ଚନ୍ଦ୍ର ପାତାଳସିଂହ, ଡଃ ଅସିତ୍ ଦାସ, ବି. ମୁରଲୀଧର, ମୁକୁନ୍ଦ ଶତପଥୀ, କାମଦେବ ମହାପାତ୍ର, ବିଜୟ ପରିଡ଼ା ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ ।

## ପୁରୀ ଓ ଗଞ୍ଜାମରେ ୪ଟି ବୃହତ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, (ପି.ଏନ): ଲୋକସେବା ଭବନଠାରେ ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ସଞ୍ଜୟ କୁମାର ଦାସ ବର୍ମାଙ୍କ ଅଧକ୍ଷତାରେ ପୁରୀ ଓ ଗଞ୍ଜାମ ଜିଲ୍ଲାର ବୃହତ ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟକାରି ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ରହ୍ମଗିରି ବ୍ଲକର ରାୟବିଧାର ପଂଚାୟତ ସ୍ଥିତ ଭଣ୍ଡାରିକୁଦା ଠାରେ ଥିବା ୫୯ ଗୋଟି ଗ୍ରାମକୁ ଯୋଗାଇବାକୁ ଥିବା ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟ ଶୀଘ୍ର ପୂର୍ଣ୍ଣାଙ୍ଗ କରିବା ଉପରେ ଶ୍ରୀ ଦାସ ବର୍ମା ଗୁରୁତ୍ୱ ଆରୋପ କରିଛନ୍ତି ।

ସେହିପରି ବ୍ରହ୍ମଗିରି ବ୍ଲକର ୬୯ ଗୋଟି ଗ୍ରାମ, କୃଷ୍ଣ ପ୍ରସାଦ ବ୍ଲକର ୩୦ ଗୋଟି ଗ୍ରାମ, ଗଞ୍ଜାମ ଜିଲ୍ଲା ଏବଂ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୃଷ୍ଣ ପ୍ରସାଦ ବ୍ଲକର ୯୨ ଗ୍ରାମକୁ ରାଜ୍ୟ ସରକାର ମଞ୍ଜୁର କରିଥିବା ଭୂତଳ ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟ ଅଧିକ ତ୍ୱରାନ୍ୱିତ କରିବା ପାଇଁ ବୈଠକରେ ଶ୍ରୀ ଦାସ ବର୍ମା ଗୁରୁତ୍ୱ ଦେଇଛନ୍ତି । ଏହି ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଯୋଗ ଦେଇ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ଓ ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ସମ୍ପୃକ୍ତ ଅଞ୍ଚଳକୁ ଗସ୍ତ କରି ଏକ ପୂର୍ଣ୍ଣାଙ୍ଗ ରିପୋର୍ଟ ୭ ଦିନ ମଧ୍ୟରେ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ୯୨ କୋଟି ଟଙ୍କା ବ୍ୟୟ ଅଟକଳରେ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପୁରୀ ସଦର ବ୍ଲକର ୧୧ ଗୋଟି ଗ୍ରାମ ପଂଚାୟତର ବୃହତ ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ଉପରେ ଶ୍ରୀ ଦାସ ବର୍ମା ଗୁରୁତ୍ୱ ଦେଇଛନ୍ତି । ବୈଠକରେ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ଶାସନ ସଚିବ ଅଶୋକ କୁମାର ମୀନା, ପାନୀୟ ଜଳ ଓ ପରିମଳ ନିର୍ଦ୍ଦେଶକ, ବି. ପରମେଶ୍ୱର ଏବଂ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳର ସର୍ବୋଚ୍ଚ ଯନ୍ତ୍ରୀ ଓ ମୁଖ୍ୟ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବିର୍ସାମୁଣ୍ଡା ଜନଜାତି ଅସ୍ମିତା ଓ ସ୍ୱାଭିମାନର ପ୍ରତୀକ

ଭୁବନେଶ୍ୱର, (ପି.ଏନ): ଭଗବାନ ବିର୍ସାମୁଣ୍ଡାଙ୍କ କୀର୍ତି ଓ ଜୀବନାଦର୍ଶ ଚିରକାଳ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ଦର୍ଶାଇ ଅତିଥିମାନେ ତାଙ୍କ ପ୍ରତି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଓଡିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅନ୍ତର୍ଗତ ଏସ୍.ସି.ଏସ୍.ଟି. ଆର.ଟି.ଆଇ ଏବଂ ଭାରତ ସରକାରଙ୍କ ଜନଜାତି ବ୍ୟାପାର ମନ୍ତ୍ରାଳୟର ମିଳିତ ସହଯୋଗରେ ଆଜି ଅନୁଷ୍ଠିତ ଏକ ଜାତୀୟ ଆଭାସୀ ଆଲୋଚନା ଚକ୍ରରେ "ଭାରତର ସ୍ୱାଧୀନତା ସଂଗ୍ରାମରେ ଭଗବାନ ବିର୍ସା ମୁଣ୍ଡାଙ୍କ ଅବଦାନ" ପ୍ରସଙ୍ଗ ଉପରେ ଆଲୋଚକମାନେ ବକ୍ତବ୍ୟ ରଖିଛନ୍ତି ।ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଓଡିଶାର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ମନ୍ତ୍ରୀ ଶ୍ରୀ ଜଗନ୍ନାଥ ସାରକା, ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ରଂଜନା ଚୋପ୍ରା, କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ ଡ. ନଭଲଜିତ କପୁର, ଆହ୍ଲାବାଦ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଭାଗର ପ୍ରାକ୍ତନ ମୁଖ୍ୟ ପ୍ରଫେସର ବିଜୟ ଏ ସହାୟ ପ୍ରମୁଖ ବକ୍ତବ୍ୟ ରଖି ଭଗବାନ ବିର୍ସାଙ୍କୁ ଜନଜାତି ଅସ୍ମିତା ଓ ସ୍ୱାଭିମାନର ମୂର୍ତିମନ୍ତ ପ୍ରତୀକ ଭାବରେ ଅଭିହିତ କରିଥିବା ବେଳେ ରାଜ୍ୟ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର (ଡ.) ଅଖିଳ ବିହାରୀ ଓତା ସ୍ୱାଗତ ଭାଷଣ କ୍ରମେ ରାଷ୍ଟ୍ରନିର୍ମାଣରେ ଯୋଗଦାନ ଓ ପ୍ରାଣବଳି ଦେଇଥିବା ଜନଜାତି ନାୟକମାନଙ୍କର ସ୍ମୃତି ଚାରଣ ଲାଗି ଦେଶର ବିଭିନ୍ନ ପ୍ରାନ୍ତରେ ଚଳିତ ମାସ ୧୫ରୁ ୨୨ ତାରିଖ ପର୍ଯ୍ୟନ୍ତ ଆଇକନିକ ସପ୍ତାହ ପାଳନ କରାଯାଇଛି ବୋଲି ଉଲ୍ଲେଖ କରିଥିଲେ । ବୈଷୟିକ ଅଧିବେଶନରେ ବାରିପଦାସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ଡ. କିଶୋର କୁମାର ବାସା, ବିଦ୍ୟାସାଗର ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଭାଗ ପ୍ରଫେସର ସୁମହନ୍ ବଂନ୍ଦୋପାଧ୍ୟାୟ, ରାଂଚିସ୍ଥିତ ମୁଣ୍ଡାରୀ ଲୋକଭାଷା ପାଠ୍ୟକ୍ରମର ସଂଯୋଜକ ଗୁଂଜଲ ଉକିର ମୁଣ୍ଡା, ରାଂଚିସ୍ଥିତ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ସତ୍ୟନାରାୟନ ମୁଣ୍ଡା ପ୍ରମୁଖ ବିଦ୍ୱାନ ଓ ଶିକ୍ଷାବିତ୍ ଅଂଶଗ୍ରହଣ କରି ବୀର ବୀର୍ସାଙ୍କ ଜୀବନ ଓ କୃତିତ୍ୱ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ଅଂଚଳରୁ ଗବେଷକ, ଶିକ୍ଷାବିତ୍, ବିଦ୍ୱାନ, ଜନଜାତି ବିକାଶ କର୍ମୀ, ଜନଜାତି ବିକାଶ ସଂସ୍ଥାନ ଓ ଉତ୍କର୍ଷ କେନ୍ଦ୍ରର ପ୍ରତିନିଧି, କେନ୍ଦ୍ର ସରକାରଙ୍କ ଜନଜାତି ମନ୍ତ୍ରଣାଳୟ ଓ ବିଭିନ୍ନ ରାଜ୍ୟର ଜନଜାତି ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ ।

## ଆତ୍ମାର ମୃତ୍ୟୁ ନାହିଁ, ଆତ୍ମା ଅବିନଶ୍ୱର : ମନ୍ତ୍ରୀ ନବ ଦାସ

ଭୁବନେଶ୍ୱର,(ପି.ଏନ): ଆତ୍ମାର ମୃତ୍ୟୁ ନାହିଁ, ଆତ୍ମା ଅବିନଶ୍ୱର । ପୁଣ୍ୟାତ୍ମା ମାନେ ସର୍ବଦା ଭଲ କାର୍ଯ୍ୟ କରି ଏହି ସଂସାରରୁ ବିଦାୟ ନେଇଥାଆନ୍ତି । ସେହିଭଳି ଜଣେ ମହାନ ଆତ୍ମା ଥିଲେ ପୂର୍ବତନ ସିବିଆଇ ଡାଇରେକ୍ଟର ଜେନେରାଲ ସ୍ୱର୍ଗତ ଉମାଶଙ୍କର ମିଶ୍ର । ସେ ଆଜି ଆମ ଗହଣରେ ନାହାନ୍ତି ସତ କିନ୍ତୁ ତାଙ୍କର ସ୍ମୃତି ର ଛାପ ଛାଡିଦେଇଯାଇଛନ୍ତି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ପ୍ରକାଶ କରିଛନ୍ତି । ସ୍ଥାନୀୟ ଇଡକଲ ଅଡିଟୋରିଅମ୍ ଠରେ ଆୟୋଜିତ ସ୍ୱର୍ଗତ ଉମାଶଙ୍କର ଦାସ ଙ୍କ ସ୍ମୃତି ସଭାରେ ଯୋଗଦେଇମନ୍ତ୍ରୀ ଶ୍ରୀ ଦାସ କହିଲେଯେ, ଉମାଶଙ୍କର ଦାସ ଙ୍କ ସହ ତାଙ୍କର ସମ୍ପର୍କ ଦିର୍ଘଦିନର ଓ ଘନିଷ୍ଠ ମଧ୍ୟ । ସେ ଜଣେମୈଳାପି ସାଧୁ ଓ ସଙ୍କୋଚ ଅଫିସର ଥିଲେ । ତାଙ୍କର କାର୍ଯ୍ୟ ଦକ୍ଷତାର ପଟାନ୍ତର ନାହିଁ । ଏହି ଅବସରରେ ଯୋଗ ଦେଇ ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ଅଭୟ ସ୍ୱର୍ଗତ ଉମାଶଙ୍କର ଦାସ ଙ୍କ ସହିତ ତାଙ୍କର ସ୍ମୃତି ଚାରଣ କରି କହିଲେଯେ ଶ୍ରୀ ଦାସ ହେଉଛନ୍ତି ପ୍ରଥମ ଓଡିଆ ଯିଏକି ସିବିଆଇ ଭଳି ସଂସ୍ଥାରେ ଡାଇରେକ୍ଟର ଜେନେରାଲ ହୋଇପାରିଥିଲେ ଏହା କେବଳ ତାଙ୍କର କର୍ତବ୍ୟପରାୟଣତା, ସାଧୁତା ଓ ସଙ୍କୋଚତା ଯୋଗୁ ସମ୍ଭବ ହୋଇପାରିଥିଲା । ମୁଁ ତାଙ୍କ ସହିତ କାର୍ଯ୍ୟ କରିବାର ସୌଭାଗ୍ୟ ଲାଭ କରିଛି। ତାଙ୍କର କାର୍ଯ୍ୟଶୈଳି ଦ୍ୱାରା ମୁଁ ପ୍ରଭାବିତ । ସ୍ମୃତି ସଭାରେ ଯୋଗଦେଇ ଅଗ୍ନିଶମ ଓ ହୋମଗାର୍ଡ ଡାଇରେକ୍ଟର ଜେନେରାଲ ଏମ ଅକ୍ଷୟ କହିଲେଯେ ସ୍ୱର୍ଗତ ଦାସ ଙ୍କ ସରଳତା ଓ ନମ୍ରତା ଗୁଣ ତାଙ୍କୁ ସମସ୍ତଙ୍କର ପ୍ରିୟପାତ୍ର କରିଥିଲା, ଅହଙ୍କାର ତାଙ୍କୁ କେବେ ସ୍ପର୍ଶ କରିନଥିଲା , ସେ ଜଣେ କର୍ମବୀର ଥିଲେ । ଏହା ସ୍ମୃତି ସଭାରେ ପୂର୍ବତନ ପୋଲିସ ଡିଜି ଶ୍ରୀ ଗୋପାଳ ଚନ୍ଦ୍ର ନନ୍ଦ, ଏ. ବି ତ୍ରୀପାଠୀ, ବରିଷ୍ଠ ପ୍ରଶାସକ ବିବେକ ପଟ୍ଟନାୟକ, ଡଃ ହୃଷିକେଶ ପଣ୍ଡା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଉମାଶଙ୍କର ମିଶ୍ର ଙ୍କ ସ୍ମୃତିଚାରଣ କରିଥିଲେ ।

## ଭଗବାନ ବିର୍ସା ମୁଣ୍ଡା ଯୁବ ସମାଜ ପାଇଁ ପ୍ରେରଣା : ସମୀର ମହାନ୍ତି

ଭୁବନେଶ୍ୱର, (ପି.ଏନ): ଭାରତୀୟ ଜନଜାତି ସମାଜର ପରିଚୟକୁ ନଷ୍ଟ କରିବା ପାଇଁ ହେଉଥିବା ଷଡଯନ୍ତ୍ର ବିରୋଧରେ ଭଗବାନ ବିର୍ସା ମୁଣ୍ଡା ସଂଘର୍ଷ ଜାରି ରଖିଥିଲେ । 'ଧରତୀ ଆବା' ନାମରେ ପରିଚିତ ବୀର ବିର୍ସା ମୁଣ୍ଡା ସମାଜ ପାଇଁ ବଂଚିଥିଲେ ଏବଂ ନିଜର ସଂସ୍କୃତି ଓ ଦେଶ ପାଇଁ ନିଜ ଜୀବନକୁ ବଳିଦାନ ଦେଇଥିଲେ । ଭାରତବର୍ଷକୁ ଖଣ୍ଡ ବିଖଣ୍ଡିତ କରିବା ଓ ଭାରତୀୟ ସମାଜକୁ ବିଭେଦ କରିବା ପାଇଁ ଯେଉଁ ଧର୍ମାନ୍ତରୀକରଣ ଚାଲିଛି ତାହା ଅତ୍ୟନ୍ତ ଚିନ୍ତାଜନକ ଅଟେ । ଯେଉଁଭଳି ଭାବରେ ବ୍ରିଟିଶ ଶାସନ ବିରୋଧରେ ସ୍ୱର ଉତୋଳନ କରି ବୀର ବିର୍ସା ମୁଣ୍ଡା ଧର୍ମାନ୍ତରୀକରଣ ବିରୁଦ୍ଧରେ ଲଢେଇ କରିଥିଲେ, ତାହା ଯୁବ ସମାଜକୁ ଅନ୍ୟାୟ ଓ ଦୁର୍ନୀତି ବିରୁଦ୍ଧରେ ଲଢିବା ପାଇଁ ସର୍ବଦା ପ୍ରେରଣା ଦେବ ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି ।ପ୍ରତିବର୍ଷ ନଭେମ୍ବର ୧୫ ତାରିଖରେ ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀକୁ ସାରା ଦେଶରେ 'ଜନଜାତୀୟ ଗୌରବ ଦିବସ' ଭାବେ ପାଳନ କରିବା ପାଇଁ ମୋଦି ସରକାରଙ୍କ ନିଷ୍ପତି ଅତ୍ୟନ୍ତ ସ୍ୱାଗତଯୋଗ୍ୟ ଏବଂ ଏହା ସମଗ୍ର ଜନଜାତି ସମାଜକୁ ସର୍ବଭାରତୀୟ ସ୍ତରରେ ସର୍ବଶ୍ରେଷ୍ଠ ସମ୍ମାନ ଅଟେ ବୋଲି ରାଜ୍ୟ ସଭାପତି ଶ୍ରୀ ମହାନ୍ତି କହିଛନ୍ତି । ମହାନ ଜନଜାତି ଜନନାୟକ, ସ୍ୱାଧୀନତା ସଂଗ୍ରାମୀ ତଥା ଭଗବାନ ବୀର ବିର୍ସାମୁଣ୍ଡାଙ୍କ ୧୨୧ତମ ଜୟନ୍ତୀ ଅବସରରେ ଆଜି ସମ୍ବଲପୁର ଜିଲ୍ଲା ଅଇଁଠାପାଲିସ୍ଥିତ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରି ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଛନ୍ତି । ଏହି ଅବସରରେ ବିଧାୟକ ଜୟନାରାୟଣ ମିଶ୍ର, ନାଉରୀ ନାଏକ, ରାଜ୍ୟ ସାଧାରଣ ସଂପାଦକ ରବି ନାଏକ, ରାଜ୍ୟ ସଂପାଦକ କାଳନ୍ଦୀ ସାମଲ, ଜିଲ୍ଲା ସଭାପତି ଗିରୀଷ ପଟେଲ, ପୂର୍ବତନ ଜିଲ୍ଲା ସଭାପତି ରାମଚନ୍ଦ୍ର ମେହେରଙ୍କ ସମେତ ବହୁ କାର୍ଯ୍ୟକର୍ତା ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଛନ୍ତି ।ଦୁଇ ଦିନିଆ ପଶ୍ଚିମ ଓଡିଶା ଗସ୍ତରେ ଯାଇଥିବା ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଦ୍ୱିତୀୟ ଦିନରେ ଆଜି ବୌଦ୍ଧ ଜିଲ୍ଲା ଗସ୍ତ କରି ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି ।

## ଘଟଗାଁ ବ୍ଲକରୁ ପ୍ଲାଜମା ଦାନ କଲେ ୩ଜଣ




ଗୋଳାବନ୍ଧ(ପିଏନ)- ଘଟଗାଁ ବ୍ଲକର ୩ଜଣ ପ୍ରବାସୀ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲରେ ଅବସ୍ଥାପ୍ଲଛ ପ୍ଲାଜମା ଦାନ କେନ୍ଦ୍ରରେ ପ୍ଲାଜମା ଦାନ କରି ଫେରିଛନ୍ତି । ଖବରରୁ ପ୍ରକାଶ ଯେ ରାଜ୍ୟ ସରକାର ଗୁରୁତର କରୋନା ରୋଗୀଙ୍କ ଆଶୁ ଆରୋଗ୍ୟ ପାଇଁ ପ୍ଲାଜମା ଦାନକୁ ଏକ ଫଳପ୍ରଦ ପଦ୍ଧତି ରୂପେ ଆପଣେଇବା ସହ ଏ ନେଇ ଉତ୍ସାହିତ କରି ଆସୁଛନ୍ତି । କିଛିଦିନ ପୂର୍ବେ ପ୍ରଥମ ଦଫାରେ ଘଟଗାଁ ବ୍ଲକ ପ୍ରଶାସନ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ୯ଜଣଙ୍କ ନାମ ଜିଲ୍ଲା ପ୍ରଶାସନକୁ ପ୍ରେରଣ କରାଯାଇଥିଲା । ଜିଲ୍ଲା ପ୍ରଶାସନ ସେମାନଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୪ଜଣଙ୍କୁ ପ୍ରେରଣ କରିବା ନିମିତ୍ତ ପତ୍ର ପ୍ରେରଣ କରିଥିଲେ । ମାତ୍ର ଶେଷ ମୁହୂର୍ତ୍ତରେ ଜନୈକ ବ୍ୟାଙ୍କ କର୍ମଚାରୀ ଏ ନେଇ ମନା କରିବା ପରେ ୩ଜଣ ଯାଇ ପ୍ଲାଜମା ଦାନ କରି ଆସିଛନ୍ତି । ପ୍ଲାଜମା ଦାନ କରିବା ପୂର୍ବରୁ ସରକାରଙ୍କ ତରଫରୁ ଆନୁଷଙ୍ଗିକ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ସେମାନଙ୍କୁ ରହିବା ଓ ଖାଇବାର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା । ପରେ ପରେ ଏହି ଉଲ୍ଲେଖନୀୟ ତଥା ମହତ କାର୍ଯ୍ୟ ପାଇଁ ରାଜ୍ୟ ସରକାରଙ୍କ ପ୍ରଶସ୍ତିପତ୍ର ପ୍ରଦାନ କରାଯାଇଥିଲା । ସୂଚନା ଥାଉକି କୋରନାରୁ ସୁସ୍ଥ ହେବାର ଅନ୍ୟୁନ ୨୮ଦିନ ପରେ ଏକାଧିକ ରୋଗ ନଥିବା ଜଣେ ସୁସ୍ଥ ବ୍ୟକ୍ତି ପ୍ଲାଜମା ଦାନ କରିବାର ନିୟମ ରହିଛି ଓ ଜଣେ ବ୍ୟକ୍ତିର ପ୍ଲାଜମା ସହାୟତାରେ ୨ଜଣ ରୋଗୀଙ୍କୁ ସୁସ୍ଥ କରାଯାଇ ପାରୁଛି । ବିଡିଓ ନାୟାରଣ ସାହୁ, ଡାକ୍ତର ମୁକ୍ତିକାନ୍ତ ନାୟକ, ଏବିଡିଓ ଚିତ୍ତରଞ୍ଜନ ନାୟକ ଓ ସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ବିପୀନ ଷଡଙ୍ଗୀ ଅଧିକରୁ ଅଧିକ ସୁସ୍ଥ ହୋଇଥିବା ପ୍ରବାସୀ ତଥା ସାଧାରଣ ବ୍ୟକ୍ତି ପ୍ଲାଜମା ଦାନ ଭଳି ମହାନ କାର୍ଯ୍ୟ ପାଇଁ ଆଗେଇ ଆସିବାକୁ ନିବେଦନ କରିବା ସହ ବ୍ୟାପକ ଜନସଚେତନତା କାର୍ଯ୍ୟକ୍ରମ ଅବ୍ୟାହତ ରଖିଛନ୍ତି ।




## କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ ସହାୟତା ଦାବିରେ କଂଗ୍ରେସର ଧାରଣା

ଭୁବନେଶ୍ୱର (ପିଏନ୍)- ସାମୁଦ୍ରିକ ବାତ୍ୟା ଜୱାଦ ପ୍ରଭାବରେ ଡିସେମ୍ବର ୫ ଓ ୬ରେ ଅତିଶୟ ଲଗାଣ ବର୍ଷା ଯୋଗୁଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଲକ୍ଷାଧିକ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ଲକ୍ଷ ଲକ୍ଷ ହେକ୍ଟର ଜମିରେ ଥିବା ଧାନ ଫସଲ ଉଜୁଡ଼ି ଯାଇଛି। ପବନରେ ପାଚିଲା ଧାନ ଗଛଗୁଡ଼ିକ ମାଟିରେ ଲୋଟିଛି। ଧାନ କେଣ୍ଡା ଉପରେ ବର୍ଷା ପାଣି ଜମା ହେବାରୁ ବିଭିନ୍ନ ଅଞ୍ଚଳରେ ଧାନ ଗଜା ହେବାରେ ଲାଗିଲାଣି। ଚାଷୀଙ୍କ ବର୍ଷକର ଦାନା ଛଡ଼ାଇ ନେଇଛି ବାତ୍ୟା। ହଜାର ହଜାର ଏକର ପନିପରିବା ମଧ୍ୟ ଉଜୁଡ଼ି ଯାଇଛି। ଚାଷୀ ବର୍ତ୍ତମାନ ଘୋର ଦୁର୍ଦ୍ଦଶାର ସମ୍ମୁଖିନ। ବିଭାଗୀୟ ରାଜସ୍ୱ ମନ୍ତ୍ରୀ ଫସଲ କ୍ଷୟକ୍ଷତି ପରେ ରିଲିଫ୍ କୋର୍ଡ଼ ଅନୁଯାୟୀ ଚାଷୀଙ୍କୁ କ୍ଷତିପୂରଣ ଦିଆଯିବ ବୋଲି ଯେଉଁ ଘୋଷଣା କରଛନ୍ତି ଏହା ଚାଷୀଙ୍କ ପାଇଁ ଉପହାସ। ସରକାର ୩୩ ପ୍ରତିଶତରୁ ଅଧିକ ଫସଲ ନଷ୍ଟ ହେଲେ ଚାଷୀଙ୍କୁ କ୍ଷତିପୂରଣ ଦେବାପାଇଁ ଘୋଷଣା କରିଥିବା ବେଳେ କ୍ଷୁଦ୍ର ଓ ନାମମାତ୍ର ଚାଷୀ କ୍ଷତିପୂରଣ ପାଇବାରୁ ବଞ୍ଚିତ ହେବେ। ଅନ୍ୟପକ୍ଷରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠିର ପ୍ରଚଳିତ କୃଷି ଇନପୁଟ୍ ସହାୟତା ସମୁଦ୍ରକୁ ଶଙ୍ଖେ। ଚାଷୀ ଏକର ପିଛା ୫୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଉଭୟ ସରକାରଙ୍କ ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ଜଳସେଚିତ ଅଞ୍ଚଳ ପାଇଁ ହେକ୍ଟର ପିଛା ୧୩,୫୦୦ ଓ ଅଣଜଳସେଚିତ ଅଞ୍ଚଳ ପାଇଁ ୬,୮୦୦ ଟଙ୍କା ଥିବାରୁ ଏଥିରେ ଚାଷୀର କ୍ଷତି ଭରଣା ହେବା ଆଦୌ ସମ୍ଭବପର ନୁହେଁ। ତେଣୁ ରାଜ୍ୟ ସରକାର ବାରମ୍ବାର ଚାଷୀ ଆତ୍ମହତ୍ୟାଠାରୁ ଆରମ୍ଭ କରି କୃଷି ଓ କୃଷକମାନଙ୍କ ବିଭିନ୍ନ ମୌଳିକ ସମସ୍ୟାଗୁଡ଼ିକୁ ସମାଧାନ କରିବାରେ ଅଣଦେଖା କରି ଚାଲିଛନ୍ତି। ଚିରାଚରିତ ବ୍ୟବସ୍ଥା ଅନୁଯାୟୀ ଚାଷୀ ଏହି ଜୱାଦରୁ ମୁକୁଳିବା ଏବେ କାଠିକର ପାଠ। ତେଣୁ ରାଜ୍ୟ ସରକାର ଅବିଳମ୍ବେ ଜୱାଦ ଓ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ଫସଲ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଉପଯୁକ୍ତ କୃଷି ସହାୟତା ଯୋଗାଇ ଦେବା ଯଥା- ପ୍ରଥମେ ପ୍ରଚଳିତ ରିଲିଫ୍ କୋର୍ଡ଼ ସଂଶୋଧନ, ପ୍ରଚଳିତ ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠିରେ ଥିବା କୃଷି ଇନପୁଟ୍ ସହାୟତାର ୩ ଗୁଣା ବୃଦ୍ଧି, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାର ସର୍ତ୍ତାବଳୀ ଅନୁଯାୟୀ ଅଗ୍ରୀମ ୩୦ ପ୍ରତିଶତ ବୀମା କ୍ଷତିପୂରଣ, ସମସ୍ତ ଚାଷୀଙ୍କଠାରୁ ସମସ୍ତ କୃଷିରଣ ଛାଡ଼, ଚଳିତ ରବି ଚାଷ ପାଇଁ ମାଗଣାରେ ବିହନ, ସାର ଓ କୀଟନାଶକ ଔଷଧ ଯୋଗାଣ, ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ପ୍ରତି ଗୁଣ୍ଠ ପିଛା ସର୍ବନିମ୍ନ ୩ ହଜାର ଟଙ୍କା ସହାୟତା ରାଶି ପ୍ରଦାନ, ଭାଗଚାଷୀଙ୍କୁ ସୁରକ୍ଷା ଦିଗରେ ତୁରନ୍ତ ପଦକ୍ଷେପ ନେବାପାଇଁ ଦାବୀ କରି ଡିସେମ୍ବର ୧୫ ତାରିଖ ଦିନ ୧୧ ଘଟିକା ସମୟରେ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ପକ୍ଷରୁ ରାଜଭବନ ସମ୍ମୁଖରେ ୩୦ ଜିଲ୍ଲାର ଚାଷୀ ପ୍ରତିନିଧିମାନଙ୍କୁ ନେଇ ଧାରଣା ଦିଆଯାଇଥିଲା ବୋଲି ପିସିସି କିଷାନ କଂଗ୍ରେସ ଅଧକ୍ଷ ଅମିୟ କୁମାର ପଟ୍ଟନାୟକ, ଉପାଧକ୍ଷ ଶଶି ଭୂଷଣ ପାତ୍ର, ପ୍ରେମାନନ୍ଦ ସ୍ୱାଇଁ, ଉମେଶ ସାହୁ ପ୍ରମୁଖ ଚାଷୀନେତାମାନେ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

## ପାରାଦୀପ ଟ୍ରକ ମାଲିକ ସଂଘର ନିର୍ବାଚନୀ ବୈଠକ



କେନ୍ଦ୍ରାପଡ଼ା (ପିଏନ୍) : ପାରାଦୀପ ଟ୍ରକ ମାଲିକ ସଂଘର ଏକ ନିର୍ବାଚନୀ ବୈଠକ ସ୍ଥାନୀୟ ଗରାପୁର ମାରୁତି ଛକ ନିକଟସ୍ଥ ସୌଭାଗ୍ୟ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ସଂଘର ବରିଷ୍ଠ ସଦସ୍ୟ ରଞ୍ଜନ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସଂଘର ପୂର୍ବତନ ସାଧାରଣ ସମ୍ପାଦକ ତଥା ବର୍ତ୍ତମାନର ସଭାପତି ପ୍ରାର୍ଥୀ ବିରଞ୍ଚି ନାରାୟଣ ପରିଡା(ଆଲୋକ), ଚଳିତ ନିର୍ବାଚନ ପାଇଁ ସଂଘର ଉପସଭାପତି ପ୍ରାର୍ଥୀ ମହମ୍ମଦ ସଲିମ ଖାନ୍ ଓ ସଲିଳ କୁମାର ଦାସ, ସାଧାରଣ ସମ୍ପାଦକ ପ୍ରାର୍ଥୀ ଶାରଦା ପ୍ରସନ୍ନ ରାଉତ, କୋଷାଧ୍ୟକ୍ଷ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଦାସ, ଯୁଗ୍ମ ସମ୍ପାଦକ ପ୍ରାର୍ଥୀ ଅକ୍ଷୟ କୁମାର ସ୍ୱାଇଁ ଓ ବିପିନ ଲେଙ୍କା(ସିକୁ) ପ୍ରମୁଖ ଯୋଗଦେଇ ଆସନ୍ତା ୨୮ ତାରିଖରେ ହେଉଥିବା ସଂଘର ନିର୍ବାଚନରେ ସେମାନଙ୍କୁ ବିଜୟ କରିବା ପାଇଁ ବୈଠକରେ ଉପସ୍ଥିତ ସଂଘର ସଦସ୍ୟମାନଙ୍କୁ ନିବେଦନ କରିଥିଲେ । ଏଠାରେ ସୂଚନା ଯୋଗ୍ୟ ଯେ ପାରାଦୀପ ଟ୍ରକ ମାଲିକ ସଂଘରେ କେନ୍ଦ୍ରାପଡା ଜିଲ୍ଲାର ୫ଶହ ଜଣ ଟ୍ରକ ମାଲିକ ସଦସ୍ୟ ଥିବା ବେଳେ ଜଗତସିଂହପୁର ଜିଲ୍ଲାର ୭୫୦ଜଣ ଟ୍ରକ ମାଲିକ ସଦସ୍ୟ ଅଛନ୍ତି । ପାରାଦୀପ ଟ୍ରକ ମାଲିକ ସଂଘର ସାମୂହିକ ବିକାଶ ଏବଂ ସଦସ୍ୟମାନଙ୍କ ସାମଗ୍ରୀକ ଉନ୍ନତି, ସମ୍ମାନ, ସ୍ୱଭିମାନ ଓ ସମାନତା ପ୍ରତିଷ୍ଠା ପାଇଁ ଆଲୋକ ବାବୁଙ୍କ ନେତୃତ୍ୱରେ ଚଳିତ ନିର୍ବାଚନ ରଣାଙ୍ଗନରେ ପ୍ରାର୍ଥୀ ହୋଇଥିବା ସମସ୍ତ ବ୍ୟକ୍ତିମାନଙ୍କୁ ବିଜୟୀ କରିବା ପାଇଁ ପ୍ରାର୍ଥୀମାନେ ନିବେଦନ କରିଥିଲେ । ଶେଷରେ ବରିଷ୍ଠ ସଭ୍ୟ ହିବଜୁର ରହମାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ପୁନର୍ବାସ ପକ୍ଷରୁ ଭିନ୍ନକ୍ଷମ ପୁସ୍ତକ ଉନ୍ମୋଚିତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡାର ଅଗ୍ରଣୀ ଅନୁଷ୍ଠାନ ପୁନର୍ବାସ ଆନୁକୂଲ୍ୟରେ ମାଧପୁରସ୍ଥିତ ଅମର ଉଦ୍ୟାନ ପରିସରରେ ଏକ ଭିନ୍ନକ୍ଷମ ପୁସ୍ତକ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପୁନର୍ବାସର ଉପଦେଷ୍ଟା ଡଃ. ବିରଜା ପ୍ରସାଦ ରାଉତରାୟଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ପ୍ରାଧାପକ ନନ୍ଦ କିଶୋର ପରିଡା, ମେଜର ଭରତ ଚନ୍ଦ୍ର ଜେନା ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ଅତିଥି ଭାବେ ଯୋଗଦେଇ "ଚଳତଶକ୍ତି ଓ ବହୁବିଧ ଭିନ୍ନକ୍ଷମତା : ଏକ ଦୃଷ୍ଟିପାତ ଏବଂ ମାନସିକ ମନ୍ଥରତା ବିଷୟରେ କେତେକଜାଣିବା କଥା" ୨ଟି ପୁସ୍ତକ ଉନ୍ମୋଚନ କରିଥିଲେ। ଏହି ଅବସରରେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର +୩ ପଦାର୍ଥ ବିଜ୍ଞାନ(ସମ୍ମାନ) ଛାତ୍ର ତଥା ଶାରୀରିକ ଭିନ୍ନକ୍ଷମ ବରଜ କୁମାର ଦାସଙ୍କୁ ପୁନର୍ବାସ ବାର୍ଷିକ ଛାତ୍ରବୃତ୍ତି ବାବଦକୁ ୧୦ହଜାର ଟଙ୍କାର ଚେକ ପ୍ରଦାନ କରାଯାଇଥିଲା। ଚଳିତ ବର୍ଷ ଠାରୁ ପ୍ରତ୍ୟେକ ବର୍ଷ ଏହି ଛାତ୍ର ବୃତ୍ତି ମେଧାବୀ ଭିନ୍ନକ୍ଷମ ଛାତ୍ରଙ୍କୁ ପ୍ରଦାନ କରାଯିବ ବୋଲି ପୁନର୍ବାସର ସମ୍ପାଦିକା ବନସ୍ମିତା ନାୟକ କହିଛନ୍ତି। ପୁନର୍ବାସ ସଂଯୋଜକ ସଞ୍ଜୀବ କୁମାର ଜେନା ପୁସ୍ତକ ୨ଟି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଭିନ୍ନକ୍ଷମ ବିଦ୍ୟାଳୟର ଅଧକ୍ଷ ସ୍ୱପ୍ନାଂଶୁ ଦାସ ଅତିଥି ପରିଚୟ ପ୍ରଦାନ, ସଞ୍ଜୟ ମଥାନ ବେଦପାଠ ଏବଂ ଶେଷରେ ଅଶୋକ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସାହିତ୍ୟ ଏକାଡେମୀ ସଦସ୍ୟ ସରୋଜ କୁମାର ମହାନ୍ତି, ନିରଞ୍ଜନ ମେକାପ, ଜାହିଦ ଖାଁ, ଅକ୍ଷୟ ପାଣି, ଶେଷଦେବ ଦାସ, ଗୌତମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## କେନ୍ଦ୍ରାପଡା ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟରେ ସମ୍ବିଧାନ ଦିବସ ପାଳିତ




କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ୭ମ ସମ୍ବିଧାନ ଦିବସ ପାଳିତ କରାଯାଇଛି । ଏହି ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ମଧୁସୁଦନ କମିଳା ସଭାପତିତ୍ୱ କରି ଛାତ୍ରଛାତ୍ରୀମାନଙ୍କୁ ଆନୁଷ୍ଠାନିକ ଶପଥ ପାଠ କରାଇଥିଲେ । ମୁଖ୍ୟ ବକ୍ତାଭାବେ ପ୍ରାଧାପକ ଦିଲ୍ଲିପ କୁମାର ମହାନ୍ତି ଯୋଗଦେଇ ସମ୍ବିଧାନ ଗଠନର ଐତିହାସିକ ବିବରଣୀ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥିଭାବେ ମହାବିଦ୍ୟାଳୟର ଅନ୍ୟତମ ବରିଷ୍ଠ ଅଧ୍ୟାପକ ପ୍ରକାଶ ରଞ୍ଜନ ଦାସ ଯୋଗଦେଇ ରାଷ୍ଟ୍ର ପରିଚାଳନାରେ ସମ୍ବିଧାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଶେଷରେ ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ରାଜେଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲା କଂଗ୍ରେସର ଗଣବିକ୍ଷୋଭ: ଆଇନ ବିଜେଡି ବାଟରେ ଯାଇଛି



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ପ୍ରଦେଶ କଂଗ୍ରେସ କମିଟି ନିର୍ଦ୍ଦେଶରେ ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତିଙ୍କ ନେତୃତ୍ୱରେ ଚାରି ଦଫା ଦାବିରେ ଗଣ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ମମିତା ମେହେରଙ୍କୁ ନ୍ୟାୟ ପ୍ରଦାନ ଦାବିରେ କଳଙ୍କିତ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ମନ୍ତ୍ରୀମଣ୍ଡଳରୁ ବରଖାସ୍ତ, ହତ୍ୟା ଷଡଯନ୍ତ୍ର ଅଭିଯୋଗରେ ତାଙ୍କ ବିରୋଧରେ ମୋକଦ୍ଦମା ରୁଜୁ ଦାବି ସହ କଂଗ୍ରେସ ଭବନରେ ପୋଲିସର ବେଆଇନ ପ୍ରବେଶ ଓ ନିରୀହ ଛାତ୍ର କଂଗ୍ରେସ କର୍ମୀମାନଙ୍କ ଉପରେ ଭୁବନେଶ୍ୱର ପୋଲିସର ନୃସଂସ ଆକ୍ରମଣର ପ୍ରତିବାଦ ଓ କର୍ତ୍ତବ୍ୟରେ ଚରମ ଅବହେଳା ପାଇଁ ଡିସିପିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଆଦି ପ୍ରସଙ୍ଗ ଉପରେ କଂଗ୍ରେସ ନେତାମାନେ ସମ ସ୍ୱରରେ ସରକାରଙ୍କୁ କଠୋର ସମାଲୋଚନା କରିଥିଲେ। କଂଗ୍ରେସ ଅଭିଯୋଗ କରିଥିଲା ଯେ ଓଡିଶାରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପରିଚାଳିତ ବିଜେଡି ସରକାରରେ ଆଇନ ତା' ବାଟରେ ଯାଇନାହିଁ। ଆଇନ ସବୁବେଳେ ବିଜେଡି ବାଟରେ ଯାଇଛି। ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାର ଖୋଲାଖୋଲି ଉଲ୍ଲଙ୍ଘନ କରାଯାଉଛି। ବିରୋଧିଦଳର ମତକୁ ବଳ ପ୍ରୟୋଗ କରି ଚପାଇ ଦିଆଯାଉଛି। ସରକାରୀ ଷଡଯନ୍ତ୍ର ହେତୁ ମମିତା ମେହେର ହତ୍ୟାକାଣ୍ଡ ପ୍ରସଙ୍ଗ ଗୃହରେ ଆଲୋଚନା ହୋଇପାରିଲା ନାହିଁ ଓ ୧୦ଦିନର ଶୀତ ଅଧିବେସନ ସମ୍ପୂର୍ଣ୍ଣ ଭାବେ ଧୋଇଗଲା। ଅପରାଧୀକୁ ସୁରକ୍ଷା ମିଳୁଛି ଓ ନିରୀହ ନିରପରାଧ କଂଗ୍ରେସ ତଥା ବିରୋଧି ଦଳର କର୍ମୀମାନଙ୍କ ଉପରେ ପୋଲିସ ନିର୍ଯ୍ୟାତନା ବଢି ଚାଲିଛି। ରାଜ୍ୟ ସରକାର ଆଇନକୁ ସମ୍ମାନ ଦେଇ ଯଦି କଂଗ୍ରେସର ଦାବିକୁ ଗ୍ରହଣ ନକରନ୍ତି ତା' ହେଲେ କେନ୍ଦ୍ରାପଡା ସମେତ ସମଗ୍ର ଓଡିଶାରେ ଜନ ଆନ୍ଦୋଳନ ତୀବ୍ରତର ହେବ ବୋଲି ନେତାମାନେ ଚେତାବନୀ ଦେଇଛନ୍ତି। ଗଣ ବିକ୍ଷୋଭର ଶେଷରେ ରାଜ୍ୟପାଳଙ୍କ ଉଦେଶ୍ୟରେ ୪ଦଫା ସମ୍ବଳିତ ଏକ ମାନପତ୍ର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହରେଶ ଚନ୍ଦ୍ର ପାଣ୍ଡେଙ୍କୁ ପ୍ରଦାନ କରାଯାଇଥିଲା। ଏଥିରେ ଗଣେଶ୍ୱର ବେହେରା, ଦେବେନ୍ଦ୍ର ଶର୍ମା, ଚିନ୍ମୟ ପ୍ରସାଦ ବେହୁରା, ବିଭ୍ରାଂଶୁ ଶେଖର ଲେଙ୍କା, ରତିକାନ୍ତ କାନୁନଗୋ, ପ୍ରଫୁଲ୍ଲ ଦାସ, ମହମ୍ମଦ ଆକବର ଅଲ୍ଲୀ, ବାବୁରାମ ଜେନା, ଚିତ୍ରସେନ ପରିଡ଼ା, ରବି ବେହେରା, ମଳୟ ଦାସ, ଅମୂଲ୍ୟ ପ୍ରଧାନ, କବି ସାମଲ, ନିରଞ୍ଜନ ପରିଡା, ଉମେଶ ତ୍ରିପାଠୀ, ମୁକ୍ତାର ଖାଁ, ଅନ୍ନପୂର୍ଣ୍ଣା ଦାସ, ରମେଶ ମହାନ୍ତି, ସତ୍ୟପ୍ରିୟ ସାମଲ, ଅଜିତ ମହାପାତ୍ର, ପରଭେଜ ଅକ୍ତର, ସର୍ବେଶ୍ୱର ସେଠୀ, ଧରଣୀଧର ସୁଆର, ରାଜେଶ ମହାନ୍ତି, ସମ୍ରାଟ ଜେନା, ପାରେଶ୍ୱର ନାୟକ, ମଳୟ ଓଝା, ସଂଗ୍ରାମ ପୃଷ୍ଟି, ପ୍ରମୋଦ ବିଶ୍ୱାଳ, ପ୍ରଶାନ୍ତ ବିଶ୍ୱାଳ, ଯଦୁମଣି ଦାସ, ମୀର ମୁର୍ଶିଦ, ଜ୍ଞାନରଞ୍ଜନ ସାହୁ, ହିମାଂଶୁ ବେହେରା, ଅନନ୍ତ ସ୍ୱାଇଁ, କାର୍ତ୍ତିକ ଦୋରା, ସମ୍ବିତ ଶ୍ରୀଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ।

## "ମୋ ସ୍କୁଲ" ଅଭିଯାନ ବୈଠକ

ଚଣ୍ଡିଖୋଲ (ପି.ଏନ୍)-ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନର ଉନ୍ନତି ପାଇଁ ରାଜ୍ୟ ସରକାର ବହୁ ଯୋଜାନା ପ୍ରଣୟନ କରୁଛନ୍ତି। ଆଦର୍ଶ ମୌଳିକ ଶିକ୍ଷା, ବିଦ୍ୟାଳୟମାନଙ୍କରେ ଉତ୍ତମ ଶୈକ୍ଷିକ ବାର୍ତାବରଣ ସୃଷ୍ଟି କରି ପିଲାମାନଙ୍କୁ ଶିକ୍ଷାପ୍ରତି ଆକର୍ଷିତ କରିବା ପାଇଁ ଶିକ୍ଷା ବିଭାଗ ବହୁ ପଦକ୍ଷେପ ନେଉଅଛି। ଏବେ ରାଜ୍ୟ ସରକାର ୫ଟି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଗୁଡ଼ିକୁ ପୁନଃ ନବିକରଣ କରି ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି। ମୋ ସ୍କୁଲ ଅଭିଯାନ ଦ୍ୱାରା ପୁରାତନ ଛାତ୍ରଛାତ୍ରୀ ଯେଉଁମାନେ କି ସେହି ବିଦ୍ୟାଳୟରେ ଅଧ୍ୟୟନ କରି ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଛନ୍ତି। ଯେଉଁ ବିଦ୍ୟାଳୟ ସେମାନଙ୍କୁ ସାମାଜିକ ପ୍ରତିଷ୍ଠା ଦେଇଛି ସେମାନଙ୍କର ମଧ୍ୟ ବିଦ୍ୟାଳୟ ପ୍ରତି କିଛି କର୍ତବ୍ୟ ରହିଛି। ପୁରାତନ ଛାତ୍ରଛାତ୍ରୀମାନେ ମୋ ସ୍କୁଲ ଅଭିଯାନରେ ସାମିଲ ହୋଇ ବିଦ୍ୟାଳୟର ଉନ୍ନତି ପାଇଁ ଆର୍ଥିକ ସାହାଯ୍ୟ ଓ ସହଯୋଗ କରି ବିଦ୍ୟାଳୟକୁ ଏକ ଆଦର୍ଶ ବିଦ୍ୟାଳୟରେ ପରିଣତ କରିବା ପାଇଁ ରାଜ୍ୟ ସରକାର ମୋ ସ୍କୁଲ ଅଭିଯାନ ଆରମ୍ଭ କରିଛନ୍ତି। ଏଥିରେ ପୁରାତନ ଛାତ୍ରଛାତ୍ରୀ, ଅଭିଭାବକ/ଅଭିଭାବିକା, ଶିକ୍ଷାବିତ, ବୁଦ୍ଧିଜୀବୀ ଯେଉଁ ଆର୍ଥିକ ସାହାଯ୍ୟ କରିବେ ତାର ଦୁଇଗୁଣ ଆର୍ଥିକ ସାହାଯ୍ୟ ସରକାର ଦେବେ ବୋଲି ଘୋଷଣା କଲାପରେ ରାଜ୍ୟର ପ୍ରତ୍ୟେକ ସ୍କୁଲରେ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି ପରିପ୍ରେକ୍ଷୀରେ ଚଣ୍ଡିଖୋଲ ନିକଟସ୍ଥ ଗାନ୍ଧୀଛକ ଠାରେ ପ୍ରତିଷ୍ଠିତ ମା' ଯଶୋଦା ଉଚ୍ଚବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ମମତା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନେଉଳପୁର ନିଳସୁନ୍ଦର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଦାମ ପଣ୍ଡା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶରତ ନାୟକ, ଶିକ୍ଷାବିତ୍ ବିପିନ ସ୍ୱାଇଁ, ସମାଜସେବୀ ଉତମ ଦାସ, ନିଖିଳ ଉତ୍କଳ ଶିଶୁମେଳା ସମିତିର ଅଧ୍ୟକ୍ଷ ଡ଼ଃ ପ୍ରିୟନାଥ ମହାପାତ୍ର, ପୂର୍ବତନ ପ୍ରଧାନ ଶିକ୍ଷକ ଅର୍ଜୁନ ଚରଣ ଜେନା, ଦିପ୍ତିଶ୍ରୀ ମହାପାତ୍ର, ଭାରତୀ ନାୟକ, ମମତା ପଣ୍ଡା, ନିବେଦିତା ଦାସ ପ୍ରମୁଖ ଯୋଗଦେଇ ମୋ ସ୍କୁଲ ଅଭିଯାନର ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ। ଏଥିରେ ମୋ ସ୍କୁଲ ଅଭିଯାନ ପାଇଁ ଏକ ଲକ୍ଷ ଟଙ୍କାର ପାଂଠି ସଂଗ୍ରହ କରାଯାଇଥିଲା।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ସ୍ୱାଭିମାନି, ସଂଗ୍ରାମୀ ଓ ସମାଜସେବୀଙ୍କ ବନ୍ଧୁ ମିଳନ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବାରୋସ୍ଥିତ ପଥରକଣୀ ମନ୍ଦିର ପରିସରରେ କେନ୍ଦ୍ରାପଡାର ସ୍ୱାଭିମାନି, ସଂଗ୍ରାମୀ ଓ ସମାଜସେବୀମାନଙ୍କର ଏକ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରଭାତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ସମାଜସେବୀ ଅକ୍ଷୟ କୁମାର ତରାଇ, ଅବସରପ୍ରାପ୍ତ ପୋଲିସ ଅଧିକାରୀ ନିରଞ୍ଜନ ଦାସ, ଅଭୟ କୁମାର ପାତ୍ର, ରବିନ ଦାସ ପ୍ରମୁଖ ଯୋଗଦେଇ ବର୍ତ୍ତମାନ କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଦେଖାଦେଇଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଭତ୍ତାଟିଏ ପାଇଁ ବୃଦ୍ଧ ବୃଦ୍ଧାମାନେ ଏ କାର୍ଯ୍ୟାଳୟରୁ ସେ କାର୍ଯ୍ୟାଳୟକୁ ଦୌଡୁଥିବା ବେଳେ ସେମାନଙ୍କ ସମସ୍ୟା ସମାଧାନ ହୋଇପାରୁନଥିବା ସହ ବାସହୀନ ଗରିବ ଲୋକଙ୍କୁ ବାସଗୃହ ଯୋଗାଇଦେବା, ରାସନକାର୍ଡ ଯୋଗାଇ ଦେବା ପ୍ରଭୃତି କ୍ଷେତ୍ରରେ ଚରମ ଅବହେଳା ପ୍ରଦର୍ଶନ କରାଯାଉଥିବାବେଳେ ସମାଜସେବୀ ଶ୍ରୀ ତରାଇ ଏଭଳି ଲୋକଙ୍କ ପାଇଁ ସହାୟତାର ହାତ ବଢାଉଥିବା କୁହାଯାଇଛି। ଶ୍ରୀ ତରାଇ 'ମୋ କେନ୍ଦ୍ରାପଡା' ନାମରେ ଏକ ସୋସିଆଲ ମିଡିଆ ଗ୍ରୁପ ଖୋଲି ତାହା ମାଧ୍ୟମରେ ଗରିବ ଓ ଅସହାୟ ଲୋକମାନଙ୍କୁ ସାହାଯ୍ୟ ପ୍ରଦାନ କରୁଥିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶ୍ରୀ ତରାଇ ବିଭିନ୍ନ ସମୟରେ ସମାଜସେବାମୂଳକ କାର୍ଯ୍ୟ କରି ଭିନ୍ନ ଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଥିବା ସମ୍ପର୍କରେ ମଧ ସୂଚନା ଦିଆଯାଇଥିଲା। ଆଗାମୀ ଦିନରେ ଏହି ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ଜନସାଧାରଣଙ୍କ ସମସ୍ୟାକୁ ସମାଧାନ ପାଇଁ ଏବଂ ଗରିବ ଲୋକମାନଙ୍କୁ ସାହାଯ୍ୟ ପ୍ରଦାନ କରାଯିବାକୁ ଏହି ବନ୍ଧୁମିଳନରେ ନିବେଦନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସୁବାଷ ଲେଙ୍କା, ନିହାର ମଲିକ, ବୈଲୋଚନ ବେହେରା, ସମରେନ୍ଦ୍ର ସାମଲ ପ୍ରମୁଖ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରୁ ଶତାଧିକ ବ୍ୟକ୍ତି ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଅଦାଲତ ପରିସରରେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଉଦଘାଟିତ



କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ପୁରୁଣା ଅଦାଲତ ପରିସରରେ ବୁଧବାର ଏକ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଉଦଘାଟିତ ହୋଇଯାଇଛି। ବିଧାୟକଙ୍କ ଆଂଚଳିକ ଉନ୍ନୟନ ପାଣ୍ଠିରେ ନିର୍ମିତ ଏହି ପ୍ରକଳ୍ପକୁ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୌର ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ, ଜିଲ୍ଲା ଓକିଲ ସଂଘ ସଭାପତି ଆଶୁତୋଷ ମହାନ୍ତି, ସମ୍ପାଦକ ସେକ ଅଜିମୁଦ୍ଦିନ, ସରକାରୀ ଓକିଲ ସଂଜୟ କୁମାର ଜେନା, ବରିଷ୍ଠ ଆଇନଜୀବୀ ଗଗନ ବିହାରୀ ଜେନା, ଭୀମସେନ ଭୂୟାଁ, ଗୋବର୍ଦ୍ଧନ ରାଉତ, ରମାକାନ୍ତ ସ୍ୱାଇଁ, ରଂଜନ କୁମାର ପଣ୍ଡା, ଇତିହାସ ଲେଙ୍କା, ନିରଞ୍ଜନ ବଳ, ଜିତେନ୍ଦ୍ର ମହାନ୍ତି, ରେଣୁ ବାଳା ସାମଲ, ନିରାକାର ପ୍ରଧାନ, ବ୍ରଜ ସୁନ୍ଦର ରାଉତ, ଦିନେଶରାଜ ସିଂ, ମନ୍ମଥ କୁମାର ସାହୁ, ମାନସ ରଂଜନ ଧଳ, ଆଶିଷ ସାମଲ, ରମଣୀ ରଂଜନ ରାଉତରାୟ, ସଂଜୟ ପାତ୍ର, ଦୀପକ ପ୍ରଧାନ, ଜିଲ୍ଲା ଯୁବ ବିଜେଡି ସଭାପତି ରାଜେଶ ଦାସ, ବିଜେଡି ରାଜ୍ୟ ଯୁଗ୍ମ ସମ୍ପାଦକ ରାଜେଶ ପଣ୍ଡା, ମଙ୍ଗଳ ବରଣ ସିଂ, ଅନନ୍ତ ବଲ୍ଲଭ ଶତପଥୀ, ପ୍ରଭାତ ପ୍ରଧାନ, ମାନସ ମହାନ୍ତିଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ବେହେରା ଜିଲ୍ଲା ଓକିଲ ସଂଘ କାର୍ଯ୍ୟାଳୟରେ ସଂଘର କର୍ମକର୍ତା ଓ ଆଇନଜୀବୀମାନଙ୍କ ସହିତ ସଂଘର ନୂତନ କାର୍ଯ୍ୟାଳୟ ନିର୍ମାଣ ସଂପର୍କରେ ଆଲୋଚନା କରି ଏଥି ନିମନ୍ତେ ବିଧାୟକଙ୍କ ଆଂଚଳିକ ଉନ୍ନୟନ ପାଣ୍ଠିରୁ ଅନୁଦାନ ଯୋଗାଇଦେବେ ବୋଲି ପ୍ରତିଶୃତି ଦେଇଥିଲେ।

## ସମ୍ବିତ୍ ମହାପାତ୍ରଙ୍କୁ ସେବା ରତ୍ନ ସମ୍ମାନ

ଚଣ୍ଡିଖୋଲ (ପି.ଏନ୍)-ଚଣ୍ଡିଖୋଲ ଠାରେ ଜେ.ଏମ୍.ଏଫ୍.ସି କୋର୍ଟ ପ୍ରତିଷ୍ଠା ପାଇଁ ହୋଇଥିବା ଆନ୍ଦୋଳନ, ଧାରଣା, ଅନଶନରେ ପ୍ରତ୍ୟକ୍ଷ ଭାବେ ସାହାଯ୍ୟ ସହଯୋଗ କରି ଚଣ୍ଡିଖୋଲ ଠାରେ ପ୍ରତିଷ୍ଠା ହୋଇଥିବା କୋର୍ଟ ପାଇଁ ବିଶେଷ ଅବଦାନ ରଖିଥିବା ଆଇନଜୀବୀ ସମ୍ବିତ ମହାପାତ୍ରଙ୍କୁ ଚଣ୍ଡିଖୋଲ କୋର୍ଟର ୧୫ତମ ପ୍ରତିଷ୍ଠା ଦିବସରେ ସେବା ରତ୍ନ ସମ୍ମାନ ପ୍ରଦାନ କରାଯାଇଛି। କୋର୍ଟ ବାର ଆସୋସିଏସନର ସଭାପତି ଦେବରାଜ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମାନ୍ୟବର ନ୍ୟାୟଧିଶ ଶତ୍ରୁଘ୍ନ ପୁଜାହାରୀ, ଦୌରା ଜଜ ଶ୍ରୀକାନ୍ତ ମିଶ୍ର, ଚଣ୍ଡିଖୋଲ ସବଜଜ ବିଷ୍ଣୁ ପ୍ରସାଦ ମିଶ୍ର, ସିଭିଲ ଜଜ୍ ସୌମ୍ୟ ରଂଜନ ପୃଷ୍ଟି ଓ ଅନ୍ୟତମ ସିଭିଲ ଜଜ୍ ତସଲିମା ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଆଇନଜୀବୀ ଶ୍ରୀ ମହାପାତ୍ରଙ୍କୁ ମାନପତ୍ର, ଉତରୀୟ ଓ ପୁଷ୍ପଗୁଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଉତ୍ସବରେ ସଂପାଦକ ପ୍ରକାଶ ଦାସଙ୍କ ସମେତ ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସରର ସମସ୍ତ ଆଇନଜୀବୀ ଉପସ୍ଥିତ ଥିଲେ।

## କ୍ଷୟକ୍ଷତିଜନିତ ଧାନ ଫସଲ ବୁଲି ଦେଖିଲେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପୁଅ

ଖୋର୍ଦ୍ଧା (ପିଏନ୍)- ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମରେ ଜୱାଦ ଜନିତ ଲଘୁଚାପ ବର୍ଷାରେ ଧାନ ଫସଲ ନଷ୍ଟ ହୋଇ ଗଜା ହୋଇ ଫସଲ ନଷ୍ଟ ହୋଇ ଯାଇଛି । ଏ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ପୁତ୍ର ପୃଥ୍ୱୀବଲ୍ଲଭ ପଟ୍ଟନାୟକ ରବିବାର ପୂର୍ବାହ୍ନରେ ପହଂଚି ଚାଷୀମାନଙ୍କୁ ଭେଟିବା ସହ ଧାନ ଫସଲକୁ ବୁଲି ଦେଖିଥିଲେ। ଏଥିରେ ସୀମାଚଂଳ ଖଣ୍ଡେଇ ଉପସ୍ଥିତ ରହି ବେଗୁନିଆ ନିର୍ବାଚନମଣ୍ଡଳୀର ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

## ଫୁଟ୍‌ପାଥ୍ ଅବରୋଧ ଏବଂ ବେଆଇନ କୋଠା ନିର୍ମାଣ ନୋଟିସ୍‌କୁ ଅବମାନନା ସତ୍ୱେ ପୌର ବିଭାଗ ଚୁପ୍

କେନ୍ଦୁଝର (ପିଏନ୍)-ସ୍ଥାନୀୟ ଗାନ୍ଧିଛକ ନିକଟରେ ରାସ୍ତା ଦୁଇପଟେ ୪ ଫୁଟ ବିଶିଷ୍ଟ ଯେଉଁ ଡ୍ରେନ୍ ନିର୍ମାଣ କରାଯାଇଛି । ତାକୁ ଲୋକେ ଫୁଟ୍‌ପାଥ୍ ଭାବରେ ବ୍ୟବହାର କରିବା କଥା କିନ୍ତୁ ଗାନ୍ଧୀ ଛକ ନିକଟରେ ଡ୍ରେନ୍‌କୁ ଜଣେ ବ୍ୟକ୍ତି ଜବରଦସ୍ତ ଭାବରେ ତାର ଦୋକାନକୁ ଉଠିବାକୁ ପାହାଚ ନିର୍ମାଣ କରିଥିବାର ଦେଖାଯାଇଛି ଆହୁରି ମଧ ଉକ୍ତ ତିନିମହଲା ବିଶିଷ୍ଟ ବାଣିଜ୍ୟ କୋଠାର କୌଣସି ଅନୁମତି ନଥାଇ କାର୍ଯ୍ୟ କରାଯାଇଛି ଏହାର କାମ ବନ୍ଦ କରିବାକୁ ସହର ଯୋଜନା କାର୍ଯ୍ୟାଳୟ ତରଫରୁ ନୋଟିସ୍ ଦିଆଯାଇଥିଲେ ମଧ ଏହାର ଅବମାନନା କରି ମୁଷ୍ଟିମେୟ ବ୍ୟକ୍ତି କୋଠା ନିର୍ମାଣ କରିଛନ୍ତି ଏବଂ ଏଥି ପ୍ରତି ପୌରପାଳିକା ମଧ କିଛି ମଧ କଟକଣା କରୁଥିବାର ସ୍ପଷ୍ଟ ଦେଖାଯାଇଛି । ଏପରି ଭାବରେ ଡ୍ରେନ୍ କୁ ଜବରଦଖଲ କରିବା ଦ୍ୱାରା ଟ୍ରାଫିକ୍ ଜାମ୍ ସହ ଲୋକମାନେ ଚାଲିବାକୁ ମଧ ବହୁ ସମସ୍ୟାରେ ପଡୁଥିବାର ଦେଖିବାକୁ ମିଳୁଛି । ଏହା ଉପରେ କିଛି କାର୍ଯ୍ୟାନୁଷ୍ଠାନ ନ କଲେ ଭବିଷ୍ୟତରେ ଏହା ବିପଦ ଜନକ ହେବ ବୋଲି ସାଧାରଣରେ ସର୍ବଦା ଚର୍ଚ୍ଚା ଏବଂ ପୌରପାଳିକାର ସରକାରୀ କର୍ମଚାରୀମାନେ ସେମାନଙ୍କର କାର୍ଯ୍ୟ ଠିକ୍ ଭାବରେ କରୁ ନ ଥିବାର ଏହା ଏକ ନମୁନା ମଧ ।




# ବିଜ୍ଞାନ ଓ କାରିଗରୀ ବିଭାଗ ପକ୍ଷରୁ କର୍ମଶାଳା

ଭୁବନେଶ୍ୱର,(ପି.ଏନ): ରାଜ୍ୟରେ ବୌଦ୍ଧିକ ସଂପଦ ସୃଷ୍ଟି ଏବଂ ସଂପୃକ୍ତ ପରିବେଶର ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କ ବିଜ୍ଞାନ ଓ କାରିଗରୀ ବିଭାଗ ସହାୟତା ଦେଉଛନ୍ତି । ଜନସଚେତନତା ସୃଷ୍ଟି ପାଇଁ ୧୦ ଲକ୍ଷ ଟଙ୍କା, ପେଟେଂଟ ପଂଜୀକରଣ ପାଇଁ ୪୦ ହଜାର ଟଙ୍କା, ଆଟର୍ଣ୍ଣି ଦେୟ ୨୦ ହଜାର ଟଙ୍କା, ଜିଆଇ ପଂଜୀକରଣ ପାଇଁ ୧୦ ହଜାର ଟଙ୍କା ଓ ଦକ୍ଷତା ବିକାଶ ତଥା ତାଲିମ କର୍ମଶାଳା ଆୟୋଜନ ପାଇଁ ୬୦ ହଜାରରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି ବୋଲି ବିଜ୍ଞାନ ଓ କାରିଗରୀ ବିଭାଗର ସଚିବ ମନୋଜ କୁମାର ମିଶ୍ର ପ୍ରକାଶ କରିଛନ୍ତି । ମଙ୍ଗଳବାର ପୂର୍ବାହ୍ନରେ 'ରାଜ୍ୟରେ ବୌଦ୍ଧିକ ସଂପଦ ପରିବେଶର ପ୍ରୋତ୍ସାହନ' ଶୀର୍ଷକ ଏକ କର୍ମଶାଳାରେ ଯୋଗଦେଇ ଶ୍ରୀ ମିଶ୍ର କହିଛନ୍ତି ଯେ ବୌଦ୍ଧିକ ସଂପଦ ସୃଷ୍ଟି ନିମନ୍ତେ ବ୍ୟକ୍ତିବିଶେଷ ତଥା ଷ୍ଟାର୍ଟଅପ୍ ଉଦ୍ୟୋଗୀମାନେ ସରକାରଙ୍କଠାରୁ ବୈଷୟିକ, ଆଇନଗତ ଏବଂ ଆର୍ଥିକ ସହାୟତା ପାଇବାର ବ୍ୟବସ୍ଥା କରାଯାଇଥିବାବେଳେ ଅଧିକ ସଂଖ୍ୟକ ବୌଦ୍ଧିକ ସଂପଦ ସୃଷ୍ଟି ଉପରେ ଉଦ୍ୟମ ହେବା ଆବଶ୍ୟକ । ରାଜ୍ୟ ସରକାରଙ୍କ ବିଜ୍ଞାନ ଓ କାରିଗରୀ ବିଭାଗ ଏବଂ ଭୁବନେଶ୍ୱରସ୍ଥିତ ସଫଟୱେୟାର ଟେକ୍ନୋଲୋଜି ପାର୍କର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କର୍ମଶାଳାରେ ଉଦ୍‌ଘାଟନ ପର୍ବ ବ୍ୟତିରେକ ବୌଦ୍ଧିକ ସଂପଦ ସୃଷ୍ଟି, ଏହାର ବିକାଶ ଓ ପରିବେଶ ପ୍ରୋତ୍ସାହନ ନେଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା । ବୌଦ୍ଧିକ ସଂପଦ ଅଧିକାର ପରିଚାଳନା ସଂପର୍କିତ ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକାର ମୁଦ୍ରିତ ଏବଂ ଡିଜିଟାଲ୍ ସଂସ୍କରଣ ମଧ୍ୟ ଏହି କର୍ମଶାଳାରେ ଉନ୍ମୋଚିତ ହୋଇଥିଲା । ରାଜ୍ୟରେ ବୌଦ୍ଧିକ ସଂପଦ ଅଧିକାରର ସ୍ଥିତି ଓ ପରିବେଶ ସଂପର୍କରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ଅତିରିକ୍ତ ଶାସନ ସଚିବ ଉଦୟ ନାରାୟଣ ଦାସ, ବୈଷୟିକ ସଂସ୍ଥା ଲେକ୍ସ ପ୍ରୋଟେକଫରର କାର୍ଯ୍ୟକର୍ତ୍ତା ଅରବିନ୍ଦ ପଣ୍ଡା, ସଫଟୱେୟାର ଟେକ୍ନୋଲୋଜି ପାର୍କ(ହେଡ୍‌କ୍ୱାର୍ଟର)ର ନିର୍ଦ୍ଦେଶକ ସୁବୋଧ ସଚନ୍, ଭୁବନେଶ୍ୱର ଏସ୍‌ଟିପିଆଇର ନିର୍ଦ୍ଦେଶକ ମାନସ ରଞ୍ଜନ ପଣ୍ଡା ଓ ବିର୍ଲା ଗ୍ଲୋବାଲ୍ ୟୁନିଭରସିଟିର କୁଳପତି ପି.ପି. ମାଥୁର ପ୍ରମୁଖ ବକ୍ତବ୍ୟ ରଖି ବୌଦ୍ଧିକ ସଂପଦ ଅଧିକାର, କପି ରାଇଟ୍, ଶିଳ୍ପ ରୂପରେଖ ପ୍ରସ୍ତୁତି ଇତ୍ୟାଦି ଉପରେ ଆଲୋକପାତ କରିଥିଲେ । କର୍ମଶାଳାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ପଦାଧିକାରୀ, ବୁଦ୍ଧିଜୀବୀ, ଗବେଷକ ତଥା ଶିଳ୍ପ ଏବଂ ଷ୍ଟାର୍ଟଅପ୍ ସଂପୃକ୍ତ ବ୍ୟକ୍ତିବିଶେଷ ଅଂଶଗ୍ରହଣ କରିଥିଲେ ।

# ମୁଖ୍ୟ ଶାସନ ସଚିବଙ୍କ ବିଦ୍ୟୁତ ଯୋଗାଣ ସ୍ଥିତି ସମୀକ୍ଷା

ଭୁବନେଶ୍ୱର,(ପି.ଏନ): ଆଗାମୀ ଗ୍ରୀଷ୍ମଋତୁରେ ବିଦ୍ୟୁତ ଯୋଗାଣ ଅବ୍ୟାହତ ରଖିବା ପାଇଁ ଆଗୁଆ ପ୍ରସ୍ତୁତିଭାବେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଆଜି ରାଜ୍ୟରେ ବିଦ୍ୟୁତ ଉତ୍ପାଦନ ଏବଂ ଯୋଗାଣ ସ୍ଥିତିର ସମୀକ୍ଷା କରିଛନ୍ତି । ରାଜ୍ୟ ଲୋକସେବା ଭବନରୁ ଡିଜିଟାଲ ମୋଡରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ବର୍ତ୍ତମାନ ବିଦ୍ୟୁତ ଉତ୍ପାଦନ ଓ ଚାହିଦା ସ୍ଥିତିର ସମୀକ୍ଷା କରି ରାଜ୍ୟରେ ଯେପରି ବିଦ୍ୟୁତ କାଟ (ଲୋଡସେଡିଂ) ସମସ୍ୟା ସୃଷ୍ଟି ନହୁଏ ତାହା ନିଶ୍ଚିତ କରାଇବା ପାଇଁ ମୁଖ୍ୟ ଶାସନ ସଚିବ ଗ୍ରୀଡକୋ ଏବଂ ଶକ୍ତି ବିଭାଗଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଦ୍ୟୁତ ଉତ୍ପାଦନକାରୀ କଂପାନୀମାନେ ନିଜ ନିଜ ବିଦ୍ୟୁତ ଉତ୍ପାଦନ ୟୁନିଟ୍ ଗୁଡ଼ିକର ରକ୍ଷଣାବେକ୍ଷଣ ଓ ନବୀକରଣ ସହ ସେଗୁଡ଼ିକୁ ପୂର୍ଣ୍ଣ କ୍ଷମତା ସଂପନ୍ନ ରଖିବାପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ୟୁନିଟ୍ ଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ନିରାପତା ଆଦି ଉପରେ ସତର୍କ ଦୃଷ୍ଟି ରଖିବା ପାଇଁ ଶ୍ରୀ ମହାପାତ୍ର ମଧ ଗ୍ରୀଡକୋ ଏବଂ ଶକ୍ତି ବିଭାଗଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସୌର, ତାପଜ ଓ ଅନ୍ୟାନ୍ୟ ଉତ୍ସରୁ ବିଦ୍ୟୁତ ଉତ୍ପାଦନ ବଢ଼ାଇ ଦନର ହାରାହାରି ଆବଶ୍ୟକତା ମେଂଟାଇବା ସହ ଜଳଭଣ୍ଡାର ଗୁଡ଼ିକୁ ଗ୍ରୀଷ୍ମଋତୁ ନିମନ୍ତେ ସଂରକ୍ଷିତ ରଖିବାଲାଗି ଶ୍ରୀ ମହାପାତ୍ର ପରାମର୍ଶ ଦେଇଥିଲେ । ସୂଚନାଯୋଗ୍ୟ, ଚଳିତବର୍ଷ ବର୍ଷାଋତୁରେ କମ୍ ବୃଷ୍ଟିପାତ ହାର ଯୋଗୁ ବିଦ୍ୟୁତ ଉତ୍ପାଦନକାରୀ ଜଳଭଣ୍ଡାରରେ ଅପେକ୍ଷାକୃତ କମ ଜଳ ଅଛି । ଏହାକୁ ସଠିକ୍ ଭାବେ ସଂରକ୍ଷଣ ଓ ପରିଚାଳନା କରି ଆଗାମୀ ବର୍ଷାଋତୁ ପର୍ଯ୍ୟନ୍ତ ବିଦ୍ୟୁତ ଯୋଗାଣ ଅବ୍ୟାହତ ରଖିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ଗ୍ରୀଡକୋର ପରିଚାଳନା ନିର୍ଦ୍ଦେଶକ ତ୍ରିଲୋଚନ ପଣ୍ଡା ଜଣାଇଥିଲେ ଯେ ବିଭିନ୍ନ ବିଦ୍ୟୁତ ଉତ୍ପାଦନକାରୀ ଶିଳ୍ପ ସଂସ୍ଥାମାନଙ୍କ ସହ ହୋଇଥିବା ଚୁକ୍ତିନାମା ଅନୁସାରେ ଗ୍ରୀଡକୋ ପାଖରେ ବଂଟନ ପାଇଁ ପ୍ରାୟ ୭,୬୫୧ ମେଗା ୱାଟ୍ ବିଦ୍ୟୁତ୍ ଅଛି । ଏଥିରୁ ପ୍ରାୟ ୧୨୯୫ ମେଗାୱାଟ୍ ଅଣ-ପାରମ୍ପରିକ ଉତ୍ସରୁ ଉତ୍ପାଦିତ ହେଉଛି । କେତେକ ତାପଜ ଏବଂ ଜଳଜ ବିଦ୍ୟୁତ ଉତ୍ପାଦନକାରୀ ସଂସ୍ଥାରେ ଯାନ୍ତ୍ରିକ ତ୍ରୁଟି ହେତୁ ଚଳିତମାସ ପ୍ରାୟ ୧୭୦୦ ମେଗାୱାଟ୍ ଉତ୍ପାଦନ କମିଛି । ତେବେ ଚଳିତ ଋତୁରେ ଦୈନିକ ସର୍ବାଧିକ ଚାହିଦା ପ୍ରାୟ ୩୩୫୦ ମେଗାୱାଟ ଅଛି । ବିଭିନ୍ନ ଉତ୍ସରୁ ବିଦ୍ୟୁତ ସଂଗ୍ରହକରି ଗ୍ରୀଡକୋ ଏହି ଚାହିଦା ପୂରଣ କରୁଛନ୍ତି । ଗ୍ରୀଷ୍ମଋତୁର ସର୍ବାଧିକ ଆବଶ୍ୟକତା ସମୟରେ ଏହି ଚାହିଦା ୪୦୦୦ ମେଗାୱାଟ୍ ରୁ ଅଧିକ ହୋଇପାରେ । ଏହାକୁ ଦୃଷ୍ଟିରେ ରଖି ତାପଜ ଓ ସୌରସ୍ରୋତ ବିଦ୍ୟୁତ ଉତ୍ପାଦନକାରୀ ଶିଳ୍ପ ସଂସ୍ଥାମାନେ ନିଜ ନଜର ପୂର୍ଣ୍ଣ କ୍ଷମତା ଅନୁସାରେ ଉତ୍ପାଦନ ବଢ଼ାଇବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ଜଳଭଣ୍ଡାର ଗୁଡ଼ିକୁ ଗ୍ରୀଷ୍ମଋତୁ ନିମନ୍ତେ ସଂରକ୍ଷିତ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜବିହାରୀ ଧଳ, ଓଡ଼ିଶା ବିଦ୍ୟୁତ ଉତ୍ପାଦନ ନିଗମର ପରିଚାଳନା ନିର୍ଦ୍ଦେଶକ ପି.କେ. ମହାପାତ୍ର, ଓଡ଼ିଶା ଜଳ ବିଦ୍ୟୁତ ନିଗମର ପରିଚାଳନା ନିର୍ଦ୍ଦେଶକ ଅମରେଶ କୁମାର, ରାଜ୍ୟ ବିଦ୍ୟୁତ ସରବରାହ ନିଗମର ନିର୍ଦ୍ଦେଶକ ବି.ବି. ମେହେଟ୍ଟା, ଜାତୀୟ ତାପଜ ବିଦ୍ୟୁତ ନିଗମର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏ.କେ. ଗୋସ୍ୱାମୀଙ୍କ ସମେତ ସଂପୃକ୍ତ ବିଭାଗ ଓ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଦୋକାନ ଭଙ୍ଗା ବନ୍ଦ ଦାବିରେ ଉଠା ଦୋକାନୀଙ୍କ ବିଏମ୍‌ସି ଘେରାଉ

ଭୁବନେଶ୍ୱର, (ପି.ଏନ): ଦୋକାନ ଭଙ୍ଗା ଅଭିଯାନ ବନ୍ଦ କରି ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଅଶୋକନଗର, ମାଷ୍ଟରକ୍ୟାଂଟିନ, ନିକୋ ପାର୍କ ରୋଡ଼ ଓ ବାୟାବାବା ମଠ ଛକର ଉଠା ଦୋକାନୀମାନଙ୍କୁ ସ୍ଥାୟୀ ଦୋକାନ ଘର ଯୋଗାଇବା ଦାବିରେ ଆଜି ଉଠା ଦୋକାନୀମାନେ ବିଏମ୍‌ସି ଅଫିସ ଘେରାଉ କରିଛନ୍ତି । ମଙ୍ଗଳବାର ପୂର୍ବାହ୍ନରେ ଏଆଇଟିୟୁସି ସହ ଅନୁବନ୍ଧିତ ଭୁବନେଶ୍ୱର ଉଠା ଦୋକାନୀ ବ୍ୟବସାୟୀ ସଂଘ ପକ୍ଷରୁ ଅଶୋକନଗରସ୍ଥ ଭଗବତୀ ଭବନଠାରୁ ଏକ ଶୋଭାଯାତ୍ରା ବାହାରିଥିଲା । ଶୋଭାଯାତ୍ରାକାରୀ ମାନେମାଷ୍ଟରକ୍ୟାଂଟିନ, ରାଜମହଲ ଓ କଳ୍ପନା ଛକ ଅତିକ୍ରମ ପୂର୍ବକ ବିଏମ୍‌ସି ଅଫିସ ନିକଟରେ ପହଂଚି ବିକ୍ଷୋଭପ୍ରଦର୍ଶନ କରିଥିଲେ । ସେଠାରେ ସଂଘର ସଭାପତି ସୁର ଜେନା ଉଦ୍‌ବୋଧନ ଦେଇ କହିଲେ– ଆମ ଦେଶର ସର୍ବୋଚ୍ଚ ଅଦାଲତ ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶମତେ ଭାରତର ପାର୍ଲାମେଂଟ ଉଠାଦୋକାନୀ ମାନଙ୍କ ଥଇଥାନ ଆଇନ ପାଶ୍ କରିଛି ଏବଂ ବିଏମ୍‌ସି ସର୍ଭେ କରି ଉଠାଦୋକାନୀମାନଙ୍କୁ କୁପନ ପ୍ରଦାନ କରିଛନ୍ତି ।ବିକ୍ଷୋଭ ପ୍ରଦର୍ଶନ ପରେ ସୁର ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବିଏମ୍‌ସି ଡେପୁଟି କମିଶନରଙ୍କୁ ଭେଟି ଦାବିପତ୍ର ପ୍ରଦାନ ସହ ଆଲୋଚନା କରିଥିଲେ । ଡେପୁଟି କମିଶନର ୫ଦିନ ମଧ୍ୟରେ ସମସ୍ତ ପକ୍ଷଙ୍କୁ ଡାକି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ ।

## ଶିଳ୍ପ ମନ୍ତ୍ରୀଙ୍କ ଓପିସିଏଲ୍, ଓଏଚ୍‌ପିସି, ଇଡ୍‌କୋ ଓ ଟାଟା ଷ୍ଟିଲ କାର୍ଯ୍ୟାଳୟ ପରିଦର୍ଶନ

ଭୁବନେଶ୍ୱର,(ପି.ଏନ): ଶକ୍ତି, ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ ଓ ଗୃହରାଷ୍ଟ୍ରମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର ଫର୍ଚ୍ୟୁନ୍ ଟାୱାର ସ୍ଥିତ ଓପିସିଏଲ୍, ଓପିଜିସି, ଇଡ୍‌କୋ ଓ ଟାଟା ଷ୍ଟିଲ୍ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି । ସେଠାରେ ଚାଲୁଥିବା ଏହି ସଂସ୍ଥାଗୁଡ଼ିକର ଦପ୍ତରକୁ ଯାଇ ସେ ବୁଲି ଦେଖିବା ସହ ଆନୁଷଙ୍ଗିକ ବ୍ୟବସ୍ଥା, ଭିତିଭୂମି ବିଷୟରେ ପଚାରି ବୁଝିଥିଲେ । ଇଡ୍‌କୋଠାରେ ଥିବା ମନ୍ତ୍ରୀଙ୍କ ଦପ୍ତରକୁ ଯାଇ ସେଠାରେ ଅଫିସ୍ କାର୍ଯ୍ୟ କରିଥିଲେ । ଏଣିକି ବାହାରୁ ଆସୁଥିବା ପ୍ରତିନିଧି ଦଳମାନଙ୍କୁ ସେହି କାର୍ଯ୍ୟାଳୟଠାରେ ସେ ସାକ୍ଷାତ ଆଲୋଚନା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ପରିଦର୍ଶନ ସମୟରେ ମନ୍ତ୍ରୀ ଟେକ୍ନୋଲୋଜିକୁ ଯଥାଯଥ ବ୍ୟବହାର କରି କାର୍ଯ୍ୟ ଦକ୍ଷତା ବୃଦ୍ଧି କରିବା ଉପରେ କର୍ମଚାରୀମାନଙ୍କୁ କହିଥିଲେ । ସମୟ ବଦଳୁଛି । ତେଣୁ ସେହି ପ୍ରକାରେ ଆମେ ନିଜକୁ ମଧ ବଦଳାଇବାକୁ ହେବ ସେ ଦିଗରେ ଆମକୁ ବୈଷୟିକ ଜ୍ଞାନ ବିଶେଷ ସାହାଯ୍ୟ କରିବ ବୋଲି ପ୍ରବର୍ତ୍ତାଇଥିଲେ । ତାଙ୍କ ଗସ୍ତ କାଳରେ ଓପିସିଏଲ୍ ର ମୁଖ୍ୟ ନିର୍ବାହୀ ଅଧିକାରୀ ସାରିପୁତ ମିଶ୍ର ଓପିଜିସିର ପରିଚାଳନା ନିର୍ଦ୍ଦେଶକ ପ୍ରଶାନ୍ତ ମହାପାତ୍ର ଇଡ୍‌କୋର ପରିଚାଳକ ରାଜକୁମାର ଦାସ ଏବଂ ଟାଟା ଷ୍ଟିଲ୍ ର ପରିଚାଳନା ନିର୍ଦ୍ଦେଶକ ପ୍ରଶାନ୍ତ ମଲ୍ଲିକ ପ୍ରମୁଖ ମନ୍ତ୍ରୀଙ୍କୁ ସାକ୍ଷାତ କରି ନିଜ ନିଜ କାର୍ଯ୍ୟାଳୟ ସଂପର୍କରେ ଅବଗତ କରିଥିଲେ ।

## ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଥିଲେ ଓଡ଼ିଆ ଭାଷା-ସାହିତ୍ୟର ପୃଷ୍ଠପୋଷକ

ଭୁବନେଶ୍ୱର,(ପି.ଏନ): ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଥିଲେ ଓଡ଼ିଆ ଭାଷା-ସାହିତ୍ୟର ପୃଷ୍ଠପୋଷକ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ପ୍ରମୁଖ କର୍ଣ୍ଣଧାର । ସମ୍ବାଦପତ୍ର ସଂପଦନା, ଭାଷା ଆନ୍ଦୋଳନ, ସାଂସ୍କୃତିକ ଜାଗରଣ କ୍ଷେତ୍ରରେ ପଣ୍ଡିତ ନୀଳମଣି ବିଦ୍ୟାରନିଙ୍କ ଯୋଗଦାନ ଅତୁଳନୀୟ । ଓଡ଼ିଆ ଜାତି ଓ ଓଡ଼ିଆ ଭାଷାର ଶ୍ରୀବୃଦ୍ଧିରେ ତାଙ୍କର ନିରନ୍ତର ପ୍ରୟାସ ପାଇଁ ସେ ସବୁବେଳେ ପ୍ରେରଣାର ଉତ୍ସ ହୋଇ ରହିବେ ବୋଲି ଆଜି ସ୍ଥାନୀୟ ଜୟଦେବ ଭବନଠାରେ ଉଭୟ ପ୍ରତ୍ୟକ୍ଷ ଓ ଆଭାସୀ ମାଧ୍ୟମରେ ସୂଚନା ଓ ଲୋକସଂପର୍କ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି ।ସଭା ପ୍ରାରମ୍ଭରେ ଅତିଥିମାନେ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏକ ବାର୍ତ୍ତା ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଛନ୍ତି ଯେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ ପୁରୋଧା, ବିଶିଷ୍ଟ ସାହିତ୍ୟିକ ନୀଳମଣି ବିଦ୍ୟାରତ୍ନ ଓଡ଼ିଆ ଭାଷାର ପ୍ରସାର ସହ ସମ୍ବାଦପତ୍ର ସଂପାଦନା, ଭାଷା ଆନ୍ଦୋଳନ ଏବଂ ସୁସ୍ଥ ସମାଜ ଗଠନ କ୍ଷେତ୍ରରେ ତାଙ୍କ ଉତ୍ସର୍ଗୀକୃତ ଉଦ୍ୟମ ସର୍ବଦା ପ୍ରେରଣାଦାୟୀ । ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦର ସଭାପତି ତଥା ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଓଡ଼ିଆ ଅସ୍ମିତାର ପ୍ରତୀକ ଏବଂ ଓଡ଼ିଆ ସ୍ୱାଭିମାନର ପୁନଃପ୍ରତିଷ୍ଠା ଦିଗରେ ସ୍ୱୀୟ ଲେଖନୀ ମାଧ୍ୟମରେ ଉତ୍କଳର ଅଖଣ୍ଡତା, ଭାଷା ଓ ସାଂସ୍କୃତିକ ଗୌରବ ପ୍ରତିଷ୍ଠାର ଜଣେ ସୁଦକ୍ଷ ସାରଥି ଭାବେ କାର୍ଯ୍ୟ କରିଥିଲେ । ଏ ଜାତି ବିଦ୍ୟାରତ୍ନଙ୍କୁ କାଳ କାଳ ଧରି ସ୍ମରଣ କରୁଥିବ ।

## ବିବାଦ ଆଗରେ ଫିକା ପଡିଲା ସମ୍ପର୍କ, ଶଳାକୁ ପଥରରେ ଛେଚି ହତ୍ୟା କଲା ଭିଣୋଇ

କେନ୍ଦୁଝର:(ପି.ଏନ):କେନ୍ଦୁଝର ଜିଲ୍ଲା ସଦର ଥାନା ଅନ୍ତର୍ଗତ ଠାକୁରଡିହି ଗ୍ରାମ ନିକଟରେ ପଥରରେ ଛେଚି ଶଳାକୁ ହତ୍ୟା କରିଛି ଭିଣୋଇ । ସୂଚନା ଅନୁଯାୟୀ ପାରିବାରିକ ବିବାଦକୁ ନେଇ ଶଳାକୁ ହତ୍ୟା କରିଛି ଭିଣୋଇ ବୋଲି ଜଣାପଡିଛି । ଟ୍ରକ୍ ଭିତରୁ ମୃତଦେହକୁ ଠାବ କରାଯାଇଥିବା ବେଳେ ମୃତକ ଜଣକ ହେଲେ ସଦର ଥାନା ତଳଚମ୍ପେଇ ଗ୍ରାମର ରଣଜିତ ମହାକୁଡ ବୋଲି ଜଣାପଡିଛି । ହତ୍ୟାକାଣ୍ଡ ସମ୍ପର୍କରେ ଖବର ପାଇ ସଦର ଥାନା ପୋଲିସ ଘଟଣା ସ୍ଥଳରେ ପହଂଚି ମୃତଦେହକୁ ଜବତ କରି ବ୍ୟବଛେଦ ପାଇଁ ନିଟକସ୍ଥ ଡାକ୍ତରଖାନାକୁ ପଠାଇଛି । ଆବଶ୍ୟକ ପଡିଲେ ସାଇଣ୍ଟିଫିକ୍ ଟିମ୍‌ର ସହଯୋଗ ନିଆଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି । ଏହି ହତ୍ୟାକାଣ୍ଡକୁ ନେଇ ସ୍ଥାନୀୟ ଅଂଚଳରେ ଉତ୍ତେଜନା ଲାଗି ରହିଛି ।

## ଧର୍ମଶାଳା କପ୍ ଫୁଟବଲ: ଖଡକପୁରକୁ ହରାଇ କଟକ ସେମିରେ

ଧର୍ମଶାଳା,(ପିଏନ୍): ଧର୍ମଶାଳା ବାଣୀପୀଠ ଖେଳ ପଡିଆରେ ଚାଲିଥିବା ରାଜ୍ୟସ୍ତରୀୟ ସପ୍ତମ ବାର୍ଷିକ ଧର୍ମଶାଳା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ କ୍ୱାଟର ଫାଇନାଲ ମ୍ୟାଚ୍‌ରେ ଆଜି ଖଡଗପୁର ଇଲେଭେନ୍‌କୁ ୪-୧ଗୋଲ୍‌ରେ ପରାସ୍ତ କରି କଟକର ଅଲଟିମେଟ୍ ଚାମ୍ପିଅନ ଦଳ ସେମି ଫାଇନାଲରେ ପ୍ରବେଶ କରିଛି । ପ୍ରଥମାର୍ଦ୍ଧରେ କଟକ ଦଳର ତବା ଖାଁ ପ୍ରଥମ ଗୋଲ୍ ସ୍କୋର କରିଥିବା ବେଳେ ଖଡଗପୁର ଦଳର ହରି ସୋରେନ୍ ଦ୍ୱିତୀୟ ଗୋଲ ଦେଇ ଖେଳକୁ ସମାନ ସ୍ତର(୧-୧)କୁ ଆଣିଥିଲେ । ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ଦଳ ଆଉ ଗୋଲ୍ କରି ନପାରିବାରୁ ଟାଇ ବ୍ରେକର ପଦ୍ଧତିର ସହାୟତା ନିଆଯାଇଥିଲା ।

## ଫଂଚୁକ ଉପଲକ୍ଷେ ଭଜନ କାର୍ଯ୍ୟକ୍ରମ

ଖୋର୍ଦ୍ଧା,(ପିଏନ)- ଖୋର୍ଦ୍ଧା ଜିଲ୍ଲା ଜାଗୁଳେଇ ପାଟଣାସଡ଼ତିତ ପୂର୍ଣ୍ଣ ବିଗ୍ରହ ଶ୍ରୀ ଜଗନ୍ନାଥ ଜୀଉ ମନ୍ଦିର ମନ୍ଦିର ପରିସରରେ ଫଂଚୁକ ଉପଲକ୍ଷେ ତ୍ରିନାଥ ଚରଣ ସ୍ମୃତି କଳା ସାହିତ୍ୟ ସଂସଦ ପକ୍ଷରୁ ଏକ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏ ନେଇ ଅନୁଷ୍ଠାନର ସମ୍ପାଦିକା ତଥା ସମାଜସେବୀ ଇତିଶ୍ରୀ ସାହୁ ଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ଏଥିରେ ସଙ୍ଗୀତ ଗୁରୁ ମାଧବ ମହାରଣା,ପ୍ରଦୀପ ସାହୁ,ଜ୍ୟୋତି ରଞ୍ଜନ ସାହୁ ,ରମେଶ ଦାସ,ନୀଳକଣ୍ଠ ସାହୁ,ରାମଚନ୍ଦ୍ର ଦାସ ଓ ସରୋଜିନୀ ମହାପାତ୍ର ପ୍ରମୁଖ ଆଧ୍ୟାତ୍ମିକ ସଙ୍ଗୀତ, ଭଜନ ଓ ଜଣାଣପ୍ରଭୃତି ପରିବେଷଣ କରିଥିଲେ । କାର୍ଯ୍ୟକ୍ରମକୁ ବୈକୁଣ୍ଠ ମହାପାତ୍ର ସଂଯୋଜନା କରିଥିଲେ ।

## ଆବାସ ଯୋଜନାରେ ଘର ଯୋଗାଇବାକୁ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ବିଜେଡି ସାଂସଦ

ନୂଆଦିଲ୍ଲୀ/ଭୁବନେଶ୍ୱର, (ପି.ଏନ): ଓଡିଶାର ଫନି ପ୍ରଭାବିତ ଓ ଅଣପ୍ରଭାବିତଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ଦାବି କରି ବିଜେଡି ସାଂସଦମାନେ କେନ୍ଦ୍ର ଗ୍ରାମୀଣ ବିକାଶ ଓ ପଂଚାୟତିରାଜ ମନ୍ତ୍ରୀ ଗିରିରାଜ ସିଂହଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି । ନିକଟରେ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ଫନି ବାତ୍ୟାରେ କ୍ଷୟକ୍ଷତି ହୋଇଥିବା ୧.୮୪ ଲକ୍ଷ ପରିବାରକୁ ଘର ଯୋଗାଇବାକୁ ଦାବି କରିଥିଲେ । ଏହା ସହିତ ଫନି ଦ୍ୱାରା ପ୍ରଭାବିତ ହୋଇନଥିବା କେବିକେ ଅଂଚଳରେ ମଧ ୧୩ ଲକ୍ଷ ଘରର ଆବଶ୍ୟକତା ରହିଥିବା ଚିଠିରେ ଉଲ୍ଲେଖ କରିଥିଲେ ମୁଖ୍ୟମନ୍ତ୍ରୀ । ଏ ନେଇ ଆଜି ବାସହରାଙ୍କୁ ଖୁବ ଶୀଘ୍ର ଘର ଦିଆଯାଉ ବୋଲି ଦାବି କରିଛି ବିଜେଡି । ବିଜେଡି ଦର୍ଶାଇଛି ଯେ ୨୦୧୯ରେ ପ୍ରଧାନମନ୍ତ୍ରୀ ଓଡିଶା ଆସି ଫନି ପ୍ରଭାବିତ ୫ ଲକ୍ଷ ଲୋକଙ୍କୁ ପିଏମଏୱାଇରେ ଘର ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଏବେସୁଦ୍ଧା ୧.୮୪ ଲକ୍ଷ ପରିବାରକୁ ଯୋଜନାରେ ସାମିଲ କରାଯାଇନାହିଁ । ସେହିପରି ଅଣଫନି ପ୍ରଭାବିତ ୧୬ ଜିଲ୍ଲାର ୫.୦୯ ଲକ୍ଷ ଯୋଗ୍ୟ ପରିବାରକୁ ମଧ୍ୟ ଚିହ୍ନଟ କରାଯାଇଥିଲା । ଏମାନେ ଆଦିବାସୀ ବହୁଳ ପଶ୍ଚିମ ଓଡ଼ିଶା, ଅନୁସୂଚିତ ଅଂଚଳ ଓ କେବିକେ ଅଂଚଳର । ତେଣୁ ଏବେ ଆବାସ ପ୍ଲସ ପୋର୍ଟାଲ ମାସକ ପାଇଁ ଖୋଲିଲେ ବଳକା ପରିବାରଙ୍କ ଡାଟା ଏଥିରେ ଯୋଡା ଯାଇପାରିବ ବୋଲି କେନ୍ଦ୍ରମନ୍ତ୍ରୀଙ୍କୁ ବିଜେଡି କହିଛି । ଆବାସ ଯୋଜନାରେ ଗରିବଙ୍କୁ ଘର ଦେବାକୁ ଗତ ୧୧ ତାରିଖରେ ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଚିଠି ଲେଖିଥିଲେ । ଏନେଇ ଆଲୋଚନା ସହ ସମାଧାନର ବାଟ ବାହାର କରିବାକୁ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହ ପ୍ରତିଶ୍ରୁତି ଦେଇଛନ୍ତି ।

### କେନ୍ଦୁଝର ଠାରେ ଇପିଏଫ୍ ପେନସନ୍‌ଭୋଗୀଙ୍କର ପ୍ରତିବାଦ ସଭା, ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ଦାବୀପତ୍ର

କେନ୍ଦୁଝର:(ପି.ଏନ): କେନ୍ଦୁଝର ଠାରେ ଇପିଏଫ୍ ପେନସନ ଭୋଗୀଙ୍କ ପକ୍ଷରୁ ବିଭିନ୍ନ ଦାବୀ ନେଇ ପ୍ରତିବାଦ ସଭା କରାଯାଇଥିବାବେଳେ ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ଏକ ଦାବୀପତ୍ର ପ୍ରଦାନ କରାଯାଇଛି । ସର୍ବଭାରତୀୟ ସଂଗଠନର ଡାକରା ଏବଂ ରାଜ୍ୟ ସଂଗଠନର ନିଷ୍ପତ୍ତିକ୍ରମେ ମଙ୍ଗଳବାର କେନ୍ଦୁଝର ଜିଲ୍ଲାରେ ଏହି ପ୍ରତିବାଦ ସଭା କରାଯାଇଥିବା ସଂଘ ପକ୍ଷରୁ କୁହାଯାଇଛି । ସଂଘର ସଦସ୍ୟ ଇପିଏଫ୍ ପେନସନ ଭୋଗୀ ବରିଷ୍ଠ ନାଗରୀକ ମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏହି ପ୍ରତିବାଦ ସଭା କରିଥିଲେ ଏବଂ ସେମାନଙ୍କର ଦାବୀ ସମ୍ପର୍କରେ ମତ ଦେଇଥିଲେ । ୧୯୯୫ ମସିହା ନଭେମ୍ବର ୧୬ ତାରିଖରେ କେନ୍ଦ୍ର ସରକାର ଲାଗୁ କରିଥିବା ଇପିଏଫ୍-୯୫ ଯୋଜନା ପ୍ରଚଳନକୁ ୨୬ବର୍ଷ ପୂରଣ ହୋଇଛି । କିନ୍ତୁ ଦେଶର ୬୭ ଲକ୍ଷ ଇପିଏଫ୍ ପେନସନ ଭୋଗୀ ସାମାଜିକ ସୁରକ୍ଷାରୁ ବଞ୍ଚିତ ହୋଇ ସେମାନେ ଓ ସେମାନଙ୍କର ପରିବାର ଦୁଃଖ ଦୁର୍ଦ୍ଦଶାରେ ଦିନ କାଟୁଥିବା ଅଭିଯୋଗ କରି ପ୍ରତିବାଦ ସଭାରେ କ୍ଷୋଭ ପ୍ରକାଶ କରାଯାଇଥିଲା । ପେନସନ ଭୋଗୀମାନେ ରଖିଥିବା ଦାବୀ ଗୁଡିକ ମଧ୍ୟରେ ଇପିଏଫ୍ ପେନସନ ଭୋଗୀଙ୍କୁ ମାସିକ ସର୍ବନିମ୍ନ ୯୦୦୦ ଟଙ୍କା ପ୍ରଦାନ,ପେନସନ ଭୋଗୀଙ୍କୁ ମହଙ୍ଗା ଭତ୍ତା ପ୍ରଦାନ,ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ବର୍ଦ୍ଧିତ ପେନସନ ପ୍ରଦାନ କରିବା, ସମସ୍ତ ଇପିଏଫ୍ ପେନସନ ଭୋଗୀ ପରିବାରକୁ ସରକାରଙ୍କ ପ୍ରଚଳିତ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସାମିଲ କରି ମାଗଣା ଚିକିତ୍ସା ସେବା ଯୋଗାଇ ଦେବା ଆଦି ଦାବୀ କରାଯାଇଛି । ଏହି ପ୍ରତିବାଦ ସଭାରେ ଅଲ ଓଡିଶା ଇପିଏଫ୍ ପେନସନ ଭୋଗୀ ସଂଘର ଜିଲ୍ଲା ସଭାପତି ମକରଧ୍ୱଜ ନାଏକ,ଜିଲ୍ଲା ସଂପାଦକ ରମେଶ ଚନ୍ଦ୍ର ଘଡେଇଙ୍କ ସମେତ ଭାବଗ୍ରାହୀ ରାଉତ, ଶ୍ୟାମସୁନ୍ଦର ନାଏକ,ସମର ସିଂ,ଉର୍ବଶୀ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ ।

## ଜିଲ୍ଲାପାଳଙ୍କ ଲୋୟରଇନ୍ଦ୍ର ଜଳସେଚନ ପ୍ରକଳ୍ପ ପରିଦର୍ଶନ,ବିସ୍ଥାପିତ ସହାୟତା ସମିତିର ଦାବୀପତ୍ର ପ୍ରଦାନ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲାପାଳ ସ୍ୱାଧାଦେବ ସିଂ ଖଡିଆଳ ଲୋୟରଇନ୍ଦ୍ର ଜଳସେଚନ ପ୍ରକଳ୍ପକୁ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରି ଫେରି ଯାଇଛନ୍ତି । ସେ ଡ୍ୟାମକୁ ବୁଲି ଦେଖିବା ସହ ବିଭାଗୀୟ ଅଧିକାରୀ ମାନଙ୍କ ସହ ବୈଠକ କରିଥିଲେ । ଏହି ଅବସରରେ ଲୋୟର ଇନ୍ଦ୍ର ବିସ୍ଥାପିତ ସହାୟତା ସମିତି ପକ୍ଷରୁ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ୧୪ ଦଫା ଦାବୀପତ୍ର ପ୍ରଦାନ କରାଯାଇଥିଲା । ଜିଲ୍ଲାପାଳ ଦାବୀପତ୍ରକୁ ଗ୍ରହଣ କରି ଦାବୀ ସବୁର ସମାଧାନ କରାଯିବ ବୋଲି ପ୍ରକାଶ କରିଥିଲେ । ଦାବୀପତ୍ରରେ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଅନ୍ତର୍ଗତ ୮ ଗୋଟି ବୁଡି ଗ୍ରାମର ପ୍ରାୟ ୨୫୦୦ ବିସ୍ଥାପିତ ପରିବାରଙ୍କୁ ପ୍ରଶାସନିକସ୍ତରରେ ବିଚାରଧିନଥିବା ସହାୟତା ରାଶିଙ୍କୁ ତୁରନ୍ତ ପ୍ରଦାନ କରାଯିବା, ଜମିର କ୍ଷତିପୂରଣ ପ୍ରଦାନ ବିରୋଧରେ ଜିଲା ଦୌରାଜଜ ନିମ୍ନ ଅଦାଳତରେ ଫଇସଲା ସରି ନିଷ୍ପି ହୋଇ ସାରିଥିବା ଜମିର କ୍ଷତିପୂରଣ ରାଶି ତୁରନ୍ତ ପ୍ରଦାନ କରିବା, ବିସ୍ଥାପିତ ଥଇଥାନ ସହାୟତା ରାଶି ନିର୍ଦ୍ଧାରିତ ଶେଷ ସମୟ ସୀମା ପର୍ଯ୍ୟନ୍ତ ଯୋଗ୍ୟ ବିବେଚିତ ସମସ୍ତ ବିସ୍ଥାପିତଙ୍କୁ ଥଇଥାନ ରାଶି ପ୍ରଦାନ କରିବା, ସମ୍ପୂର୍ଣ୍ଣ ବୁଡିଗ୍ରାମରେ ଭୂମିହୀନ ପ୍ରଜାଙ୍କୁ ୧୯୯୪ ଥଇଥାନ ନୀତି ଅନୁଯାୟୀ ଥଇଥାନ ରାଶି ପାଇଥିବା ବେଳେ ବର୍ତ୍ତମାନ ସେମାନଙ୍କ ଯୋଗ୍ୟ ପୁଅଝିଅ ମାନଙ୍କୁ ଥଇଥାନ ନୀତି ୨୦୦୬ ଅନୁଯାୟୀ ବିସ୍ଥାପିତ ରାଶି ପ୍ରଦାନ, ବିସ୍ଥାପିତ ହୋଇଥିବା ପରିବାରଙ୍କ ବକେୟା ଥିବା ଥଇଥାନ ରାଶି ନୂତନ ବସତିରେ କିଣିଥିବା ଜମି, ଘରଡିହର ରେଜିଷ୍ଟ୍ରେସନ ଫିଜ, ରକ୍ଷଣାବେକ୍ଷଣ, ପରିବହନ ଓ ଅନ୍ୟାନ୍ୟ ଆନୁସାଙ୍ଗିକ ଭ । ପ୍ରଦାନ, ପ୍ରତ୍ୟେକ ବିସ୍ଥାପିତଙ୍କୁ ବିସ୍ଥାପିତ ପରିଚୟ ପତ୍ର ପ୍ରଦାନ, ଅଧିଗୃହିତ ହୋଇଥିବା ଜମି ଉପରେ ରହିଥିବା ହିତାଧିକାରୀଙ୍କୁ ଚିରସ୍ଥାୟୀ ଭାବରେ ରହିବା ବ୍ୟବସ୍ଥା, ପ୍ରକଳ୍ପର ଥଇଥାନ ସହାୟତା ରାଶି ପାଇଁ ଯୋଗ୍ୟ ହିତାଧିକାରୀଙ୍କ ଚୟନ ପାଇଁ ନିର୍ଦ୍ଧାରିତ ଶେଷ ସମୟ ସୀମା ତାରିଖ ୦୧/୦୨/୨୦୧୪ କଟ ଅଫ ଡେଟ ପରିବର୍ତ୍ତେ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ଦିନକୁ ଶେଷ ସମୟ ସୀମା ଭାବରେ ଗ୍ରହଣ କରିବା, ବୁଡିଗ୍ରାମର ପ୍ରଜାଙ୍କୁ ଡିପି ଆକାରରେ ପାଉଣା ପ୍ରଦାନ, ବିସ୍ଥାପିତ ଯୁବକ ଯୁବତୀଙ୍କୁ କର୍ମସଂସ୍ଥାନ ଓ ନିଯୁକ୍ତି ପାଇଁ ପ୍ରଶିକ୍ଷଣ ପ୍ରଦାନ, ବିଭାଗୀୟ ଅବହେଳା କାରଣରୁ ୩୦ ଜଣରୁ ଅଧିକ ବିସ୍ଥାପିତ ୨୦୧୦ ମସିହାରେ ମଞ୍ଜୁର ହୋଇଥିବା ରାଶି ୨୦୧୫/୧୬ ରେ ପ୍ରଦାନ କରାଗଲା, ଯାହାକି ୨୦୧୪ କଟଅଫ ଡେଟ ମୁତାବକ ବକେୟା ରାଶି ପ୍ରଦାନ, ୧୮ ବର୍ଷରୁ ଅଧିକ ବର୍ଷର ପୁଅଝିଅ ମାନଙ୍କୁ ଥଇଥାନ ରାଶି ମିଳିବା ସକାଶେ ଆବେଦନ କରିବାକୁ କୁହାଯାଇଥିଲା କିନ୍ତୁ କିଛି ହିତାଧିକାରୀଙ୍କ ତାଲିକା ମଞ୍ଜୁର ପାଇଁ ସରକାରଙ୍କୁ ପଠାଯାଇଥିବା ବେଳେ କେତେକଙ୍କ ଆଜି ପର୍ଯ୍ୟନ୍ତ ପଠାଯାଇନଥିବା, ଜଳସମ୍ପଦ ବିଭାଗର ପତ୍ର ମୁତାବକ ବିସ୍ଥାପିତଙ୍କ ସମସ୍ୟାର ସମାଧାନ ସକାଶେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଦେଇଥିବା ଲିଖିତ ପ୍ରତିଶୃତି ୭ ବର୍ଷ ବିତି ଯାଇଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇପାରିନାହିଁ, ଏଣୁ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ଭଳି ଯଥା ପ୍ରମୁଖ ଦାବୀ ରହିଛି । ଏହି ଦାବୀପତ୍ର ପ୍ରଦାନ ବେଳେ ବିସ୍ଥାପିତ ସହାୟତା ସମିତିର ସଭାପତି ନିତ୍ୟାନନ୍ଦ ପ୍ରଧାନ ଏବଂ ସମ୍ପାଦକ ଗୋପିନାଥ ଗଉଡ ଉପସ୍ଥିତ ଥିଲେ ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

## ବାତ୍ୟା ଜନିତ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପ୍ରଦାନ ନେଇ ଦାବିପତ୍ର ପ୍ରଦାନ



ଖଣ୍ଡପଡା,(ପି.ଏନ): ଜୱାଦ ବାତ୍ୟାର ପ୍ରଭାବରେ ଅଦିନିଆ ଲଗାଣ ବର୍ଷା ଯୋଗୁଁ ଖଣ୍ଡପଡା ଅଂଚଳର ହଜାର ହଜାର ଚାଷୀ ପରିବାର ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି । କ୍ଷତିଗ୍ରସ୍ତ ଚାଷୀ ପରିବାରଗୁଡିକୁ ପ୍ରଶାସନ ପକ୍ଷରୁ ତୁରନ୍ତ ଚିହ୍ନଟ କରାଯାଇ କ୍ଷତ ପୁରଣ ବାବଦରେ ସହାୟତା ରାଶି ପ୍ରଦାନ ନିମନ୍ତେ ରାଜ୍ୟ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଦାବି ହୋଇଛି । ନବନିର୍ମାଣ କୃଷକ ସଂଗଠନର ନୟାଗଡ ଜିଲ୍ଲା ସଂଯୋଜିକା ମମତା ନାଥଙ୍କ ନେତୃତ୍ୱରେ ସଂଗଠନର ସହ ସଂଯୋଜକ ରଣଜିତ ଦଳବେହେରା, ସଦସ୍ୟ ଅଭିମନ୍ୟୁ ଗୁମାନସିଂ, ପ୍ରସନ୍ନ ପ୍ରଧାନ, ଅଜୟ ମହାନ୍ତି, ପ୍ରଦୀପ ସୁବୁଦ୍ଧି, ଚକ୍ରଧର ନାୟକ, ସୁରେଶ ଦାସ, ତ୍ରିନାଥ ନାୟକଙ୍କ ସମେତ ଖଣ୍ଡପଡା ବ୍ଲକ ଅଂଚଳର ଚାଷୀମାନେ ତହସିଲଦାର ପାର୍ଥସାରଥୀ ହାଁସଦାଙ୍କୁ ବୁଧବାର ଭେଟି ଏ ସଂପର୍କରେ ଏକ ଦାବିପତ୍ର ପ୍ରଦାନ କରିଥିବା ଜଣାଯାଇଛି । କ୍ଷତିଗ୍ରସ୍ତ ଚାଷୀମାନଙ୍କର ସଂପୂର୍ଣ୍ଣ ଋଣ ଛାଡ କରିବା, ଆସନ୍ତା ବର୍ଷକ ପାଇଁ ପ୍ରତିମାସରେ ଚାଷୀ ପରିବାରକୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ ନିମନ୍ତେ ନବନିର୍ମାଣ କୃଷକ ସଂଗଠନର କର୍ମକର୍ତାମାନେ ଦାବି କରିଛନ୍ତି । ସୂଚନାଯୋଗ୍ୟ ଧାନ ଅମଳ ସମୟରେ ଲଗାଣ ବର୍ଷା ଯୋଗୁଁ ଚାଷୀ ଜମିରୁ ଧାନ ଅମଳ କରିପାରିନଥିବା ବେଳେ ଜମିରେ ପଡିରହିଥିବା ପାଚିଲା ଧାନ ଗୁଡିକରୁ ଗଜା ବାହାରିଥିବାରୁ ଏ ଅଂଚଳର ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ନୟାଗଡ ଜିଲ୍ଲାପାଳ ଓ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ସଂଗଠନର ସଦସ୍ୟମାନେ ଦାବି କରିଛନ୍ତି ।

## ବିଧାୟକଙ୍କ କାର୍ଯ୍ୟକଳାପରେ ଅସନ୍ତୋଷ ପ୍ରକାଶ କରି ଦଳ ଛାଡିଲେ ବିଜୟ

ଖଣ୍ଡପଡା,(ପି.ଏନ): ଖଣ୍ଡପଡା ବିଧାୟକ ସୌମ୍ୟରଂଜନ ପଟ୍ଟନାୟକଙ୍କ ମେରୀରାୟ ନୀତି ଓ କାର୍ଯ୍ୟକଳାପରେ ତୀବ୍ର ଅସନ୍ତୋଷ ପ୍ରକାଶ କରି ବିଜେଡି ଦଳରୁ ଇସ୍ତଫା ଦେଇଛନ୍ତି ବରିଷ୍ଠ ସଂଗଠକ, ଲୋକ ପ୍ରତିନିଧି ତଥା ସିଂଘାପଡା ପଂଚାୟତର ସମିତି ସଭ୍ୟ ବିଜୟ କୁମାର ନନ୍ଦ । ଶ୍ରୀ ନନ୍ଦ ତାଙ୍କର ଇସ୍ତଫା ପତ୍ର ମାନ୍ୟବର ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ, ବିଜେଡି ରାଜ୍ୟ ସଂଗଠକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବିଜେଡିର ନୟାଗଡ ଜିଲ୍ଲା ପର୍ଯ୍ୟବେକ୍ଷକ ଥିବା ମନ୍ତ୍ରୀ ପଦ୍ମନାଭ ବେହେରା, ନୟାଗଡ ଜିଲ୍ଲା ବିଜୁ ଜନତା ଦଳ ସଭାପତି ରମେଶ କୁମାର ବେହେରାଙ୍କ ନିକଟକୁ ପ୍ରେରଣ କରିଥିବା ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ଖଣ୍ଡପଡା ଆଂଚଳିକ ସାମ୍ବାଦିକ ସଂଘ କାର୍ଯ୍ୟାଳୟ ପରିସରରେ ବୁଧବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଖଣ୍ଡପଡା ବିଧାୟକଙ୍କ ଏକାନ୍ତ ଅନୁଗତ ଭାବେ ଜଣାଶୁଣା ଶ୍ରୀ ନନ୍ଦ ଉପସ୍ଥିତ ରହି ବିଧାୟକଙ୍କ କାର୍ଯ୍ୟକଳାପକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ । ଏପରିକି ବିଜେଡି ଦଳରେ ତାଙ୍କୁ କିପରି କୋଣଠେସା କରାଯାଇଛି ସେ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ଏକଦା ଆମ ଓଡିଶା ଦଳ ପକ୍ଷରୁ ସମଗ୍ର ଖଣ୍ଡପଡା ନିର୍ବାଚନମଣ୍ଡଳୀର ମଙ୍ଗ ଧରି ସଭାପତି ଭାବେ ଦାୟିତ୍ୱ ତୁଲାଇଥିବା ଶ୍ରୀ ନନ୍ଦଙ୍କୁ ଖୋଦ ବିଧାୟକ ତାଙ୍କର କେତେକ ଅନୁଗତଙ୍କ ପ୍ରରୋଚନାରେ କିଭଳି ଅଣଦେଖା କରିଛନ୍ତି ସେ ସଂପର୍କରେ ଶ୍ରୀ ନନ୍ଦ ମତ ଦେଇଥିଲେ ।

## ସର୍ବ ସମ୍ମତିକ୍ରମେ ସରିଲା ପଲେଇ ଗ୍ରାମପଞ୍ଚାୟତର ଜନଶୁଣାଣୀ





ଚ଼ଣ୍ଡୀଖୋଲ,(ପି.ଏନ): ଜନସାଧାରଣଙ୍କ ସହମତିକ୍ରମେ ଆଜି ଯାଜପୁର ଜିଲ୍ଲା ଦର୍ପଣ ତହସିଲ ଅଧିନ ପଲେଇ ଗ୍ରାମ ପଞ୍ଚାୟତ ପରିସରରେ କୋଭିଡ ନିୟମକୁ ପ୍ରାଧାନ୍ୟ ଦେଇ ହେଉଥିବା ଜନ ଶୁଣାଣି ଶେଷ ହୋଇଯାଇଛି । ଓଡ଼ିଶା ଖଣି ନିଗମ ଦ୍ୱାରା ମହାପ୍ରଭୁ ଜଗନ୍ନାଥ ଧାମକୁ ଯିବାକୁ ଥିବା ଖଣ୍ଡେ ଲାଇଟ ପଥର ନିମନ୍ତେ ଯାଜପୁର ପଦୂଷଣ ବୋର୍ଡ ଏହି ଜନଶୁଣାଣୀ ତିନିଗୋଟି ବନ୍ଦରେଶ୍ୱର, କେଶରାଇ ପୁର ,ଓ ପଲେଇ ରାଜସ୍ୱ ଗ୍ରାମକୁ ନେଇ କରାଯାଇଥିଲା ।ଉକ୍ତ ଅଞ୍ଚଳର ଶତାଧିକ ଜନସାଧାରଣ ଯୋଗ ଦେଇଥିବା ବେଳେ କିଛି ମୁରବୀ ନିଜ ଅଞ୍ଚଳ ହେଉଥିବା ସାଧାରଣ ସମସ୍ୟାକୁ ପ୍ରକାଶ କରି ସରକାର ଏହାକୁ ସୁଧାରିବାକୁ ଅନୁରୋଧ କରିଥିଲେ ।ଆହୁରି ମଧ୍ୟ ମହାପ୍ରଭୁ ଜଗନ୍ନାଥଙ୍କ ଧାମରେ ଆମ ଅଞ୍ଚଳର ପଥର ଲାଗିବ ଏହା ଆମପାଇଁ ଗୌରବ ର କଥା ବୋଲି ଅଞ୍ଚଳ ବାସିମତ ଦେଇଥିଲେ ।ଏହି ଜନଶୁଣାଣି ରେ ପଲେଇ ଗ୍ରାମ ସରପଂଚ଼, ବାସନ୍ତୀ ହେମ୍ବ୍ରମ, ସମତି ସଭ୍ୟ ସଞ୍ଜୁ ଦେହୁରୀ , ବନ୍ଦରେଶ୍ୱର ଗ୍ରାମର ଅଶୋକ କୁମାର ସାମଲ, ଚ଼ିତ୍ତରଞ୍ଜନ ମହାରଣା, ବ୍ରଜକିଶୋର ମହାରଣା,ମହେଶ ସାମଲ, ପ୍ରଫୁଲ୍ଲ ଦାସ, କେଶରାଇପୁର ଗ୍ରାମର ସୁନାକର ପରିଡା, ନିଲୁପ୍ରସାଦ ଶିଙ୍ଗ, ଅରୁଣ ବାରିକ, ଓ ପଲେଇ ଗ୍ରାମବିକ୍ରମ କେଶରୀ ପ୍ରଧାନ ,ଶରତ କୁମାର ଜେନା, ପ୍ରମୁଖ ଶତାଧିକ ଜନସାଧାରଣ ଏହି ଜନ ଶୁଣାଣି କୁ ସମ୍ମତି ପ୍ରଦାନ କରିବା ସହ ସ୍ୱାଗତ କରିଥିଲେ । ଯାଜପୁର ଏଡିଏମ ଅକ୍ଷୟ କୁମାର ମଲ୍ଲିକ , ଦର୍ପଣ ତହସିଲଦାର ପ୍ରଦୀପ କୁମାର ସେଠୀ ,ପୁରୀ ଶ୍ରୀମନ୍ଦିର ପ୍ରଶାସନ ଉପ ଅଧିକାରୀ ,ସୁବ୍ରତ କୁମାର ବେହେରା, ଯାଜପୁର ପ୍ରଦୂଷଣ ବୋର୍ଡ ଆରଓ ,ପି କେ ବେହେରା , ଏମ ଏମ ସାହୁ ,ଓଏମସି ,ଜିଏମ( ପି ଏଣ୍ଡ ଏ) ଅଶୋକ କୁମାର ବେହେରା, ଆର ଏମ ଗଙ୍ଗାଧର ନାୟକ , ଓଏଏସ, ସିଭିଓ ଦେବେନ୍ଦ୍ର କୁମାର ନନ୍ଦ ,ସର୍ଭ ? ମ୍ୟାନେଜର ପ୍ରଶାନ୍ତ କୁମାର ପଟ୍ଟନାୟକ , ମାଇନସ ମ୍ୟାନେଜର ଅଂଶୁମାଳୀ ସାହୁ ବିଡ଼ିଓ ଅଜିତ ନାରାୟଣ ପ୍ରସାଦ ଗିରି ଜନଶୁଣାଣୀ ରେ ଉପସ୍ଥିତ ରହି ସାଧାରଣ ଲୋକଙ୍କୁ ଶୁଣୁଥିବା ବେଳେ ,ବାଲିଚ଼ନ୍ଦ୍ରପୁର ଥାନା ଅଧିକାରୀ ରମାକାନ୍ତ ମୁଦୁଲି ,ଓ ଜେନାପୁର ଥାନା ଅଧିକାରୀ ଉମାକାନ୍ତ ନାୟକ,ଆଇନ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ । ଯଦି କାହାର କିଛି ସମସ୍ୟା ଅଛି,ଆମକୁ ଜଣାଇଲେ ଆମେ ନିଜେ ଏହାର ସମାଧାନ କରିବୁ ଯଦି ନ ପାରୁ ତାହେଲେ ମଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଗୋଚ଼ର ରେ ଆଣିବୁ ବୋଲି ଶେଷରେ ଏଡିଏମ ଅକ୍ଷୟ କୁମାର ମଲ୍ଲିକ ପ୍ରକାଶ କରିଥିଲେ । ଶାନ୍ତି ଶୃଙ୍ଖଳାରେ ସାରିଥିବାରୁ ସମସ୍ତ ଙ୍କୁ ଧନ୍ୟବାଦ ମଧ୍ୟ ଦେଇଥିଲେ ।

## ଭୁବନେଶ୍ୱରରେ ଖୋଲିଲା ସ୍ୱନ୍ଦନ ଡାଇଗ୍ନୋଷ୍ଟିକ୍ ସେଣ୍ଟର

ଭୁବନେଶ୍ୱର, (ପି.ଏନ):ପୂର୍ବ ଭାରତର ସର୍ବବୃହତ ରୋଗ ନିରୁପଣ ସଂସ୍ଥା ସ୍ୱନ୍ଦନ ପକ୍ଷରୁ ଭୁବନେଶ୍ୱରର ସିଆରପି ଛକଠାରେ ଏକ ନୂତନ ଡାଇଗ୍ନୋଷ୍ଟିକ ସେଣ୍ଟର ଖୋଲିଅଛି । ପର୍ବ ଭାରତର ବିଭିନ୍ନ ରାଜ୍ୟ ଯଥା ପଶ୍ଚିମବଙ୍ଗ,ଆସାମ,ବିହାର ଓ ଓଡିଶା ସରକାରଙ୍କ ମିଳିତ ସହଯୋଗରେ ସ୍ୱନ୍ଦନ ଏମ୍ ଆର ଆଇ ଓ ସିଟିସ୍କାନ ସେବା ଯୋଗାଇ ଆସୁଅଛି । ତିନୋଟି ରାଜ୍ୟରେ ସ୍ୱନ୍ଦନ ନିଜସ୍ୱ ୭୧ ଟି ଡାଇଗ୍ନୋଷ୍ଟିକ୍ ସେଣ୍ଟର କାର୍ଯ୍ୟ କରି ସୁନାମ ଅର୍ଜନ କରିବା ସହିତ ଲୋକଙ୍କ ଭରଷା ଯୋଗ୍ୟ ହୋଇପାରିଛି । ଓଡିଶାରେ ଖୋଲାଯାଇଥିବା ଏହି ସେଣ୍ଟରରେ ଅତ୍ୟାଧୁନିକ ପାଥୋଲଜି ଟେଷ୍ଟ, ଥ୍ରୀ ଟି ୬୫ ବୋନ୍ ଏମ୍ ଆର ଆଇ ସ୍କାନ, ୫୦୦ ସାଇଜ କାଡିଆକ୍ ସିଟିସ୍କାନ, ଫୁଲ ରୁମ୍ ଡି ଆର ଏକ୍ସରେ ସହିତ ଏଲ ଏଲ ଆଇ ଏନସିଭି/ ଇଏମଜି/ବେରା, ୫ଡି ଅଲ୍ଟ୍ରାସୋନଗ୍ରାଫି, ବିଏମଡି/ଡିଏକ୍ସଏ ସ୍କାନ, ମମୋଗ୍ରାଫି ଓ ଏଣ୍ଡୋସ୍କୋପି ଇତ୍ୟାଦି ଅତ୍ୟାଧୁନିକ ଯନ୍ତ୍ରପାତି ଏବଂ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ପରୀକ୍ଷଣ କରାଯିବ ବୋଲି ସ୍ୱନ୍ଦନର ପରିଚାଳନା ମୁଖ୍ୟ ତଥା ଅଧକ୍ଷ ପିଜୁସ କାନ୍ତି ପାଲ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧରେ କମ୍ପାନୀ ବୋର୍ଡ ନିର୍ଦ୍ଦେଶକ ପାର୍ଥ ସାରଥି ମଣ୍ଡଳ, ମନୋଜ ପତି ଓ ଓଡିଶା ପ୍ରୋଜେକ୍ଟ ହେଡ ସତ୍ୟ ସୁନ୍ଦର ବାସା ଉପସ୍ଥିତ ଥିଲେ ।

## ଉମାଦେଇବ୍ରହ୍ମପୁର ଗ୍ରାମ ପଂଚାୟତରେ ବିଜୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ





ବାଲିଅନ୍ତା,(ପି.ଏନ) : ବାଲିଅନ୍ତା ବ୍ଲକ୍ ଅନ୍ତର୍ଗତ ଉମାଦେଇବ୍ରହ୍ମପୁର ଗ୍ରାମ ପଂଚାୟତର ପ୍ରସିଦ୍ଧ ତନ୍ତ୍ର ପୀଠ ମହାମାୟା ୬୪ ଯୋଗିନୀ ଅତିଥି ଭବନ ନିକଟରେ ଓଡିଶା ସରକାରଙ୍କ ଦ୍ୱରା ପ୍ରଦତ ବିଜୁ ସ୍ୱସ୍ଥ୍ୟ ବୀମା କାର୍ଡର ବିତରଣ ଶୁଭାରମ୍ଭ କରାଯାଇଛି । ସ୍ଥାନୀୟ ସରପଂଚ ସୁକାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ରାଜ୍ୟ ସଂସ୍କୃତି ଓଡିଆ ଭାସା ସାହିତ୍ୟ ଓ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଜ୍ୟୋତି ପାଣିଗ୍ରାହି ମୁଖ୍ୟ ଅତିଥିଭାବେ ଯୋଗ ଦେଇ କାର୍ଡର ସୁବିଧା ସୁଯୋଗ ବିଷୟରେ ବିଷଦ ଭାବେ ସଭାରେ ପ୍ରକାଶ କରି କହିଲେ କାର୍ଡରେ ପୁରୁଷମାନଙ୍କ ପାଇଁ ୫ ଲକ୍ଷ ଟଙ୍କା ଓ ମହିଳାମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କା । ଓଡିଶା ସରକାର ବିଭିନ୍ନ ସରକାରୀ ଓ ବେସରକାରୀ ଚିକିସ୍ତାଳୟରେ ସେବା ପାଇଁ ସୁବିଧା ସୁଯୋଗ ଉପଲବ୍ଧ ହେବ । ଅତିଥିଭାବେ ଜୟଦେବ ନିର୍ବାଚନ ମଣ୍ଡଳୀର ବିଧାୟକ ଡଃ ଅରବିନ୍ଦ ଢାଲୀ ଯୋଗ ଦେଇ ସରକାରଙ୍କ ବିଭିନ୍ନ ଉନ୍ନୟନ ଜନହିତକାରୀ ଯୋଜନା ବିଷୟରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀଙ୍କର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସମସ୍ତ ସୁବିଧା କିପରି ସାଧାରଣ ଲୋକଙ୍କ ନିକଟରେ ପଂହଚି ପାରିବ ସେଥିରେ ଓଡିଶାର ୪କୋଟି ୫୦ ହଜାର ଜନସାଧାରଣ ଲାଭ ପାଇବେ ତାହା ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ଭିତରେ ବାଲିଅନ୍ତା ବିଡିଓ ନାରାୟଣ ଚନ୍ଦ୍ର ନାୟକ, ସମତି ଅଧକ୍ଷ ସୁଚିତ୍ରା ଜେନାମଣି, ବିପିଏମ୍ ରାଜଲକ୍ଷ୍ମୀ ପଣ୍ଡା, ସ୍ନେହାଞ୍ଜଳୀ ସ୍ୱାଇଁ, ଶୁଶ୍ରୀ ସଂଗିତା ବେଉରା ଓ ଅଜୟ ସୁନ୍ଦରାୟ ପ୍ରମୁଖ ଉପସ୍ଥିତ ଥିଲେ ।

## ଶତାୟୁ ପୁରୁଷଙ୍କ ସ୍ମୃତି ଚାରଣ ସଭା

ଚଣ୍ଡିଖୋଲ, (ପି.ଏନ୍): ଚଣ୍ଡିଖୋଲ ନିକଟସ୍ଥ ପଟୁଣିଆ ପଂଚାୟତ ଅଧିନ ରାଧାଦେଇପୁର ଗ୍ରାମର ସ୍ୱର୍ଗତ ନିତ୍ୟାନନ୍ଦ ଗନ୍ତାୟତ(୧୦୦)ଙ୍କ ସ୍ମୃତି ଚାରଣ ସଭା ଜିଲା ପୂଜ୍ୟପୂଜା ପରିଷଦ ଆନୁକୂଲ୍ୟରେ ସେହି ଗ୍ରାମର ଶ୍ରୀ ହନୁମାନ ଜୀଉଙ୍କ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ସ୍ମୃତି ଚାରଣ ସଭାରେ ପୂଜ୍ୟପୂଜା ପରିଷଦର ଆବାହକ ଅଭିମନ୍ୟୁ ଧଳ ଅଧକ୍ଷତା କରିଥିଲେ । ଏଥିରେ ଅଧ୍ୟାପକ ଚନ୍ଦନ ପ୍ରଧାନ, ପରମାନନ୍ଦ ସ୍ୱାଇଁ, ପ୍ରାକ୍ତନ ସରପଂଚ କନକଲତା ଗନ୍ତାୟତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ । ସ୍ୱର୍ଗତ ଗନ୍ତାୟତ ପ୍ରାରମ୍ଭରୁ ସଙ୍କିର୍ତ୍ତନ ସହିତ ଜଡ଼ିତ ହୋଇ ପ୍ରଭୁ ଶ୍ରୀ ଜଗନ୍ନାଥ, ମହାପୁରୁଷ ଅଚ୍ୟୁତାନନ୍ଦ, ହାଡ଼ିଦାସ ଓ ଭଗବାନ ଶ୍ରୀରାମଙ୍କ ଭଜନ ଗାଇ ଲୋକ ପ୍ରିୟତା ଅର୍ଜନ କରିଥିଲେ । ସେ ମଧ ସୁଦକ୍ଷ କଳାପ୍ରେମୀ ଥିଲେ, କଳାପ୍ରେମୀ ଥାଇ ଏ ଅଂଚଳରେ ଜଶ୍ୱସୀ ଲାଭ କରିଥିଲେ ବୋଲି ଅତିଥିମାନେ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । ସ୍ମୃତି ଚାରଣ ସଭାରେ ସ୍ୱର୍ଗତ ଗନ୍ତାୟତଙ୍କ ହାତ ଗଢ଼ା ସଂକୀର୍ତ୍ତନ ମଣ୍ଡଳୀମାନଙ୍କ ମଧରୁ ନଟବର ଗନ୍ତାୟତ, ବଟକୃଷ୍ଣ ସାମଲ, ଗଗନ ବିହାରୀ ଗନ୍ତାୟତ, ରସାନନ୍ଦ ଦାସ, ହେମନ୍ତ ବାହାଲିଆ, ବିବେକ ଗନ୍ତାୟତ, ନିରଞ୍ଜନ ଗନ୍ତାୟତ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଗନ୍ତାୟତଙ୍କ ବହୁମୁଖୀ ପ୍ରତିଭାର ଯଶଗାନ କରିଥିଲେ । ସ୍ମୃତି କମିଟି ପକ୍ଷରୁ ସମସ୍ତ ସଂକୀର୍ତ୍ତନ ମଣ୍ଡଳୀର ସଭ୍ୟମାନଙ୍କୁ ଉତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିରେ ରାମେଶ୍ୱର କୀର୍ତ୍ତନ ମଣ୍ଡଳୀ ଆୟୋଜକ ଥିଲେ । ସ୍ୱର୍ଗତ ଗନ୍ତାୟତଙ୍କ ଜ୍ୟେଷ୍ଠପୁତ୍ର ନିର୍ମଳ ଚନ୍ଦ୍ର ଗନ୍ତାୟତ କୃତଜ୍ଞତା ଜ୍ଞାପନ କରିଥିଲେ ।

## ପ୍ରତାପ ଶାସନ ପଂଚାୟତରେ ନୂତନ ମାର୍କେଟ କମ୍ପେଲ୍ସ ଉଦ୍‌ଘାଟନ ଉତ୍ସବ





ବାଲିଅନ୍ତା,(ପି.ଏନ): ବାଲିଅନ୍ତା ବ୍ଲକ ଅନ୍ତର୍ଗତ ପ୍ରତାପଶାସନ ଗ୍ରାମ ପଂଚାୟତର ମେଡିକାଲ ସମ୍ମୁଖ ଭାଗରେ ନୂତନ ଭାବରେ ନିର୍ମାଣ କରାଯାଇଥିବା ୧୬ ବଖରା ବିଶିଷ୍ଟ ଦୋକାନ ଗୃହ ଯାହାର ବ୍ୟୟ ମୂଲ୍ୟ ୮୦ ଲକ୍ଷ ଟଙ୍କାର ମାର୍କେଟ କମ୍ପେଲ୍ସ ଉଦ୍‌ଘାଟିତ ହୋଇଯାଇଛି । ଏହି ଉଦ୍‌ଘାଟନ ଉତ୍ସବରେ ସ୍ଥାନୀୟ ସରପଂଚ ଭାଗ୍ୟଧର ନନ୍ଦୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥିଭାବେ ସରକଣା ପଂଚାୟତର ସରପଂଚ ସୂର୍ଯ୍ୟନାରାୟଣ ଦାସ, ପୂର୍ବତନ ସରପଂଚ କପିଳ ମହାରଣା, ବସନ୍ତ କୁମାର ସାହୁ, ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ, ଯୁବନେତା ଶିବ ମଲ୍ଲିକ, ନିର୍ମାଣ ଏଜୁକେସନ ଟ୍ରଷ୍ଟର ଅଧକ୍ଷ ସିଦ୍ଧେଶ୍ୱର ମହାନ୍ତି, ପଂଚାୟତର ସମସ୍ତ ୱାର୍ଡ ସଭ୍ୟ ଓ ସଭ୍ୟା, ମହିଳା ମଣ୍ଡଳ ସଦସ୍ୟା, ପଂଚାୟତର ଶହ ଶହ ଜନସାଧାରଣ ଯୋଗ ଦେଇଥିଲେ । ଏହି ସଭାରେ ସରପଂଚ ପଂଚାୟତର ବାର୍ଷିକ ଆୟ ୨୦୧୭ ମସିହାରେ ୩ ଲକ୍ଷ ଟଙ୍କା ଥିବା ବେଳେ ଏହା ଏବେ ବାର୍ଷି ଅନୁମାନିକ ୧୮ ଲକ୍ଷ ଟଙ୍କା ହେବ ବୋଲି ସଭାରେ ପ୍ରକାଶ କରିଥିଲେ । ବକ୍ତାମାନେ ପଂଚାୟତର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ନେଇ ସରପଂଚଙ୍କ କାର୍ଯ୍ୟକଳାପକୁ ବେସ୍ ପ୍ରଶଂସା କରିଥିଲେ । ଏହି ସଭାରେ ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ ପଂଚାୟତର ରଥିଜେମା ନଦୀ ପଠାରେ ସରକାରଙ୍କ ଜଂଘଲ, ପାଣିପାଗ ପରିବର୍ତନ ଓ ପରିବେଶ ବିଭାଗ ଦ୍ୱାରା ରୋପିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସରପଂଚଙ୍କ ସହାୟତାକୁ ସାଧୁବାଦ ଜଣାଇଥିଲେ । ଏହି ସଭାରେ ଏସିଆନ ଥାଇ ବକ୍ସିଂ ଚମ୍ପିଆନ ସ୍ୱର୍ଣ୍ଣ ବିଜେତା ଶ୍ରୀଲିପ୍ସା ଆଚାର୍ଯ୍ୟ ଓ ପ୍ରଶିକ୍ଷକ ଉମାକାନ୍ତ ବେହେରାଙ୍କୁ ସମ୍ବୋର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଜିଲ୍ଲା ପ୍ରକଳ୍ପଅଧିକାରୀ, ବିଡିଓ ଓ ତହସିଲଦାର ଯୋଗା ଦେବାର କାର୍ଯ୍ୟକ୍ରମ ଥିବା ବେଳେ ତାଙ୍କର ଅନୁପସ୍ଥିତ ସାଧାରଣରେ ଚର୍ଚ୍ଚା ହେଉଛି ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray